# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ନଭେମ୍ବର ୨୩/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 23/2025 | Page 16 | ₹ 7.00 | BALASORE

୫୧ଶ ଭାଗ ୩୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 357 | ମୂଲ୍ୟ ₹୭/-





# ଏସ୍ଆଇଆର୍ କାର୍ଯ୍ୟଚାପରୁ ୩ ବିଏଲ୍ଓଙ୍କ ମୃତ୍ୟୁ

**ବିହାର ପରେ ଏବେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶ କ୍ରମେ ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର୍) କାର୍ଯ୍ୟ ଜାରି ରହିଛି । ଏଥିରେ ବୁଥ୍‌ସ୍ତରୀୟ ଅଧିକାରୀ( ବିଏଲ୍ଓ)ଙ୍କୁ ନିୟୋଜିତ କରାଯାଇଛି। ସେମାନେ ଘରକୁ ଘର ବୁଲି ଲୋକଙ୍କୁ ଫର୍ମ ଦେବା ସହ ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି। ହିସାବ ଅନୁଯାୟୀ ଜଣେ ବିଏଲ୍ଓ ଅନ୍ୟୂନ ୯୫୬ ଭୋଟରଙ୍କ ତାଲିକା ସଂଶୋଧନ କରିବାର ଅଛି । ଟାର୍ଗେଟ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନ ଭୟ ରହୁଥିବାରୁ କାର୍ଯ୍ୟ ଚାପରେ କେତେଜଣ ବିଏଲ୍ଓଙ୍କ ପ୍ରାଣହାନି ଘଟୁଥିବା ବେଳେ ସ୍ଥଳବିଶେଷରେ ଆତ୍ମହତ୍ୟା କରୁଥିବା ଖବର ଶୁଣିବାକୁ ମିଳୁଛି । ୨୨ ନଭେମ୍ବରରେ ପଶ୍ଚିମବଙ୍ଗରେ ଜଣେ ଆତ୍ମହତ୍ୟା କରିଥିବାବେଳେ ମଧ୍ୟପ୍ରଦେଶରରେ ଦୁଇ ଜଣଙ୍କ ଜୀବନ ଯାଇଛି। ଏମାନଙ୍କୁ ମିଶାଇ ଅଦ୍ୟାବଧି ୧୦ ଜଣ ବିଏଲ୍ଓଙ୍କ ଜୀବନ ଯାଇଥିବା କୁହାଯାଉଛି।**

**ନୂଆଦିଲ୍ଲୀ,୨୨।୧୧**

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର୍) ସଫଳତାର ସହ ସମ୍ପନ୍ନ ହେବା ପରେ ଭାରତର ନିର୍ବାଚନ କମିଶନ (ଇସିଆଇ) ଦେଶବ୍ୟାପୀ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍ ଆରମ୍ଭ କରିବା ପାଇଁ ଗତ ୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଗୋଆ, ଗୁଜରାଟ, ପଣ୍ଡିଚେରୀ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲକ୍ଷାଦ୍ୱୀପ ପାଇଁ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପରୋକ୍ତ ରାଜ୍ୟଗୁଡ଼ିକରେ ବିଭିନ୍ନ ରାଜନୈତିକ ଦଳ ଏସ୍ଆଇଆର୍‌କୁ ବିରୋଧ କରିଆସୁଥିବାବେଳେ କାର୍ଯ୍ୟଚାପରୁ ଇତିମଧ୍ୟରେ ୧୦ ଜଣ ବୁଥ୍‌ସ୍ତରୀୟ କର୍ମଚାରୀ (ବିଏଲ୍ଓ)ଙ୍କ ମୃତ୍ୟୁ ଘଟିଲାଣି। ଏସ୍ଆଇଆର୍‌ରେ ନିୟୋଜିତ କର୍ମଚାରୀଙ୍କ ମୃତ୍ୟୁ ଘଟଣାରେ ଉତ୍ତେଜନା ବୃଦ୍ଧି ପାଇଛି।

ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରେ ନିୟୋଜିତ ବିଏଲ୍ଓମାନଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଚାପ ପଡୁଛି। ମଧ୍ୟପ୍ରଦେଶର ରାଇସେନ ଏବଂ ଡାମୋହ ଜିଲାରେ ଶନିବାର ୨ ଜଣ ଶିକ୍ଷକ ତଥା ବିଏଲ୍ଓଙ୍କ ମୃତ୍ୟୁ ଘଟିଥିବାବେଳେ ଏଥିପାଇଁ ପରିବାର ଲୋକେ କାର୍ଯ୍ୟଚାପକୁ ଦୋଷ ଦେଇଛନ୍ତି। ରାଇସେନ୍ ଜିଲାରେ ଜଣେ ବିଏଲ୍ଓ ୬ ଦିନ ହେଲା ☞ପୃଷ୍ଠା-୪


‘ଓସିପିଏଲ୍ -ଓପିଜିସି ମିଶ୍ରଣ ହେବନାହିଁ’ ପୃଷ୍ଠା-୫

ଆଜିର ସମ୍ପାଦକୀୟ
ପ୍ରଭାବୀ ସ୍ୱର

ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ଭାରତ ପୃଷ୍ଠା-୧୪






## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

No. T-104: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା **ତା୨୪।୧୧।୨୦୨୫ (ସୋମବାର)ଦିନ ୧୦.୩୦ ଘଟିକା** ସମୟରେ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗତ ତା୦୮।୦୯।୨୦୨୫ରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣୀ କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ପୁନଃ ପଞ୍ଜୀକରଣ କରିବା ଆବଶ୍ୟକତା ନାହିଁ। ସେପ୍ଟେମ୍ବର ୦୮ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡ୍‌କୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ୍ ମ୍ୟାପ୍ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିପାରିବେ।

OIPR-

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ






ଉତ୍ତରପ୍ରଦେଶର ପ୍ରୟାଗରାଜର ସଂଗମଠାରେ ବୋଟ୍‌ଗୁଡ଼ିକ ଉପରେ ଶନିବାର ଦଳଦଳ ବିଦେଶାଗତ ପକ୍ଷୀ ଉଡ଼ୁଛନ୍ତି।

# କପ୍ ୩୦ ଜଳବାୟୁ ସମିଟ୍‌ରେ ଅଚଳାବସ୍ଥା

## ଚିଠା ଚୁକ୍ତିନାମାକୁ ଇୟୁର ପ୍ରତ୍ୟାଖ୍ୟାନ

ବେଲେମ୍ (ବ୍ରାଜିଲ),୨୨।୧୧

ଚିଠା ଚୁକ୍ତିନାମା ଗ୍ରହଣ କରିବାକୁ ୟୁରୋପୀୟ ସଂଘ (ଇୟୁ) ମନା କରିଦେବା ଫଳରେ ବ୍ରାଜିଲର ବେଲେମ୍‌ଠାରେ ଚାଲିଥିବା କପ୍ ୩୦ ଜଳବାୟୁ ସମିଟ୍‌ରେ ଅଚଳାବସ୍ଥା ଦେଖାଦେଇଛି ଓ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ସବୁଜଗୃହ ବାଷ୍ପ ନିର୍ଗମନ ବନ୍ଦ କରିବା ପାଇଁ ବୈଶ୍ୱିକ ଉଦ୍ୟମରେ ଉକ୍ତ ଚିଠା ଡିଲ୍ ବିଫଳ ହୋଇଥିବା ଇୟୁ କହିଛି।
ବେଲେମ୍‌ର ଆମାଜନ ସିଟିରେ ୨ ସପ୍ତାହ ହେଲା ଚାଲିଥିବା ଜଳବାୟୁ ସମ୍ମିଳନୀ ଶୁକ୍ରବାର ସନ୍ଧ୍ୟାରେ ଶେଷ ହେବାର ଥିଲା। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବୁଝାମଣା ଜାରି ରହିଥିବାରୁ ସମିଟ୍‌ର ସମୟସୀମାକୁ ବଢ଼ାଇ ଦିଆଯାଇଛି। ଜୀବାଶ୍ମ ଇନ୍ଧନର ଭବିଷ୍ୟତ ସମେତ ବିଭିନ୍ନ ପ୍ରସଙ୍ଗରେ ରହିଥିବା ମତଭେଦ ଦୂର କରିବା ପାଇଁ ଆୟୋଜକ ବ୍ରାଜିଲ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଥିଲା। ସମବେତ ବୈଶ୍ୱିକ କାର୍ଯ୍ୟାନୁଷ୍ଠାନ ଆଗକୁ ବଢ଼ିବାର ଶ୍ରେଷ୍ଠ ପନ୍ଥା ବୋଲି ବାର୍ତ୍ତା ଦେବାକୁ ବ୍ରାଜିଲ କହିଥିଲା। ଯାହା ଆମ ଭିତରେ ବିଭାଜନ ସୃଷ୍ଟି କରୁଛି, ତାହା କେବେ ଏଜେଣ୍ଡା ହୋଇପାରେନା ବୋଲି କପ୍ ୩୦ ଅଧ୍ୟକ୍ଷ ଆଣ୍ଡ୍ରେ କୋରେଆ ଡୋ ଲାଗୋ ସାର୍ବଜନିକ ପୂର୍ଣ୍ଣ ଅଧିବେଶନରେ ପ୍ରତିନିଧିମାନଙ୍କୁ କହିଥିଲେ। କେତେକ ବିକାଶଶୀଳ ଅର୍ଥନୀତି ଇୟୁର ଆଭିମୁଖ୍ୟକୁ ବିରୋଧ କରିଛନ୍ତି। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଏହି ବ୍ଲକ୍ ଗରିବ ଦେଶଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ନିମନ୍ତେ ସେମାନେ ଦାବି କରିଛନ୍ତି। ଆମେ କେବଳ ଗୋଟିଏ ମାର୍ଗରେ କାର୍ଯ୍ୟ କରିପାରିବା ନାହିଁ। ଯଦି ଜୀବାଶ୍ମ ଇନ୍ଧନ ପାଇଁ ଏକ ମାର୍ଗ ରହିଛି ତେବେ ଜଳବାୟୁ ଫାଇନାନ୍ସ ଲାଗି ମଧ୍ୟ ଏକ ମାର୍ଗ ରଖିବାକୁ ହେବ ବୋଲି ବିକାଶଶୀଳ ରାଷ୍ଟ୍ରର ଜଣେ ମଧ୍ୟସ୍ଥ କହିଛନ୍ତି। ଜୀବାଶ୍ମ ଇନ୍ଧନ, ଅଙ୍ଗାରକାମ୍ଳ ଉତ୍ସର୍ଜନକୁ ଦ୍ରୁତ ବେଗରେ ହ୍ରାସ କରିବା ଏବଂ ଅର୍ଥ ବ୍ୟବସ୍ଥାକୁ ନେଇ ମତଭେଦ ଯୋଗୁ ବାର୍ଷିକ ସମ୍ମିଳନୀରେ ସହମତିରେ ପହଞ୍ଚିବା କଷ୍ଟକର ହୋଇଛି। ଚିଠା ଚୁକ୍ତିନାମାରେ ଫସିଲ୍ ଫୁଏଲ୍ ସମ୍ପର୍କରେ ଉଲ୍ଲେଖ ନ ଥିବାବେଳେ ଉକ୍ତ ପ୍ରସଙ୍ଗ ଉପରେ କେତେକ ବିକଳ୍ପକୁ ବାଦ୍ ଦିଆଯାଇଛି।

# ଜାନୁଆରୀ ସୁଦ୍ଧା ନୂଆ ଭାଜପା ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୨।୧୧

ବିହାର ବିଧାନସଭା ନିର୍ବାଚନରେ ଭାଜପାର ବୃହତ୍ ବିଜୟ ପରେ ଏବେ ଦଳର ନୂଆ ଅଧ୍ୟକ୍ଷ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୯ ରାଜ୍ୟରେ ସାଂଗଠନିକ ନିର୍ବାଚନ ଶେଷ ହୋଇଥିବାବେଳେ ଉତ୍ତରପ୍ରଦେଶ ଓ କର୍ନାଟକରେ ତାହା ଅଟକି ରହିଛି। ଆସନ୍ତାବର୍ଷ ଜାନୁଆରୀ ସୁଦ୍ଧା ନୂଆ ଅଧ୍ୟକ୍ଷ ନିର୍ବାଚିତ ହୋଇଯିବେ ବୋଲି ଆଶା କରାଯାଉଛି। ବର୍ତ୍ତମାନର ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଉତ୍ତରାଧିକାରୀ କିଏ ହେବ ତାକୁ ନେଇ କଳ୍ପନାଜଳ୍ପନା ଜାରି ରହିଛି। ପରବର୍ତ୍ତୀ ଅଧ୍ୟକ୍ଷ ପଦ ପାଇଁ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୂପିନ୍ଦର ଯାଦବ ଏବଂ ଶିବରାଜ ସିଂ ଚୌହାନଙ୍କ ନାମ ଚର୍ଚ୍ଚାରେ ରହିଛି।

# ପାକିସ୍ତାନ ଦେଇ ଭାରତ ଆସୁଥିଲା ଚାଇନା ଅସ୍ତ୍ର

## ବଡ଼ ଅନ୍ତର୍ଜାତୀୟ ର୍‍ୟାକେଟ୍‌ର ପର୍ଦ୍ଦାଫାଶ

ନୂଆଦିଲ୍ଲୀ,୨୨।୧୧



ଗିରଫ ଅସ୍ତ୍ର ଚୋରାଚାଲାଣକାରୀ।



ଜବତ ବିଦେଶୀ ପିସ୍ତଲ।

ଦିଲ୍ଲୀ ପୋଲିସ ଏକ ବଡ଼ଧରଣର ଅନ୍ତର୍ଜାତୀୟ ଅସ୍ତ୍ର ଚୋରା କାରବାର ର୍‍ୟାକେଟ୍‌ର ପର୍ଦ୍ଦାଫାଶ୍ କରିଛି। ଉକ୍ତ ର୍‍ୟାକେଟ୍ ଚାଇନା ଏବଂ ତୁର୍କୀ ନିର୍ମିତ ଅସ୍ତ୍ର ଭାରତକୁ ପଠାଉଥିଲେ। ଉକ୍ତ ସିଣ୍ଡିକେଟ୍ ସହ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟରସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ସମ୍ପୃକ୍ତି ରହିଛି। ଚାଇନା ଓ ତୁର୍କୀ ନିର୍ମିତ ଅତ୍ୟାଧୁନିକ ପିସ୍ତଲ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପାକିସ୍ତାନରେ ପହଞ୍ଚିବା ପରେ ସେଠାରୁ ଡ୍ରୋନ୍ ଯୋଗେ ଭାରତକୁ ଚୋରାଚାଲାଣ ହେଉଥିଲା ବୋଲି ପୋଲିସ କହିଛି। ପୋଲିସ ଏହି ଗ୍ୟାଙ୍ଗ୍‌ର ୪ ପ୍ରମୁଖ ସଦସ୍ୟଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ପଞ୍ଜାବର ମୋଷ୍ଟ୍‌ୱାଣ୍ଟେଡ୍ ଅପରାଧୀ ମନଦୀପ୍ ଓ ତାଙ୍କର ୨ ଘନିଷ୍ଠ ସହଯୋଗୀ ଉତ୍ତରପ୍ରଦେଶର ରୋହନ ଏବଂ ମୋନୁ ରହିଛନ୍ତି। ସେମାନଙ୍କଠାରୁ ୧୦ଟି ଦାମୀ ବିଦେଶୀ ପିସ୍ତଲ ଓ ୯୨ ଜୀବନ୍ତ ଗୁଳି ଜବତ ହୋଇଛି। ଜବତ ପିସ୍ତଲ ମଧ୍ୟରୁ ୫ଟି ତୁର୍କୀ ନିର୍ମିତ ହୋଇଥିବାବେଳେ ୩ଟି ଚାଇନା ତିଆରି ବୋଲି ଦିଲ୍ଲୀ ପୋଲିସର କ୍ରାଇମ୍ ବ୍ରାଞ୍ଚ୍ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି।
ସୋନୁ ଖତ୍ରୀ ଗ୍ୟାଙ୍ଗ ସହ ସାମିଲ ଥିବା ମନଦୀପ୍ ନାମରେ ହତ୍ୟାଠାରୁ ଆରମ୍ଭ କରି ଅନେକ ଆପରାଧିକ ମାମଲା ରହିଛି। ଚୋରା ଅସ୍ତ୍ରଶସ୍ତ୍ର ଡ୍ରୋନ୍ ଯୋଗେ ଆସି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚୁଥିଲା। ସେଗୁଡ଼ିକ କାର୍ବନ ପେପରରେ ଗୁଡ଼ାଯାଇଥିବାରୁ ସ୍କାନରରେ ଚିହ୍ନଟ ହୋଇପାରୁ ନ ଥିଲା। ଡ୍ରୋନ୍‌ରୁ ଖସାଯାଇଥିବା ଅସ୍ତ୍ରଗୁଡ଼ିକୁ ସଂଗ୍ରହ କରି ସେଗୁଡ଼ିକୁ ଦିଲ୍ଲୀରେ ପହଞ୍ଚାଇବା ପାଇଁ ଗ୍ୟାଙ୍ଗ୍ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦିଲ୍ଲୀ ଓ ଏହାର ଆଖପାଖ ରାଜ୍ୟର ଅପରାଧୀମାନଙ୍କୁ ଏହି ଅସ୍ତ୍ର ଯୋଗାଇ ଦିଆଯାଉଥିଲା। ଦୁର୍ଦ୍ଧର୍ଷ ଲରେନ୍ସ ବିଷ୍ଣୋଇ, ବମ୍ବିହା ଏବଂ ଗୋଗୀ ହିମାଂଶୁ ଭାଇ ଗ୍ୟାଙ୍ଗ୍ ସହ ଜଡ଼ିତ ଅପରାଧୀଙ୍କ ପାଖକୁ ଅସ୍ତ୍ର ଆସୁଥିଲା ବୋଲି ପୋଲିସ କହିଛି। ତେବେ ଭାରତକୁ କେତେସଂଖ୍ୟାରେ ଅସ୍ତ୍ର ବିକ୍ରି ହୋଇଛି ଏବଂ ଉକ୍ତ ବେଆଇନ ର୍‍ୟାକେଟ୍‌ରେ କେଉଁ ଗ୍ୟାଙ୍ଗ୍ ଓ ବ୍ୟକ୍ତିବିଶେଷ ସମ୍ପୃକ୍ତ ରହିଛନ୍ତି, ତାହା ଜାଣିବା ପାଇଁ ପୋଲିସ ଖୋଳତାଡ଼ ଚଳାଇଛି।
ଅସ୍ତ୍ର ଚୋରାଚାଲାଣ ର୍‍ୟାକେଟ୍‌ର ମୁଖ୍ୟ ଅପରେଟର ଯଶପ୍ରୀତ୍ ଓରଫ ଯଶ ଆମେରିକାରେ ରହୁଥିବାବେଳେ ପାକିସ୍ତାନରେ ଥିବା ତାଙ୍କ ପରିଚାଳକମାନଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗରେ ଥିଲେ ବୋଲି ସୂତ୍ରରୁ ଜଣାପଡ଼ିଛି। ଗତ ୧୦ ତାରିଖ ଦିଲ୍ଲୀ ବିସ୍ଫୋରଣ ଘଟଣା ପରେ ଜାତୀୟ ରାଜଧାନୀ ସମେତ ଦେଶର ବିଭିନ୍ନ ଭାଗରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିବାବେଳେ ଅସ୍ତ୍ର ଯୋଗାଣ ପାଇଁ ଚୋରାବେପାରୀମାନେ ଦିଲ୍ଲୀ ଆସୁଥିବାର ଗୋଇନ୍ଦା ସୂଚନା ପାଇ ପୋଲିସ ରୋହିଣୀ ଅଞ୍ଚଳରେ ଚଢ଼ାଉ କରିଥିଲା।

# ଭେଜାଲ ଘିଅରେ ତିଆରି ହୋଇଥିଲା ୨୦ କୋଟି ତିରୁପତି ଲଡ୍ଡୁ

ନୂଆଦିଲ୍ଲୀ,୨୨।୧୧

ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ଭୋଗ ପାଇଁ ୨୦୧୯ରୁ ୨୦୨୪ ମଧ୍ୟରେ ପ୍ରାୟ ୨୦ କୋଟି ଲଡ୍ଡୁ ଅପମିଶ୍ରିତ ଘିଅରେ ପ୍ରସ୍ତୁତ ହୋଇଥିଲା ବୋଲି ଏହାର ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି। ମନ୍ଦିର ପ୍ରସାଦରେ ଅପମିଶ୍ରଣ ଜଣାପଡ଼ିବା ପରେ ସିବିଆଇ ତଦନ୍ତ ଜାରି ରହିଛି। ୨୦୧୯ରୁ ୨୦୨୪ରେ ଶ୍ରଦ୍ଧାଳୁମାନଙ୍କୁ ମୋଟ ୪୮.୭୬ କୋଟି ଲଡ୍ଡୁ ବଣ୍ଟାଯାଇଥିଲା ବୋଲି ତିରୁପତି ତିରୁମାଲ ଦେବସ୍ଥାନମ୍ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ବି.ଆର୍. ନାଇଡୁ କହିଛନ୍ତି। ଘିଅ ଅପମିଶ୍ରଣ ସମ୍ପର୍କରେ ଗତବର୍ଷ ଜଣାପଡ଼ିବା ପରେ ଅନେକ ଲକ୍ଷ ଶ୍ରଦ୍ଧାଳୁଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିଲା। ଉତ୍ତରାଖଣ୍ଡର ଭୋଲେବାବା ଡାଏରୀ ଓ ଏହାର ସହଯୋଗୀ କମ୍ପାନୀ ୨୫୦ କୋଟି ଟଙ୍କାରେ ୬୮ ଲକ୍ଷ କେ.ଜି. ଅପମିଶ୍ରିତ ଘିଅ ମନ୍ଦିରକୁ ଯୋଗାଇଥିବା ତଦନ୍ତରୁ ଜଣାପଡ଼ିଛି।

# ୨୦ ବର୍ଷ ପରେ ଗୃହ ବିଭାଗ ଛାଡ଼ିଲେ ନୀତୀଶ

ପାଟନା,୨୨।୧୧

ବିହାର ମୁଖ୍ୟମନ୍ତ୍ରୀ ଭାବେ ନୀତୀଶ କୁମାର ୧୦ମ ଥର ପାଇଁ ଶପଥ ନେବାର ଦିନକ ପରେ ତାଙ୍କ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରିଛନ୍ତି। ୨୦୦୫ରେ କ୍ଷମତାକୁ ଆସିବା ପରଠାରୁ ଗୃହ ବିଭାଗକୁ ନିଜ ହାତରେ ରଖିଥିବା ନୀତୀଶ ଏଥର ତାହା ଭାଜପାକୁ ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କୁ ଉକ୍ତ ବିଭାଗ ମିଳିଛି। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କୁ ରାଜସ୍ୱ ଓ ଜମି ସଂସ୍କାର ବିଭାଗ ମିଳିଥିବାବେଳେ ମଙ୍ଗଳ ପାଣ୍ଡେଙ୍କୁ ସ୍ୱାସ୍ଥ୍ୟ ଓ ଆଇନ ବିଭାଗ ଦିଆଯାଇଛି। ଭାଜପା ରାଜ୍ୟ ସଭାପତି ଥିବା ଦିଲୀପ ଜୟସ୍ୱାଲ ଶିଳ୍ପମନ୍ତ୍ରୀ ହୋଇଥିବାବେଳେ ନିତୀନ ଗବୀନଙ୍କୁ ସଡ଼କ ନିର୍ମାଣ, ସହରାଞ୍ଚଳ ବିକାଶ ଓ ଗୃହନିର୍ମାଣ ବିଭାଗ ମିଳିଛି। ରାମକୃପାଳ ଯାଦବ କୃଷି ଓ ସଞ୍ଜୟ ଟାଇଗର ଶ୍ରମ ସମ୍ବଳ ବିଭାଗ ମନ୍ତ୍ରୀ ହୋଇଛନ୍ତି।

# ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ: ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୧୧(ପି.ଟି.)



କେରଳ, ଉତ୍ତରପ୍ରଦେଶ ଓ ଅନ୍ୟ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପାଇଁ ନିର୍ବାଚନ କମିଶନ(ଇସି)ଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଉକ୍ତ ପିଟିଶନ ଉପରେ ଶୁଣାଣି ପାଇଁ ଶୁକ୍ରବାର ରାଜି ହୋଇଛନ୍ତି। ବିଭିନ୍ନ ରାଜନେତା ଏସ୍‌ଆଇଆର୍‌କୁ ଚ୍ୟାଲେଞ୍ଜ କରି ପିଟିଶନ୍ ଦାଏର କରିଥିଲେ। ଏହି ସମସ୍ତ ସାନି ପିଟିଶନ ଉପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଏସ୍.ଭି.ଏନ୍. ଭଟ୍ଟି ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଇସିଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। କେରଳ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ ଉପସ୍ଥିତ ରହି ରାଜ୍ୟରେ ପୌର ନିର୍ବାଚନ ସହ ଏକସଙ୍ଗେ ଭୋଟର ତାଲିକାର ଏସ୍‌ଆଇଆର୍ ପରିଚାଳନାକୁ ଚ୍ୟାଲେଞ୍ଜ କରିଥିଲେ। କେରଳ ଆବେଦନର ଶୁଣାଣି ଆସନ୍ତା ୨୬ରେ ହେବାକୁ ଥିବାବେଳେ ଅନ୍ୟ ପିଟିଶନ୍‌ଗୁଡ଼ିକର ଶୁଣାଣି ଡିସେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ହୋଇପାରେ। ସାରା ଦେଶରେ ଏସ୍‌ଆଇଆର୍ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ପୂର୍ବରୁ ହୋଇଥିବା ପିଟିଶନଗୁଡ଼ିକର ଶୁଣାଣି କରି ଗତ ୧୧ ତାରିଖରେ ଅଦାଲତ ନିର୍ବାଚନ କମିଶନଙ୍କଠାରୁ ପୃଥକ୍ ଜବାବ ମାଗିଥିଲେ।

# ଜି୨୦ରେ ୩ ପ୍ରସ୍ତାବ ରଖିଲେ ପ୍ରଧାନମନ୍ତ୍ରୀ

## ଡ୍ରଗ୍ସ, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ

ଜୋହାନ୍ସବର୍ଗ,୨୨।୧୧



ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଜି୨୦ ନେତାମାନଙ୍କ ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଇଟାଲୀୟ ପ୍ରତିପକ୍ଷ ଜିଓର୍ଜିଆ ମେଲୋନିଙ୍କୁ ଭେଟୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଏକ ସମର୍ପିତ ଜି୨୦ ପଦକ୍ଷେପ ପାଇଁ ଆହ୍ୱାନ ଦେଇଛନ୍ତି, ଯାହା ଡ୍ରଗ୍-ଆତଙ୍କବାଦୀ ମଧୁଚନ୍ଦ୍ରିକାର ମୁକାବିଲା କରିପାରିବ। ଫେଣ୍ଟାନିଲ ଭଳି ବିପଜ୍ଜନକ ସିନ୍ଥେଟିକ୍ ପଦାର୍ଥ ଚୋରା ଚାଲାଣ ବଢ଼ିଚାଲିଥିବାବେଳେ ଏହାକୁ ରୋକିବା ଜରୁରୀ। ଆତଙ୍କବାଦକୁ ଇନ୍ଧନ ଯୋଗାଉଥିବା ଆପରାଧିକ ଅର୍ଥବ୍ୟବସ୍ଥାକୁ ଧ୍ୱଂସ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସିନ୍ଥେଟିକ୍ ନିଶାଦ୍ରବ୍ୟର ଦ୍ରୁତ ପ୍ରସାରକୁ ନେଇ ସେ ଚିନ୍ତାବ୍ୟକ୍ତ କରିଛନ୍ତି। ଫେଣ୍ଟାନିଲ୍ ଭଳି ପଦାର୍ଥ ସାରା ବିଶ୍ୱରେ ଜନସ୍ୱାସ୍ଥ୍ୟ, ସାମାଜିକ ସ୍ଥିରତା ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ବିପଦ ସୃଷ୍ଟି କରିଛି। ଡ୍ରଗ୍ସ ଏବଂ ଆତଙ୍କବାଦ ମଧ୍ୟରେ ଚାଲିଥିବା ସଲାସୁତରାର ପ୍ରତିରୋଧ ପାଇଁ ପ୍ରଧାନମନ୍ତ୍ରୀ ଏକ ନୂଆ ଜି୨୦ ପଦକ୍ଷେପର ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଅର୍ଥନୈତିକ, ଶାସନ ଓ ସୁରକ୍ଷା ଢାଞ୍ଚାକୁ ଏକୀକୃତ କରିବାକୁ ହେବ। ଏହାର ମୁଖ୍ୟ ପ୍ରାଥମିକତା ହେବ ନିଶାଦ୍ରବ୍ୟ ଚୋରାଚାଲାଣ ନେଟ୍‌ୱର୍କକୁ ଧ୍ୱଂସ କରିବା, ବେଆଇନ ଆର୍ଥିକ କାରବାରକୁ ବାଧାଦେବା ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଉଥିବା ବୃହତ୍ ଉତ୍ସଗୁଡ଼ିକୁ ଦୁର୍ବଳ କରିବା। କେବଳ ଏକୀକୃତ ବୈଶ୍ୱିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହି ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।
ସର୍ବବିଧ ବିକାଶ ସ୍ୱପ୍ନକୁ ବୁଝିବା ପାଇଁ ପ୍ରଧାନମନ୍ତ୍ରୀ କେତେକ ପଦକ୍ଷେପର ପ୍ରସ୍ତାବ ରଖିଛନ୍ତି। ସେଥିରେ ରହିଛି ଜି୨୦ ଗ୍ଲୋବାଲ ଟ୍ରାଡିଶନାଲ ନଲେଜ୍ ରିପୋଜିଟୋରି (ବୈଶ୍ୱିକ ପାରମ୍ପରିକ ଜ୍ଞାନ ଭଣ୍ଡାର)। ଅଧିକ ଭଲ ସ୍ୱାସ୍ଥ୍ୟ ପାଇଁ ଆମର ସାମୂହିକ ଜ୍ଞାନକୁ ପ୍ରସାର କରିବାରେ ଏହା ସହାୟକ ହେବ ବୋଲି ମୋଦି Xରେ ଲେଖିଛନ୍ତି। ବିଶ୍ୱର ବିକାଶ ପାଇଁ ଆଫ୍ରିକାର ବିକାଶ ମଧ୍ୟ ଜରୁରୀ। ଏଥିପାଇଁ ପ୍ରଧାନମନ୍ତ୍ରୀ ଜି୨୦-ଆଫ୍ରିକା ସ୍କିଲ୍ ମଲ୍ଟିପ୍ଲାୟର ଇନିସିଏଟିଭ୍‌ର ପ୍ରସ୍ତାବ ଦେଇଛନ୍ତି।

## ଫୁରସତ୍





# ଚର୍ଚ୍ଚାରେ ମିନି ଐଶ୍ୱର୍ଯ୍ୟା

ମୁମ୍ବାଇ

ପ୍ରତିବର୍ଷ ଅଗଣିତ ନୂଆ ମୁହଁ ବଲିଉଡ୍‌ରେ ଡେବ୍ୟୁ କରନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ କେତେକେ ଆରମ୍ଭରୁ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜନ୍ତି। ରଣବୀର ସିଂଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଧୁରନ୍ଧର'ର ମୁଖ୍ୟ ନାୟିକା ସାରା ଅର୍ଜୁନଙ୍କ କ୍ଷେତ୍ରରେ ମଧ୍ୟ ଏପରି ହୋଇଛି। ଫିଲ୍ମ ରିଲିଜ ହେବାକୁ ଆଉ ୨ ସପ୍ତାହ ବାକି ଅଛି, କିନ୍ତୁ ସାରା ଏବେ ବି ଶିରୋନାମାରେ ଅଛନ୍ତି। ଫିଲ୍ମର ଟିଜରରେ ସାରାଙ୍କ ଦୃଶ୍ୟ ଆଶ୍ଚର୍ଯ୍ୟ କରିଦେଇଛି। ଏହି ଫିଲ୍ମରେ ସେ ତାଙ୍କଠାରୁ ୨୦ ବର୍ଷ ବଡ଼ ରଣବୀରଙ୍କ ସହ ରୋମାନ୍ସ କରିବେ। ସାରାଙ୍କୁ ଏବେ ବୟସ ୨୦ ବର୍ଷ। କିନ୍ତୁ ସେ ବହୁ ପୂର୍ବରୁ ତାଙ୍କର ଫିଲ୍ମ ଡେବ୍ୟୁ କରିଥିଲେ। ସେ ମଡେଲିଂ ଏବଂ ବିଜ୍ଞାପନ ସହ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ଭାରତୀୟ ସିନେମାକୁ ଯିବା ପୂର୍ବରୁ ସେ ମ୍ୟାଗି, କ୍ଲିନିକ୍ ପ୍ଲସ୍ ଏବଂ ମ୍ୟାକ୍‌ଡୋନାଲ୍ଡସ ସମେତ ଅନେକ ପ୍ରମୁଖ ବ୍ରାଣ୍ଡ ସହିତ କାମ କରିଥିଲେ। ସାରାଙ୍କ କ୍ୟାରିୟରର ଏକ ପ୍ରମୁଖ ମୋଡ଼ ଥିଲା ବିକ୍ରମଙ୍କ ଅଭିନୀତ 'ଦିଭା ଥିରୁମାଲ'। ଏଥିରେ ସେ ବିକ୍ରମଙ୍କ ଝିଅ ନୀଲା ଭୂମିକାରେ ଅଭିନୟ କରିଥିଲେ। ସେ ମଣିରତ୍ନମଙ୍କ 'ପୋନିୟିନ ସେଲ୍‌ଭାନ'ରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଚରିତ୍ର ନନ୍ଦିନୀଙ୍କ ପିଲାଦିନ ଭୂମିକାରେ ଅଭିନୟକରି ମଧ୍ୟ ଚର୍ଚ୍ଚାକୁ ଆସିଥିଲେ। ଏହି ଫିଲ୍ମ ପରେ ତାଙ୍କୁ 'ମିନି ଐଶ୍ୱର୍ଯ୍ୟା ରାୟ' ଡକାଯାଏ।

# ବିସ୍ମୟ ଜୀବ ଜେଲିଫିସ୍

ବିଜ୍ଞାନ ଜଗତରେ ଅନେକ ପ୍ରାଣୀଙ୍କୁ ଦୀର୍ଘାୟୁ ହେବାର ଶ୍ରେୟ ଦିଆଯାଇଛି। କିନ୍ତୁ ଟୁରିଟୋପସିସ୍ ଡୋହର୍ନି, ଅମର ଜେଲିଫିଶ୍ ଭାବରେ ପରିଚିତ ଏହି ଜୀବର କାହାଣୀ ଭିନ୍ନ ଏବଂ ଆଶ୍ଚର୍ଯ୍ୟଜନକ। ଏହି ଜେଲିଫିଶ୍ ଆକାରରେ ଅତ୍ୟନ୍ତ କ୍ଷୁଦ୍ର, କିନ୍ତୁ ଏହାର ପୁନର୍ଜନ୍ମ, ମୃତ୍ୟୁ ବୈଜ୍ଞାନିକ ଜଗତରେ ସର୍ବଦା ଆଲୋଚନାର ବିଷୟ ହୋଇଆସିଛି। ଉକ୍ତ ଜେଲିଫିଶ୍ ଏହାର ଜୀବନଚକ୍ରରେ ବହୁ ଅନନ୍ୟ। ଯେତେବେଳେ ଏହା ଆହତ ହୁଏ, ଖାଦ୍ୟରୁ ବଞ୍ଚିତ ହୁଏ କିମ୍ବା ଚାପପୂର୍ଣ୍ଣ ପରିସ୍ଥିତିର ସମ୍ମୁଖୀନ ହୁଏ, ଏହା ପ୍ରାପ୍ତବୟସ୍କ ରୂପ ଛାଡ଼ି ଏକ ପଲିପ୍‌ରେ ପରିଣତ ହୁଏ। ଏହି ପ୍ରକ୍ରିୟା ଏହାକୁ ଏକ ନୂତନ ଜୀବନର ଆରମ୍ଭ କରିଦିଏ। ପ୍ରକୃତରେ ଏହା ମରେ ନାହିଁ।
ଏହି ଜେଲିଫିଶ୍ ୧୮୮୩ ମସିହାରେ ଆବିଷ୍କୃତ ହୋଇଥିଲା, କିନ୍ତୁ ୧୯୯୦ରୁ ବୟସକୁ ଓଲଟାଇ ଦେବାର ଏହାର କ୍ଷମତା ବୈଜ୍ଞାନିକମାନଙ୍କ ପାଇଁ ଏକ ପ୍ରମୁଖ ରହସ୍ୟ ଏବଂ ଅଧ୍ୟୟନର ବିଷୟ ପାଲଟିଛି। ଗବେଷକମାନେ କୁହନ୍ତି, ଏହି ପ୍ରାଣୀର ପୁନର୍ଜନ୍ମ ପ୍ରକ୍ରିୟା ମାନବ ବାର୍ଦ୍ଧକ୍ୟ ଏବଂ ଜୀବବିଜ୍ଞାନ ସମ୍ପର୍କିତ ଗବେଷଣା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୈଜ୍ଞାନିକମାନେ ଏହାକୁ ଏକ ଜୀବାଶ୍ମ ମଧ୍ୟ କୁହନ୍ତି, କାରଣ ଏହାର ଗଠନ ଓ ଗୁଣଗୁଡ଼ିକ ପ୍ରାୟ ସ୍ଥିର ଏବଂ ଅତ୍ୟନ୍ତ ପ୍ରାଚୀନ। ଯଦିଓ ଏହା ସମୁଦ୍ରର ଗଭୀରତାରେ ବାସକରେ, ଏହା ବିଷୟରେ ମିଳିଥିବା ସୂଚନା ଜୈବିକ ଏବଂ ଚିକିତ୍ସା ଗବେଷଣା ଜଗତରେ ନୂତନ ସମ୍ଭାବନା ସୃଷ୍ଟିକରିଛି।





ନୂଆଦିଲ୍ଲୀଠାରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟିବା ଅବସରରେ ଉପହାର ପ୍ରଦାନ କରୁଛନ୍ତି।

# ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ଭାରତ ମଣ୍ଡପମ୍‌ରେ ଓଡ଼ିଶା ଷ୍ଟେଟ୍ ଡେ’ ସେଲିବ୍ରେଶନରେ ଯୋଗଦେଲେ

**ଭୁବନେଶ୍ୱର,୨୨।୧୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଶନିବାର ସେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିବା ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ସୂଚନା ଦେଇଛନ୍ତି। ଏଥିସହ ସେ ଉଲ୍ଲେଖ କରିଛନ୍ତି, ନଡ୍ଡାଙ୍କ ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନ ତାଙ୍କୁ ଅଧିକ ଉତ୍ସାହରେ କାର୍ଯ୍ୟକରିବା ପାଇଁ ପ୍ରେରଣା ଯୋଗାଇବ।

ଏହାପରେ ସେ ସ୍ଥାନୀୟ ଭାରତ ମଣ୍ଡପମ୍ କମ୍ପ୍ଲେକ୍ସଠାରେ ଆୟୋଜିତ ଓଡ଼ିଶା ଷ୍ଟେଟ୍ ଡେ’ ସେଲିବ୍ରେଶନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଭାଜପା ସରକାରର ଲକ୍ଷ୍ୟ ହେଉଛି ଟ୍ରାନ୍ସଫର୍ମେସନାଲ ଗ୍ରୋଥ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଉଦ୍ୟମ କରୁଛି। ଗତ ଦେଢବର୍ଷ ମଧ୍ୟରେ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଭିତ୍ତିଭୂମି କ୍ଷେତ୍ରରେ ଭିଜନ୍ ୨୦୩୬କୁ ଲକ୍ଷ୍ୟ କରି ୧୫ ହଜାର କି.ମି. ବିଶ୍ୱସ୍ତରୀୟ ସଡ଼କ, ବାହୁଦା ଓ କେନ୍ଦ୍ରାପଡ଼ାଠାରେ ନୂତନ ବନ୍ଦର ଏବଂ ପୁରୀରେ ଅନ୍ତର୍ଜାତୀୟ ଏୟାରପୋର୍ଟ ପ୍ରତିଷ୍ଠା ଭଳି ବୃହତ୍ ପ୍ରକଳ୍ପ ଆରମ୍ଭ କରାଯାଇଛି। ଶିଳ୍ପ କ୍ଷେତ୍ରରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି କରାଯାଇଛି। ଭୁବନେଶ୍ୱରକୁ ପୂର୍ବ ଭାରତର କେନ୍ଦ୍ରସ୍ଥଳ ଭାବେ ବିକଶିତ କରିବା ପାଇଁ ଏକ ସ୍ୱତନ୍ତ୍ର ଗ୍ରାଣ୍ଡ ପ୍ଲାନ୍ ରହିଛି। ମୋଟାମୋଟି ଭାବେ ଓଡ଼ିଶା ମଣ୍ଡପଠାରେ ଓଡ଼ିଶାର କଳା, ସଂସ୍କୃତି, ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧିର ଏକ ଭବ୍ୟ ପ୍ରଦର୍ଶନ କରିଛି। ସମସ୍ତଙ୍କୁ ଏହି ବିକାଶ ଯାତ୍ରାରେ ସାମିଲହେବାକୁ ସେ ଅନୁରୋଧ କରିଛନ୍ତି। ଏହି ଅବସରରେ ସେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରରେ ଓଡ଼ିଶା ମଣ୍ଡପ ବୁଲି ଦେଖିଛନ୍ତି। ଏଥିସହ ସେ କହିଛନ୍ତି, ଏଥର ଓଡ଼ିଶା ମଣ୍ଡପ ବାସ୍ତବରେ ଅତ୍ୟନ୍ତ ସୁଦୃଶ୍ୟ ଓ ଭବ୍ୟ ଭାବରେ ପ୍ରସ୍ତୁତ କରାଯାଇଛି। ଯାହା ଶ୍ରୀମନ୍ଦିର, ପଟ୍ଟଚିତ୍ର ଓ କଳିଙ୍ଗର ନୌବାଣିଜ୍ୟ ପରମ୍ପରା ମାଧ୍ୟମରେ ଆମ କଳା, ଐତିହ୍ୟ ଓ ସଂସ୍କୃତିକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ଆକର୍ଷଣୀୟ ଭାବେ ଉପସ୍ଥାପନ କରିଛି। ମଣ୍ଡପରେ ବିଭିନ୍ନ ଷ୍ଟଲ ଖୋଲାଯାଇଛି, ଯେଉଁଠି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବୁଣାକାରମାନଙ୍କ ହସ୍ତତନ୍ତ ବସ୍ତ୍ର, ହସ୍ତଶିଳ୍ପ ସାମଗ୍ରୀ, ପ୍ରସ୍ତର ମୂର୍ତ୍ତିକଳା ଏବଂ ଶ୍ରୀଅନ୍ନ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ଉପଲବ୍ଧ ହେଉଛି। ସୂଚନାଯୋଗ୍ୟ, ରବିବାର ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରି ଆସିବା କାର୍ଯ୍ୟକ୍ରମ ରହିଛି।

# ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ ସିକନ୍ଦର, ଭାଇ

## ବେହେରାମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ରହିବା ପ୍ରସଙ୍ଗ

**ଜଗତ୍‌ସିଂହପୁର/ବିଞ୍ଝାରପୁର,୨୨।୧୧**
**(ପ୍ରମୋଦ କୁମାର ନାୟକ/ରାମକୃଷ୍ଣ ଦାସ)**

- ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ
- ସିକନ୍ଦରଙ୍କ ପୁଅ, ଅନ୍ୟ ଜଣଙ୍କୁ ଉଠାଇ ଆଣିଲା ପୋଲିସ



ଗିରଫ ସିକନ୍ଦର ଆଲାମ୍(ବାମ) ଓ ସାନ ଭାଇ ଅବଦୁଲ ମୋତାଲିଫ।

ଜଗତ୍‌ସିଂହପୁର ଥାନା ବେହେରାମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରଖି ବେଆଇନ କାର୍ଯ୍ୟରେ ନିୟୋଜିତ କରିଥିବା ମୁଖ୍ୟ ଅଭିଯୁକ୍ତ ତଥା ଧନିପୁର ଗ୍ରାମର ସିକନ୍ଦର ଆଲାମ୍ ଓରଫ ସେଇକୋ ଓ ତାଙ୍କ ସାନ ଭାଇ ଅବଦୁଲ ମୋତାଲିଫଙ୍କୁ ଫେରାର ହେବାର ୭ ଦିନ ପରେ ଗିରଫ କରାଯାଇଛି। ଏହାପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଉଭୟ ବାରମ୍ବାର ସ୍ଥାନ ଓ ମୋବାଇଲ ବଦଳାଉଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସକୁ ଅଡୁଆ ହୋଇଥିଲା। ଯାଜପୁର ଜିଲା ଅଳକୁଣ୍ଡ ଥାନା ଅଞ୍ଚଳରେ ଉଭୟ ଅଭିଯୁକ୍ତ ଆତ୍ମଗୋପନ କରିଥିବା ସୂଚନା ପାଇ ଜଗତ୍‌ସିଂହପୁର ସ୍ପେଶାଲ ସ୍କ୍ୱାଡ୍ ଇନ୍ସପେକ୍ଟର ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଓ ଅଳକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀ ସେମାନଙ୍କୁ ଧରିଛନ୍ତି। ସେମାନେ ଯାଜପୁର, ଭଦ୍ରକ ପରେ ଧାମରା ଦେଇ ଜଳପଥରେ ବିଦେଶ ଚାଲିଯିବାକୁ ଚେଷ୍ଟା କରୁଥିବା କୁହାଯାଉଛି। ଏଥିସହ ସିକନ୍ଦରଙ୍କ ପୁଅ ଓ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ଜଗତ୍‌ସିଂହପୁର ପୋଲିସ ଉଠାଇ ନେଇ ପଚରାଉଚରା ଜାରି ରଖିଛି।

ସିକନ୍ଦରଙ୍କୁ ଗିରଫ ପରେ ତାଙ୍କଠାରୁ ପାସ୍‌ପୋର୍ଟ, ଫଟୋ, ମୋବାଇଲ ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ସାମଗ୍ରୀ ଜବତ କରାଯାଇଛି। ପୋଲିସ ୨ ଅଭିଯୁକ୍ତଙ୍କୁ ଜଗତ୍‌ସିଂହପୁରସ୍ଥିତ ପୋଲିସ ବାରାକରେ ରଖି ପଚରାଉଚରା କରିଛି। ବିଶେଷକରି ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ କେଉଁ ଉଦ୍ଦେଶ୍ୟ ରଖି ସରକାରୀ ଜମିରେ ଘର ତିଆରି କରି ରଖିଥିଲେ ଓ ସେମାନଙ୍କୁ କେଉଁ କାମରେ ବ୍ୟବହାର କରୁଥିଲେ ସେନେଇ ପୋଲିସ ପ୍ରାଥମିକତା ଭିତ୍ତିରେ ତଦନ୍ତ କରୁଛି। ଆତଙ୍କବାଦୀମାନଙ୍କ ସହ ସିକନ୍ଦରଙ୍କ ଲିଙ୍କ୍ ଥିଲା କି ନାହିଁ, ତାହା ଜାଣିବାକୁ ପୋଲିସ ଗୁରୁତ୍ୱ ଦେଉଛି। ଆପରାଧିକ କାର୍ଯ୍ୟ, ଅର୍ଥନୈତିକ ଫାଇଦା, ମାନବ ଚାଲାଣ ଆଦି ତମାମ ଦିଗକୁ ନେଇ ପୋଲିସ ଖୋଳତାଡ଼ ଜାରି ରଖିଛି। ଯେହେତୁ ଗତ ୧୬ ତାରିଖ ଚଢ଼ାଉ ସମୟରେ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀ ରହୁଥିବା ସ୍ଥାନରୁ ବନ୍ଧୁକ ସହ ବହୁ ମାରଣାସ୍ତ୍ର ଜବତ କରାଯାଇଥିଲା, ତେଣୁ ପୋଲିସ ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇଛି। ଅତୀତରେ ସିକନ୍ଦର ମର୍ଚ୍ଚାଣ୍ଟ ନାଭିରେ ଚାକିରି କରିଥିଲେ। ସେତେବେଳେ ସାଉଦିଆରବ, କୁଏଟ୍, କାତାର, ବାଂଲାଦେଶ ଓ ପାକିସ୍ତାନର ବେଲୁଚିସ୍ତାନ ଆଦି ଅଞ୍ଚଳ ସହ ତାଙ୍କର ଲିଙ୍କ୍ ଥିବା କୁହାଯାଉଛି। ଏଥିସହ ଚେନ୍ନାଇ, ମୁମ୍ବାଇ, ବେଙ୍ଗାଲୁରୁ ଓ କୋଲକାତା ଆଦିରେ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ଥିବା ମଧ୍ୟ କୁହାଯାଉଛି।

ଗତ ୧୬ ତାରିଖ ରାତିରେ ବେହେରାମପୁର ବସ୍ତିରେ ପୋଲିସ ଚଢ଼ାଉ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବସ୍ତିର ୨ ଜଣ ମହିଳାଙ୍କ ନେତୃତ୍ୱରେ ଏକାଧିକ ବ୍ୟକ୍ତି ପୋଲିସ ଉପରେ ଆକ୍ରମଣ କରିବାରୁ ଅତିରିକ୍ତ ଏସ୍‌ପିଙ୍କ ସହ ଏକାଧିକ ପୋଲିସ ଆହତ ହୋଇଥିଲେ। ଏହାପରେ ସଦଳବଳ ପୋଲିସ ଓ ଫୋର୍ସ ସେଠାରେ ପହଞ୍ଚିଲାବେଳକୁ ସିକନ୍ଦରଙ୍କ ସମେତ ଅନେକେ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଗଲାବେଳକୁ ସେମାନେ ସିସି କ୍ୟାମେରା ହାର୍ଡଡିସ୍କ ସହ ଅନ୍ୟ ମାରାତ୍ମକ ମାରଣାସ୍ତ୍ର ଓ କାଗଜପତ୍ର ନେଇ ପଳାଇଥିଲେ। ଏହି ଘଟଣାରେ ପୋଲିସ ପ୍ରଥମେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତା’ପରଦିନ ପୋଲିସ, ପ୍ରଶାସନ ପକ୍ଷରୁ ଏହି ଅସ୍ଥାୟୀ ୧୦ ବଖରା ଆଜବେଷ୍ଟସ ଘର ଭାଙ୍ଗି ଦିଆଯାଇଥିଲା। ସେଠାରେ ଯେଉଁମାନେ ଥିଲେ ସେମାନଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳକୁ ନିଆଯାଇଥିଲା। ଗତ ୨୦ ତାରିଖରେ ପୋଲିସ ସିକନ୍ଦରଙ୍କ ଘରେ ଚଢ଼ାଉ କରି କେତେକ ଆଧାର କାର୍ଡ ଓ ବ୍ୟାଙ୍କ ପସ୍‌ବୁକ୍ ଆଦି ଜବତ କରିଥିଲା। ବେହେରାମପୁର ବସ୍ତିରେ ସିକନ୍ଦର ମଦ୍ରାସା ଚଳାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରି କେଉଁଠୁ ପିଲାମାନେ ଆସୁଥିଲେ ତା’ଉପରେ ତଦନ୍ତ ଜାରି ରଖିଛି।

# ସୃଷ୍ଟି ହେଲା ଲଘୁଚାପ, ଚାଷୀଙ୍କ ଚିନ୍ତା ବଢ଼ିଲା

## ୨୬ରେ ବାତ୍ୟା ଆକଳନ କଲା ପାଣିପାଗ ମଡେଲ

**ଭୁବନେଶ୍ୱର,୨୨।୧୧(ବନ୍ଦନା ସେଠୀ)**

ବାତ୍ୟା ଓ ବର୍ଷା ଆଶଙ୍କାରେ ଏବେ ରାଜ୍ୟର ଚାଷୀକୁଳ ଚିନ୍ତାରେ ରହିଛନ୍ତି। ଏପରିସ୍ଥିତିରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶନିବାର ସକାଳ ୮ଟା ୩୦ରେ ଲଘୁଚାପରେ ପରିଣତ ହୋଇଛି। ସନ୍ଧ୍ୟା ସୁଦ୍ଧା ଏହା ମାଲାକ୍କା ଷ୍ଟ୍ରେଟ୍‌ର ସମୁଦ୍ର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ରହିବା ସହ ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ୨୪ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପଟି ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ୪୮ଘଣ୍ଟା ଅର୍ଥାତ୍ ୨୬ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପରେ ଅଧିକ ଘନୀଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି, ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଉପକୂଳରୁ ବହୁ ଦୂରରେ ରହିଛି। ତେଣୁ ଆଗାମୀ ୭ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ନାହିଁ ଏବଂ ବାତ୍ୟା ଏପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ତେବେ ବାତ୍ୟା ସଂକ୍ରାନ୍ତରେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିଲେ ମଧ୍ୟ ବିଭିନ୍ନ ପାଣିପାଗ ମଡେଲର ବାତ୍ୟା ଆକଳନକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ବିଧାନ ସଭା, ସମୟ: ସକାଳ ୯ଟା ୩୦ ।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା ।
- ଶ୍ରୀ ସତ୍ୟସାଇ ବାବାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ସାଇ ଜନାନୀ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୫ଟା ୩୦ ।
- ଭାରତୀୟ ସାହିତ୍ୟ କେନ୍ଦ୍ର ପକ୍ଷରୁ ଡ. ତ୍ରିଲୋଚନ ଖୁଣ୍ଟିଆଙ୍କ ଗ୍ରନ୍ଥାବଳୀ ଉନ୍ମୋଚନ ଏବଂ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା ।
- କିମ୍ବଦନ୍ତୀ ପୁରୁଷ ଜୟୀ ରାଜଗୁରୁଙ୍କ ଜୀବନୀ ଉପରେ ଆଧାରିତ ନାଟକ ଧର୍ମଯୋଦ୍ଧା ପରିବେଷଣ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

## କଟକ

- ଏନ୍‌ସିସି ଗ୍ରୁପ୍ ହେଡ୍‌କ୍ୱାର୍ଟର ପକ୍ଷରୁ ୭୭ତମ ଏନ୍‌ସିସି ଦିବସ ପାଳନ, ସ୍ଥାନ: ହେଡ୍ କ୍ୱାର୍ଟର୍ସ ପରିସର, ବାରବାଟୀ ଦୁର୍ଗ, ସମୟ: ପୂର୍ବାହ୍ନ ୧୧ଟା ।
- ୨୯ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଫେଷ୍ଟିଭାଲର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଗ୍ରାଣ୍ଡ ଅଡିଟୋରିୟମ, ମହତାବ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦ ।

## ବାଲେଶ୍ୱର

- ଶ୍ରୀ ସତ୍ୟସାଇ ବାବାଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ଉତ୍ସବ, ସ୍ଥାନ: ଜଳେଶ୍ୱରପୁର ସମିତି, ଦେଉଳା ଭଜନ ମଣ୍ଡଳୀ, ରାଇପୁର ଭଜନ ମଣ୍ଡଳୀ, କାଁଥିଭଉଁରୀ ଭଜନ ମଣ୍ଡଳୀ, ଭୋଗରାଇ, ସମୟ: ଭୋର ୪ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ନେତ୍ରାନନ୍ଦ ସରକାରୀ ଉପ୍ରା ବିଦ୍ୟାଳୟ, ସାହାଦା, ବାଲେଶ୍ୱର, ସମୟ: ସକାଳ ୯ଟା ।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ଦିବସ, ସ୍ଥାନ: ବଟେଶ୍ୱର ମହାଦେବ ମନ୍ଦିର ପଡ଼ିଆ, ବଡ଼ାଶ, ବାଲିଆପାଳ, ସମୟ: ମଧ୍ୟାହ୍ନ ୧୨ଟା ।
- କଂଗ୍ରେସର ମିଶ୍ରଣ ପର୍ବ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦ ।
- ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।
- ବାଲେଶ୍ୱର ଲୋକ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ।

## ଭଦ୍ରକ

- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଉତ୍ସବ, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ତିହିଡ଼ି, ସମୟ: ସକାଳ ୭ଟା ।
- ସାଂସଦ ଖେଳକୁଦ କାର୍ଯ୍ୟକ୍ରମ, ସ୍ଥାନ: ଗେଲପୁର ଏସ୍‌ବିଡି ସ୍କୁଲ ପରିସର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ଶିଶୁମନ୍ଦିର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା ।
- ଜିଲାସ୍ତରୀୟ ମହକ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୨ଟା ।
- ଟାଏକୋଣ୍ଡୋ ରେଫେରୀ ଶିବିର ଉଦ୍‌ଯାପନୀ, ସ୍ଥାନ: କାର୍‌ମେଲ ସ୍କୁଲ ଅଡିଟୋରିୟମ, ଭଦ୍ରକ, ସମୟ: ଅପରାହ୍ନ ୩ଟା ।

## କେନ୍ଦୁଝର

- ସତ୍ୟସାଇଙ୍କ ଶତ ବାର୍ଷିକୀ ଜନ୍ମ ମହୋତ୍ସବ, ସ୍ଥାନ: ମରୈଗାଁ, ଡ଼ଅଁର, ଇଂଚୋଳ, ମଠ କପୁଣ୍ଡି, ହାଟଡ଼ିହୀ, ସମୟ : ପ୍ରାତଃ ୫ ଟା ।
- ଟାଟା କମ୍ପାନୀ ଦ୍ୱାରା ଗଣ ଦୌଡ଼, ସ୍ଥାନ: କେନ୍ଦ୍ରୀୟ ଖେଳ ପଡ଼ିଆ, ଯୋଡ଼ା, ସମୟ: ପ୍ରାତଃ ୫ ଟା ୩୦ ।
- ୭୭ତମ ଜାତୀୟ ଏନ୍‌ସିସି ଦିବସ ସମାରୋହ, ସ୍ଥାନ : ଧରଣୀଧର ବିଶ୍ୱ ବିଦ୍ୟାଳୟ ପରିସର, କେନ୍ଦୁଝର, ସମୟ: ସକାଳ ୯ଟା ।
- ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା, ସ୍ଥାନ: ହାଟଡ଼ିହୀ ଶିକ୍ଷା ମଣ୍ଡଳ, ଛେନାପଦି, ସମୟ: ପୂର୍ବାହ୍ନ ୧୦ ଟା ।
- ବ୍ଲକ୍‌ସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଯୋଡ଼ା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା ।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ : ସୁନ୍ଦରାପାଳ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା ।
- ସପ୍ତମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ : ସଦର ବ୍ଲକ ରାଇକଳା ଗ୍ରାମ, ସମୟ: ଅପରାହ୍ନ ୩ଟା ।

## ମୟୂରଭଞ୍ଜ

- ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: କୁଆମରା ତଳକଡଦା ଭଜନ ମଣ୍ଡଳୀ, ଗୋପବନ୍ଧୁ ନଗର, ସମୟ: ସକାଳ ୮ଟା ।
- ବିଶାଳ ଫିଜିଓଥେରାପି ଚିକିତ୍ସା ଶିବିର, ସ୍ଥାନ: ବିଜିପୁର ମାନଗୋବିନ୍ଦପୁର, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା ।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ:ଚିତ୍ରଡା ସତ୍ୟସାଇ ବିଦ୍ୟା ମନ୍ଦିର, ମୋରଡା , ସମୟ: ଅପରାହ୍ନ ୩ଟା ।
- ବହୁଭାଷୀ ନାଟକ ମହୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର

- ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମଦିନ ପାଳନ, ସ୍ଥାନ: ଡାଇମଣ୍ଡ ଟ୍ୟାଙ୍କ ରୋଡ, ସମୟ: ପ୍ରାତଃ ୫ଟା ।
- ବାଲ୍ୟ ରୁଦ୍ର ଦଣ୍ଡକାଳୀଙ୍କ ଶିଳା ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ଶାଳିଆବନ୍ଧ ହୁଡା, ପୁରୁଣା ବ୍ରହ୍ମପୁର, ସମୟ: ସକାଳ ୬ଟା ।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସିଭିଲ କୋର୍ଟ ପରିସର, ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ ଟା ।

## ଗଞ୍ଜାମ

- ସାଇବାବାଙ୍କ ଶତବର୍ଷ ଜନ୍ମ ମହୋତ୍ସବ: ସ୍ଥାନ: ବୁଗୁଡ଼ା ଶ୍ରୀ ସତ୍ୟସାଇ ସେବା ସମିତି କେନ୍ଦ୍ର, ସମୟ: ସକାଳ ୬ ଟା ।

## ଢେଙ୍କାନାଳ

- ତ୍ରିରଙ୍ଗା-ସୁପ୍ରଭାତ ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଷ୍ଠାନର କାର୍ଯ୍ୟାଳୟ, ଦକ୍ଷୀଣକାଳୀ ରୋଡ୍, ସମୟ: ପୂର୍ବାହ୍ନ ୧୧ଟା ।

## ଅନୁଗୋଳ

- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : ଆଠମଲ୍ଲିକ ନ୍ୟାୟାଳୟ ପରିସର, ସମୟ: ସକାଳ ୮ ଟା ୪୫ ।
- ଜନନାୟକ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୪ତମ ଜୟନ୍ତୀ, ସ୍ଥାନ: ଅନୁଗୋଳ ବାଜି ରାଉତ ଛାତ୍ରାବାସ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ଜଗତ୍‌ସିଂହପୁର

- ଉମ୍ପର ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ସଂଘ ପରିସର, ବାଲିପ୍ଲଟ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୭ ଟା ।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଦ୍ଦେଶ୍ୟରେ ଏକତା ପଦଯାତ୍ରା, ସ୍ଥାନ: କଲେଜ ପରିସର, ନୁଆବଜାର, ପାରାଦୀପ, ସମୟ: ସକାଳ ୮ଟା ।

## କେନ୍ଦ୍ରାପଡ଼ା

- ବଗଡା ସ୍ପୋର୍ଟସ କ୍ଲବ ଓ ତ୍ରିପୁରା କ୍ଲବ ପକ୍ଷରୁ ଦିବା ରାତ୍ର ଭଲିବଲ ପ୍ରତିଯୋଗିତା, ସ୍ଥାନ: ଅରଡାସାହି, ବଗଡା, କେନ୍ଦ୍ରାପଡା, ସମୟ: ପୂର୍ବାହ୍ନ ୧୦ଟା ।
- ମାଇଁ ଏନ୍‌ସିସି ଆଲୁମନି ଆସୋସିଏଶନର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସହର, ସମୟ:ପୂର୍ବାହ୍ନ ୧୦ଟା ।
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ରକ୍ତଦାନ ମହୋତ୍ସବ, ସ୍ଥାନ: ନିଗିନିପୁର, ସାନଜରିଆ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା ।

## ଯାଜପୁର

- ଯାଜପୁର ରୋଡ ଶ୍ରୀସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ଜନ୍ମଦିନ ପାଳନ ଉତ୍ସବ, ସ୍ଥାନ : ବ୍ୟାସନଗର ଶ୍ରୀସତ୍ୟସାଇ ମନ୍ଦିର ପରିସର, ସମୟ : ସକାଳ ୮ଟା୩୦ ।
- ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ : ଜାରକା ହାଇସ୍କୁଲ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ, ସ୍ଥାନ:ଦଶପଲ୍ଲା ଦୁର୍ଗାବଜାର କଲୋନୀସ୍ଥିତ ଶ୍ରୀସତ୍ୟସାଇ ସେବା ସମିତି, ସମୟ:ସକାଳ ୫ଟା , ପୂର୍ବାହ୍ନ ୧୦ଟାରୁ ସଂଧ୍ୟା ୬ଟା ୩୦ ।
- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ, ସ୍ଥାନ:ଓଡଗାଁ ବିଜୟ ମଣ୍ଡପ ସାହି, ସମୟ:ସକାଳ ୫ଟାରୁ ସଂଧ୍ୟା ୭ଟା ୧୫ ।
- ମହାବିଦ୍ୟାଳୟର ପ୍ରତିଷ୍ଠାତା ରୁଦ୍ର ମାଧବ ରାୟଙ୍କ ୮୮ତମ ଜନ୍ମ ଜୟନ୍ତୀ ଉତ୍ସବ, ସ୍ଥାନ: କୃଷ୍ଣପ୍ରିୟା ଦେବୀ ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା୧୫ ।
- ୬୪ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଶରଣକୂଳ ନାରାୟଣ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ।
- ନ

## ରାୟଗଡ଼ା

- ଜିଲାସ୍ତରୀୟ ସର୍ଗିଫୁଲ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବିକ୍ରମପୁର, ଗୁଣପୁର
- ସମୟ: ସକାଳ ୯ଟା ।
- ତାଲୁକ୍ ଆଇନ ସେବା ସଂସ୍ଥା ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସକାଳ ୯ଟା ।
- ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଚଜୟନ୍ତୀ, ସ୍ଥାନ: ମୁନିଗୁଡ଼ା ସତ୍ୟସାଇ ମନ୍ଦିର, ସମୟ: ସକାଳ ୧୦ଟା ।

## ନବରଙ୍ଗପୁର

- ଜେଏମ୍‌ଏଫ୍‌ସି କୋର୍ଟ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଝରିଗାଁ କୋର୍ଟ ପରିସର, ସମୟ: ସକାଳ ୯ଟା ।
- ଭାଜପା ପକ୍ଷରୁ ହରଘର ସ୍ୱଦେଶୀ କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ମିନି ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ

- ସତ୍ୟ ସାଇବାବାଙ୍କ ୧୦୦ତମ ଜୟନ୍ତୀ ପାଳିତ, ସ୍ଥାନ: ହାଟପଦାସ୍ଥିତ ଭଜନ ମଣ୍ଡଳ ପ୍ରାର୍ଥନା କକ୍ଷ, ନନ୍ଦପୁର, ସମୟ: ପ୍ରାତଃ ୫ଟା ।
- ସତ୍ୟସାଇଙ୍କ ୧୦୦ତମ ଜୟନ୍ତୀ ଉତ୍ସବ, ସ୍ଥାନ: ସେବା ଅନୁଷ୍ଠାନ ପରିସର, ସେମିଳିଗୁଡ଼ା, ସମୟ: ସକାଳ ୯ଟା ।
- ରକ୍ତଦାନ ଦାନ ଶିବିର, ସ୍ଥାନ: ବେହେରା ଗୁଡ଼ା, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ମା' ନିଶାଣୀ ମୁଣ୍ଡା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ସାଇକ୍ରିଷ୍ଣା କଲୋନୀ ଖେଳପଡିଆ, ଦଶମନ୍ତପୁର, ସମୟ: ଅପରାହ୍ନ ୨ଟା ୩୦ ।

## ମାଲକାନଗିରି

- ସତ୍ୟସାଇଙ୍କ ଜନ୍ମବାର୍ଷିକୀ ଉତ୍ସବ, ସ୍ଥାନ: ସାଇବାବାଙ୍କ ମନ୍ଦିର ପରିସର, ବାଲିମେଳା ସାଇବାବା ଲାଇନ୍, ସମୟ: ପ୍ରାତଃ ୫ଟା ।
- ସତ୍ୟ ସାଇଙ୍କ ଜନ୍ମବାର୍ଷିକୀ ପାଳିତ, ସ୍ଥାନ: ସାଇବାବା ମନ୍ଦର ପରିସର, ସଦର ମହକୁମା କୁମୁଟିଗୁଡ଼ା, ମାଲକାନଗିରି, ସମୟ: ସକାଳ ୬ଟା ।

## ସମ୍ବଲପୁର

- ଶ୍ରୀସତ୍ୟ ସାଇବାବାଙ୍କ ୧୦୦ତମ ଜୟନ୍ତୀ, ସ୍ଥାନ : ଭୁତାପଡା ସ୍ଥିତ ପ୍ରଶାନ୍ତି ମନ୍ଦିର, ସମୟ : ସକାଳ ୫ଟାରୁ ସନ୍ଧ୍ୟା ୬ଟା ୩୦ ।
- କଲମ ପରିବାର ଆୟୋଜନରେ ଶୀତ ସକାଳ କବିତା ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ୩୦ ।
- ଶ୍ରୀହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରୀରାମଚନ୍ଦ୍ର ଓ ମାତା ସୀତାଙ୍କ ବିବାହ ସକାଶେ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ୀହିଲ ସ୍ଥିତ ହନୁମାନ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୦ଟା ।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ନାଟ୍ୟ ମହର୍ଷି ଭଗବାନ ସାହୁ ଜୟନ୍ତୀ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ୩୦ ।

## ବଲାଙ୍ଗୀର

- ସମାଜବାଦୀ ଜନ ପରିଷଦର ଦ୍ୱିଦିବସୀୟ ରାଷ୍ଟ୍ରୀୟ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: ମହାବୀର ଧର୍ମଶାଳା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା

- ରୋଟାରୀ କ୍ଲବ ପକ୍ଷରୁ ମିନି ମାରାଥନ, ସ୍ଥାନ: ଛେଣ୍ଡ ବିଏସ୍‌ଏନ୍‌ଏଲ ଛକ, ସମୟ: ସକାଳ ୭ଟା ।
- ଶ୍ରୀ ସତ୍ୟ ସାଇସେବା ସମିତି ରାଉରକେଲା ପକ୍ଷରୁ ଜନ୍ମ ଶତବାର୍ଷିକୀ କାର୍ଯ୍ୟକ୍ରମ, ସ୍ଥାନ: ଓରାମପଡ଼ା ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା ।
- ସାନ୍ତାଳୀ ଭାଷାର ଲିପି ଅଲଚିକିର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର– –୧୯ ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ।
- ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ବଡଦାଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ସେକ୍ଟର–୨୧ ସତ୍‌ସଙ୍ଗ ବିହାର, ସମୟ: ପୂର୍ବାହ୍ନ ୧୧ଟା ।
- ପାୱାର କ୍ଲବ ପକ୍ଷରୁ ଖବରଦାତା ସମ୍ମଳନୀ, ସ୍ଥାନ: ସେକ୍ଟର–୭ ରାଏମା କ୍ଲବ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଅରିଜିନାଲ ପାୱାର କ୍ଲବର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର–୭, ର୍ୟାମା, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ, ସ୍ଥାନ: ଓରାମପଡ଼ା, ସମୟ: ମଧ୍ୟାହ୍ନ ୧୨ଟା ୪୫ ।
- ଗବେଷକ କନକ୍ଲେଭ ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ, ବିପିୟୁଟି, ସମୟ: ଅପରାହ୍ନ ୨ଟା ।
- ବିକାଶ ଗ୍ଲୋବାଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର–୯, ରାଉରକେଲା, ସମୟ: ସନ୍ଧ୍ୟା ୫ଟା ।
- ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର–୫ କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ।

## ସୁନ୍ଦରଗଡ଼

- ଶ୍ରୀମଦ ଭାଗବତ କଥା,ସ୍ଥାନ:ଇବ ନଗର,ଆରଆରଆଇଟି କଲୋନୀ, ଶିବ ମନ୍ଦିର ପ୍ରାଙ୍ଗଣ,ସୁନ୍ଦରଗଡ,ସମୟ: ଅପରାହ୍ନ୫ଟା୩୦ରୁ ୮ଟା୩୦ପର୍ଯ୍ୟନ୍ତ ।

## ବରଗଡ଼

- ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମୋତ୍ସବ, ସ୍ଥାନ:ଡାଙ୍ଗବାହାଲ, ଗାଇସିଲେଟ, ସମୟ: ପ୍ରାତଃ ୪ଟା ୩୦ ।
- ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ପୁସ୍ତକମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଜ୍ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ:ସନ୍ଧ୍ୟା ୫ଟା ।

## କଳାହାଣ୍ଡି

- ୭୭ତମ ଏନ୍‌ସିସି ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା ।
- ଜିଲା ମୁଖ୍ୟ କୋର୍ଟରେ ଚିତ୍ରାଙ୍କନ, ଚିତ୍ରକଳା ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କୋର୍ଟ, ସମୟ: ପୂର୍ବାହ୍ନ ୧୧ଟା ।

## ବୌଦ୍ଧ

- ପଞ୍ଚମ ରାଜ୍ୟସ୍ତରୀୟ ମା' ଭୈରବୀ ମହୋତ୍ସବ, ପଲ୍ଲିଶ୍ରୀ, ବାଣିଜ୍ୟ ମେଳା ଉଦ୍‌ଯାପନ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ପୁରୁଣାକଟକ, ସମୟ:ସନ୍ଧ୍ୟା ୭ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ ସହର , ସମୟ: ଭୋର୍ ୪ଟା ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୬ଟା୩୦ ।

## ସୁବର୍ଣ୍ଣପୁର

- ଅଖିଳ ଭାରତୀୟ ଗଣ୍ଡୱାନା ଗଣ୍ଡ ମହାସଭା ପକ୍ଷରୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ–୨୦୨୫, ସ୍ଥାନ: ବିନିକା ବ୍ଲକ ମହଦା ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କମାଣ୍ଡୋ–୧୧ ଭୁବନେଶ୍ୱର ବନାମ ସୁହାନି –୧୧ ୱେଷ୍ଟବେଙ୍ଗଲ, ସ୍ଥାନ: କମିରା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା ।
- ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା୩୦ ।
- ମା'ମାହେଶରୀ ରାଜ୍ୟସ୍ତରୀୟ କଳାପଥର କ୍ରିକେଟ କପ, ସ୍ଥାନ: କଳାପଥର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା୩୦ ।
- ସୁନିତା ସାହୁ କୀର୍ତ୍ତନ ଧାରା, ସ୍ଥାନ: ନୂଆପାଲି, ବିନିକା, ସମୟ: ସନ୍ଧ୍ୟା ୬ଟା ।

## ନୂଆପଡ଼ା

- ୩ୟ ଫୁଟ୍‌ବଲ ମହାକୁମ୍ଭ ଷଷ୍ଠ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା ।
- କୁରାଳ (କୁମ୍ଭାର) ସମାଜ ପକ୍ଷରୁ କୁରାଳ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଏନ୍‌ଏସି ମହୁଆଭଟା ୱାର୍ଡ ନଂ.୧୩, ୧୪, ସମୟ: ଅପରାହ୍ନ ୫ଟା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଗଛରେ ପାଣି ଦେଉ ଦେଉ**
**ଶିମ୍ବ ଗଛ ମଲା ।**

କିଛି ବ୍ୟକ୍ତି ଅବହେଳାର ଶିକାର ହୋଇଥାନ୍ତି । ତାଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆ ନ ଯିବା ଫଳରେ ସେମାନେ ଆଖିଦୃଶିଆ ଅଗ୍ରଗତି କରିପାରି ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଆଠ ଦୁମୁକାଣି, ଷୋଳ ଅସରା,**
**ବତିଶି ଝିପିଝିପି, ଚଉଷଠି କୁଣ୍ଡାଝରା,**
**ତେବେ ଯାଇ ଚଷାର ପେଟ ପୂରା ।**

ବର୍ଷାର ପରିମାଣ ଅଧିକ ହେଲେ ଧାନଗଛ ଭଲ ବଢ଼ିଥାଏ ଓ ସେହି ଅନୁସାରେ ଭଲ ଫସଲ ମିଳିଥାଏ । ବର୍ଷା ଉପରେ ଧାନ ଫସଲ ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ଟ୍ରକ୍ ଧକ୍କାରେ ମଉସା ମୃତ, ଝିଆରୀ ଗୁରୁତର

**ବଣ୍ଟଁରପାଳ,୨୨।୧୧ (ସୁବାସ ସାହୁ)/ ସନ୍ତ୍ରୀଛକ, (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଣ୍ଟଁରପାଳ-ତାଳଚେର ୧୪୯ ନମ୍ବର ଜାତୀୟ ରାଜପଥର ଗୋତମରା ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଶନିବାର ଅପରାହ୍ନରେ ଦୁର୍ଘଟଣା ଘଟିଛି । ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ମଉସାଙ୍କ ମୃତ୍ୟୁ ହୋଇଥିବାବେଳେ ଝିଆରୀ ଗୁରୁତର ହୋଇଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ, ନୂଆହତା ଗ୍ରାମ ଜୋରାଗାଡ଼ିଆ ସାହିର ରାଜ କିଶୋର ପରିଡ଼ା(୪୭) ଏବଂ ଝିଆରୀ ପରଜଙ୍ଗ ବ୍ଲକ ବସୁଲେଇ ଗ୍ରାମର ମିତାଲି ପରିଡ଼ା (୧୯) ଏକ ବାଇକ୍ ଯୋଗେ ନୂଆହତାରୁ ବସୁଲେଇ ଯାଉଥିଲେ । ଅପରାହ୍ନ ୪ଟା ବେଳେ ସେମାନେ ଉକ୍ତ ପେଟ୍ରୋଲ ପମ୍ପ ସମ୍ମୁଖରେ ହୋଇଥିବାବେଳେ ପଛରୁ ଆସୁଥିବା ଟ୍ରକ୍ (ଓଡି୩୫ଡି-୯୭୧୫) ବାଇକ୍‌କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ମଉସା ରାଜକିଶୋରଙ୍କ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା । ସେମାନେ କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିବାରୁ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ଅଟକି ରହିଥିଲା । ଖବରପାଇ ବଣ୍ଟଁରପାଳ ଥାନା ପୋଲିସ ପହଞ୍ଚି ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା ।

## ପ୍ରଥମ ପୃଷ୍ଠାରୁ...

### ଏସ୍‌ଆଇଆର୍ ...

ନିଖୋଜ ଅଛନ୍ତି । କେରଳରେ ଜଣେ ବିଏଲ୍‌ଓଙ୍କ ମୃତ୍ୟୁ ଘଟିଥିବାବେଳେ ରାଜସ୍ଥାନରେ ଜଣେ ଏବଂ ଗୁଜରାଟରେ ୪ ଦିନରେ ୪ ଜଣଙ୍କ ଜୀବନ ଗଲାଣି । ଶନିବାର ଭଦୋଦାରାର ଏକ ସ୍କୁଲରେ କାର୍ଯ୍ୟରତ ଜଣେ ମହିଳା ସହକାରୀ ବିଏଲ୍‌ଓ ମୂର୍ଚ୍ଛାଯିବା ସହ ତାଙ୍କର ମୃତ୍ୟୁ ଘଟିଛି । ୨ ଜଣଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଆତ୍ମହତ୍ୟା କରିଛନ୍ତି । ପଶ୍ଚିମବଙ୍ଗରେ ୨ ଜଣ ବିଏଲ୍‌ଓ ପ୍ରାଣ ହରାଇଛନ୍ତି । ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ଦାୟୀ କରିବା ସହ ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ଭୋଟର ତାଲିକା ସଂଶୋଧନ ସ୍ଥଗିତ ରଖିବାକୁ କହିଥିଲେ । କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ଏସ୍‌ଆଇଆର୍‌କୁ ବନ୍ଦ ରଖିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ହୋଇଛି ।

ଇସିଆଇ ସୂଚନା ଅନୁଯାୟୀ, ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୫୦.୯୭ କୋଟି ଭୋଟରଙ୍କ ଉପରେ ସର୍ଭେ କରାଯାଉଛି । ଏଥିପାଇଁ ୫.୩୨ ଲକ୍ଷ ବିଏଲ୍‌ଓଙ୍କୁ ନିୟୋଜିତ କରାଯାଇଛି । ଅର୍ଥାତ୍ ମାସେ ମଧ୍ୟରେ ଜଣେ ବିଏଲ୍‌ଓଙ୍କୁ ଅନ୍ୟୂନ ୯୫୬ ଭୋଟରଙ୍କ ତାଲିକା ସଂଶୋଧନ କରିବାକୁ ହେବ । ଏଥିରେ ରହିଛି ଫର୍ମ ବଣ୍ଟନ, ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ଏବଂ ସେମାନଙ୍କ ସମସ୍ୟାର ସମାଧାନ । ବିଏଲ୍‌ଓମାନଙ୍କୁ ଫୋନ୍ ଯୋଗେ କ୍ରମାଗତ ଭାବେ ବିଭିନ୍ନ ପରାମର୍ଶ ଦିଆଯାଉଛି । ଟାର୍ଗେଟ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନ ଭୟ ରହୁଛି । କାର୍ଯ୍ୟଚାପ ବଢୁଥିବାରୁ ବିଏଲ୍‌ଓମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ମଧ୍ୟପ୍ରଦେଶରେ ପ୍ରାଣ ହରାଇଥିବା ୨ ଜଣ ବିଏଲ୍‌ଓ ହେଲେ ରମାକାନ୍ତ ପାଣ୍ଡେ ଏବଂ ସୀତାରାମ ଗୋଣ୍ଡ । ନିଖୋଜ ବିଏଲ୍‌ଓ ଜଣକ ଭବ୍ୟ ସିଟିରେ ରହୁଥିବା ଶିକ୍ଷକ ନାରାୟଣ ଦାସ ସୋନି ବୋଲି ଜଣାପଡ଼ିଛି । ସେହିପରି ଶନିବାର ପଶ୍ଚିମବଙ୍ଗ ନଦିଆ ଜିଲାରେ ମହିଳା ବିଏଲ୍‌ଓ ରିଙ୍କୁ ତରଫଦାରଙ୍କ ମୃତ୍ୟୁ ଘଟିଛି । ଗତ ବୁଧବାର ଜଲପାଇଗୁଡ଼ି ଜିଲାରେ ଆଉ ଜଣେ ବିଏଲ୍‌ଓ ରଶି ଲଗାଇ ଆତ୍ମହତ୍ୟା କରିଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ପରିବାରରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କର୍ମଜଞ୍ଜାଳ ମଧ୍ୟରେ ଚିନ୍ତା କରିବାକୁ ଅବସର ମିଳିବ ନାହିଁ । ପାରିବାରିକ ସମସ୍ୟା ସମାଧାନରେ ପଡ଼ୋଶୀଙ୍କ ଅବଦାନକୁ ଅସ୍ୱୀକାର କରିପାରିବେ ନାହିଁ । ରଚନାତ୍ମକ କାମରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ସନ୍ତାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବାରେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା କରିପାରନ୍ତି ।

**ବୃଷ** — ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ବିଶେଷ ଗୁରୁତର ହୋଇ ନ ପାରେ । ପରିବାରରୁ ପୂର୍ଣ୍ଣ ସମର୍ଥନ ଲାଭ କରି ଗଠନମୂଳକ କାର୍ଯ୍ୟ ସମ୍ପନ୍ନ କରିବେ । ବନ୍ଧୁଙ୍କ ପରାମର୍ଶରେ ଦୂରଯାତ୍ରାରେ ସଫଳତା ପାଇପାରିବେ । ପଡ଼ୋଶୀଙ୍କ ସହିତ ବିବାଦୀୟ ଘଟଣାର ଅବସାନ ଘଟିବାର ସୂଚନା ରହିଛି ।

**ମିଥୁନ** — ବନ୍ଧୁଙ୍କ ଅନୁରୋଧକ୍ରମେ ସମାଜ କଲ୍ୟାଣ କାମ ସକାଶେ ସ୍ୱୀକୃତି ପ୍ରଦାନ କରିବେ । ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ ସକାଶେ ସମର୍ଥନ ପାଇପାରନ୍ତି । ଅଂଶୀଦାର ବ୍ୟବସାୟୀଙ୍କ ସହିତ ବାଣିଜ୍ୟରେ ମାନମନାନ୍ତର ସୃଷ୍ଟି ହେବ । ଆତ୍ମୀୟମାନେ ଅସହଯୋଗ କଲେ ମଧ୍ୟ ଆପଣଙ୍କ କାମ ଅଟକି ରହିବ ନାହିଁ ।

**କର୍କଟ** — କର୍ମକ୍ଷେତ୍ରରେ ସହକର୍ମୀ ସହାନୁଭୂତିର ସହିତ ସହଯୋଗର ହାତ ବଢ଼ାଇପାରନ୍ତି । ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବା ସହିତ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ । ଅଭାବ ଲାଗି ରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି ।

**ସିଂହ** — ଆଜି କୌଣସି କାମ ଅଟକିବ ନାହିଁ, କିନ୍ତୁ ଅର୍ଥ ସଂକଟ ଲାଗିରହିବ । ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଜନିତ ମାନସିକ ମନକୁ କବଳିତ କରି ରଖିବ । ବିଭିନ୍ନ ଯୋଜନା ସମ୍ପର୍କୀୟ ଆଲୋଚନା, ଜମିଜମା କାରବାର ପ୍ରଭୃତି ସକାଶେ ବ୍ୟସ୍ତତା ବଢ଼ିଯାଇପାରେ । ନିଜ ପରିସରର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି ।

**କନ୍ୟା** — ଆଜି ଯେତିକି ପାଇବେ, ଦୁଇଗୁଣା ଖର୍ଚ୍ଚ ମାନସିକ ଅସ୍ଥିରତାର କେନ୍ଦ୍ରବିନ୍ଦୁ ପାଲଟିଯିବ । ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ଆନୁଷ୍ଠାନିକ କାମ ସ୍ଥଗିତ ରହିଯିବ । ଭଲ ସମ୍ପର୍କ ରହିଥିବା ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ । ବାଣିଜ୍ୟ, ଗବେଷଣା, ଅନୁସନ୍ଧାନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି ।

**ତୁଳା** — ଆଜି ବନ୍ଧୁତ୍ୱ ଡୋରିରେ ବାନ୍ଧି ହୋଇ ଜୀବନର ନୂତନ ଅଧ୍ୟାୟ ଆରମ୍ଭ କରିପାରନ୍ତି । ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପାରସ୍ପରିକ ଆଲୋଚନା କରିବା ଭଲ । ସଭାସମିତିରେ ଯୋଗ ଦେଇ ଲାଭବାନ୍ ହେବେ ଓ ପ୍ରତିଷ୍ଠା ପାଇବେ । ପୂର୍ବ ସ୍ଥିରୀକୃତ ଗସ୍ତ କାର୍ଯ୍ୟକ୍ରମ ସମସ୍ୟା ହେତୁ ବାତିଲ ହୋଇପାରେ ।

**ବିଛା** — ଆଜି ଏକାଧିକ କାମ ହାତକୁ ନେଇ କୌଣସି କାମକୁ ପୂର୍ଣ୍ଣାଙ୍ଗ କରିପାରିବେ ନାହିଁ । ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ । ନୀଚ ମନୋଭାବସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି । ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାରସୂତ୍ରରେ ଅର୍ଥ ଆଣିବେ ।

**ଧନୁ** — ପରିବର୍ତ୍ତିତ ପରିସ୍ଥିତି ମାନସିକ ସ୍ଥିରତା ରକ୍ଷା କରିବାରେ ସମର୍ଥ ହେବ । ନିଜର ପୂର୍ବ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ବଦଳାଇବାକୁ ବାଧ୍ୟ ହେବେ । ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରି ସଫଳତା ହାସଲ କରିବେ । ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି ।

**ମକର** — ଆଜି ଆପଣ ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ । ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମିତ୍ରଭଳି ଆଚରଣ କରିପାରନ୍ତି । ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ଆଇନ ଏବଂ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି । ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ ।

**କୁମ୍ଭ** — ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ ନ ଚଳିଲେ ନିନ୍ଦା, ଅପମାନ ପାଇପାରନ୍ତି । ତଥାପି ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ । ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାର ମଉକା ମିଳିବ । ବିବାଦୀୟ ପରିସ୍ଥିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାକୁ ଚେଷ୍ଟା କରିବେ ।

**ମୀନ** — ଆପଣ ଯେଉଁ ଜିନିଷଟିକୁ ପାଇବାକୁ ଇଚ୍ଛା କରିଛନ୍ତି, ତାହା ବିଳମ୍ବରେ ପାଇବେ । କର୍ମକ୍ଷେତ୍ରରେ ଅପରାହ୍ନରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇପାରନ୍ତି । ଶିଳ୍ପ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେବ । ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର କିମ୍ବା ହଜି ଯାଇଥିବା ଜିନିଷ ଅଜଣା ବ୍ୟକ୍ତିଙ୍କ ନିକଟରୁ ପାଇପାରନ୍ତି ।

ଆଜି ନଭେମ୍ବର ୨୩ ତାରିଖ, ସତ୍ୟସାଇ ବାବାଙ୍କ ଜୟନ୍ତୀ, ସାର୍ ଜଗଦୀଶ ଚନ୍ଦ୍ର ବୋଷଙ୍କ ତିରୋଧାନ ଦିବସ, ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳ ତୃତୀୟା ରବିବାର । ରାଶି ନକ୍ଷତ୍ର-ମୂଳା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୪୭ ଗତେ ଘ.୦୮।୫୯ ମଧ୍ୟେ, ଘ.୧୨।୫୫ମି. ଗତେ ଘ.୦୨।୫୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୩୯ମି. ଗତେ ଘ.୦୫।୦୨ମି. ମଧ୍ୟେ ରାହୁକାଳ ।

# 'ଓସିପିଏଲ୍-ଓପିଜିସି ମିଶ୍ରଣ ହେବନାହିଁ'

**ଭୁବନେଶ୍ୱର,୨୨।୧୧(ସୁନିତ୍ ମିଶ୍ର)**

## ଓସିପିଏଲ୍ ସିଇଓଙ୍କୁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଚିଠି

ଓଡ଼ିଶା କୋଲ୍ ଆଣ୍ଡ୍ ପାୱାର ଲିମିଟେଡ୍ (ଓସିପିଏଲ୍)କୁ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି) ସହ ମିଶ୍ରଣ କରାଯିବା ନିଷ୍ପତ୍ତିକୁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ମନୋନୀତ କର୍ତ୍ତୃପକ୍ଷ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଫଳରେ ଓଡ଼ିଶା ସରକାରଙ୍କ ଏହି ଯୋଜନା ବିଫଳହେବା ସାଙ୍ଗକୁ ଏହାକୁ ନେଇ ଚାଲିଥିବା ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଓସିପିଏଲ୍-ଓପିଜିସି ମିଶ୍ରଣ ପ୍ରସ୍ତାବ ଉପରେ ଓଡ଼ିଶା ସରକାର ଗତ ଅକ୍ଟୋବର ୮ରେ ନୀତିଗତ ନିଷ୍ପତ୍ତି ନେବା ପରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ମନୋନୀତ କର୍ତ୍ତୃପକ୍ଷଙ୍କ ଅନୁମୋଦନର ଆବଶ୍ୟକତା ଥିଲା। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମୋଦନ ହାସଲ କରିବାକୁ ଗତ ୧ ତାରିଖରେ ଓସିପିଏଲ୍ ଏକ ପତ୍ର ମାଧ୍ୟମରେଆବେଦନ କରାଯାଇଥିଲା। ଓସିପିଏଲ୍‌ର ଆବେଦନକୁ ବିଚାରକରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ନିଜ ବିଚାର ଓ ନିଷ୍ପତ୍ତିକୁ ସ୍ପଷ୍ଟ ଉଲ୍ଲେଖକରି ଗତ ୨୦ ତାରିଖରେ ଏକ ପତ୍ର ମାଧ୍ୟମରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରିଛି।

ମନ୍ତ୍ରଣାଳୟ ପକ୍ଷରୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି, ମନୋହରପୁର କୋଇଲା ଖଣି ପାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହ ଓସିପିଏଲ୍ ସମ୍ପାଦନ କରିଥିବା ଆବଣ୍ଟନ ଚୁକ୍ତିନାମାର ଧାରା ୧୩.୨.୧ ଅନୁସାରେ ଓସିପିଏଲ୍-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ଟାଙ୍ଗରପାଲି ଉତ୍ତର କୋଇଲା ଖଣିକୁ ନିଲାମ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପ୍ରକାଶ କରିଥିବା ବିଜ୍ଞପ୍ତି ଦସ୍ତାବିଜର ପାରା ୫.୨.୧.୩ ଅନୁସାରେ ଲକ୍-ଇନ୍ ଅବଧିରେ ଓସିପିଏଲ୍-ଓପିଜିସି ମିଶ୍ରଣ ସମ୍ଭବ ନୁହେଁ। ସେହିପରି ଟାଙ୍ଗରପାଲି ଉତ୍ତର କୋଇଲାଖଣି ପାଇବା ପରେ ଓସିପିଏଲ୍ ଓ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ଧାରା ୧୩.୧.୩ ଅନୁସାରେ ସାମ୍ପ୍ରତିକ ପରିସ୍ଥିତିରେ ଉକ୍ତ ମିଶ୍ରଣ ବେଆଇନ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ଅକ୍ଟୋବର ୮ ରେ ଏକ ନୋଟ୍‌ଶିଟ୍ ମାଧ୍ୟମରେ ଶକ୍ତି ବିଭାଗକୁ ସୂଚିତ କରାଯାଇଥିଲା। ରାଜ୍ୟ ସରକାର ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ କରିବା ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଥିଲେ। ଫଳରେ ଓସିପିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତିର ଆଉ ଆବଶ୍ୟକ ନ ଥିଲା। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ସେତେବେଳେ ଏହାକୁ ବିରୋଧକରି କହିଥିଲେ, ମିଶ୍ରଣ ନିଷ୍ପତ୍ତି ସପକ୍ଷରେ ଓପିଜିସିର ଯୁକ୍ତି ହେଉଛି, ମିଶ୍ରଣ ହୋଇଗଲେ ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ଟନ୍ ପିଛା ୪୦୦ ଟଙ୍କା ଦେବାକୁ ପଡିବ ନାହିଁ, ଫଳରେ ବିଦ୍ୟୁତ୍ ମୂଲ୍ୟ କମିଯିବ। କେନ୍ଦ୍ର ଜିଏସ୍‌ଟି କାଉନସିଲ କୋଇଲା ଉତ୍ପାଦନ ଉପରେ ଲାଗୁଥିବା ଜିଏସ୍‌ଟି କ୍ଷତିପୂରଣ ସେସ୍ ଟନ୍ ପିଛା ୪୦୦ ଟଙ୍କା ୨୨.୦୯.୨୦୨୫ରୁ ବନ୍ଦ କରିଦେଇଛନ୍ତି। ତେଣୁ ଓପିଜିସି ଆଉ ୪୦୦ ଟଙ୍କା ସେସ୍ ଦେଉନାହିଁ। କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ୨୨।୦୮।୨୦୨୫ରେ ଓସିପିଏଲ୍‌କୁ ସୁନ୍ଦରଗଡ଼ ଜିଲାର ଟାଙ୍ଗରପାଲି ଉତ୍ତର କୋଇଲାଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ନିଲାମରେ ପାଇଥିବା ଖଣି ବାଜ୍ୟାପ୍ତ ହେବା ସହ ରାଜ୍ୟର ପ୍ରବଳ ବ୍ୟବସାୟିକ ଓ ଅର୍ଥନୈତିକ କ୍ଷତି ହେବ। ଦକ୍ଷତା ବୃଦ୍ଧି ପାଇଁ ଏନ୍‌ଟିପିସି ଏକ ନୂତନ କୋଇଲା କମ୍ପାନୀ ଏନ୍‌ଏମ୍‌ଏଲ୍(ଏନ୍‌ଟିପିସି ମାଇନିଂ ଲିମିଟେଡ୍) ଗଠନ କରିଥିବାବେଳେ ଓଡ଼ିଶା ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଥିବା ଓସିପିଏଲ୍‌କୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ।

# ହାତୀ ଲଢ଼େଇରେ ଦନ୍ତାର ମୃତ୍ୟୁ



ଜଙ୍ଗଲରେ ପଡ଼ିଥିବା ଦନ୍ତାର ମୃତଦେହ।

**ମୋରଡ଼ା/ରାସଗୋବିନ୍ଦପୁର,୨୨।୧୧ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ଶନିବାର ଏକ ଦନ୍ତା ହାତୀର ମୃତଦେହକୁ ବନ ବିଭାଗ ଠାବ କରିଛି। ହାତୀ-ହାତୀ ମଧ୍ୟରେ ଲଢ଼େଇରୁ ଦନ୍ତାର ମୃତ୍ୟୁ ହୋଇଥିବା କୁହାଯାଉଛି। ବନ ବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଜାରି ରହିଥିବା କୁହାଯାଇଛି।

ସୂଚନା ଅନୁଯାୟୀ, ଉକ୍ତ ରେଞ୍ଜ ଅଧୀନ ସାରୁମୂଳା ବିଟ୍‌ର ବେତନାସିଆ ସଂରକ୍ଷିତ ଜଙ୍ଗଲକୁ ସ୍ଥାନୀୟ ଲୋକେ ପତ୍ର ତୋଳିବାକୁ ଯାଇଥିଲେ। ସେଠାରେ ଗୋଟିଏ ହାତୀର ମୃତଦେହକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର ମାଳତୀଲତା ସିଂ, ଫରେଷ୍ଟଗାର୍ଡ ଚିତ୍ତରଞ୍ଜନ ଜେନା ଘଟଣାସ୍ଥଳରେ ପହଞ୍ଚି ଦନ୍ତାହାତୀର ମୃତଦେହକୁ ଜବତ କରିଥିଲେ। ପରେ ଡିଏଫ୍‌ଓ . ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଏସ୍‌ସିଏଫ ମେହେରବାନ ଅଲ୍ଲୀ, ଆରସିସିଏଫ ପ୍ରକାଶଚନ୍ଦ୍ର ଗଗିନେନୀ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ମୃତ ଦନ୍ତାହାତୀର ବୟସ ୭ ରୁ ୮ ବର୍ଷ ହେବ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। ଶୁକ୍ରବାର ଉକ୍ତ ଦନ୍ତାହାତୀର ଅନ୍ୟ ଏକ ହାତୀ ସହିତ ଜଙ୍ଗଲରେ ଲଢ଼େଇ ହେଉଥିବା ବନ ବିଭାଗ କର୍ମଚାରୀ ଦେଖିଛନ୍ତି। ଫଳରେ ହାତ-ହାତୀ ଲଢ଼େଇରେ ମୃତ୍ୟୁ ହୋଇଥିବାର ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ଶୁକ୍ରବାର ବାଙ୍କବଣରେ ୪୦ଟି ଝାଡ଼ଖଣ୍ଡୀ ହାତୀ ଥିବା ବେଳେ ସନ୍ଧ୍ୟାରେ ସାରୁମୂଳା ବିଟର ବେତନସିଆ ଜଙ୍ଗଲକୁ ଆସିଥିଲେ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

- ହତ୍ୟା ଅଭିଯୋଗ ଆଣିଲେ ପରିବାର
- ୭ ଦିନ ତଳେ କେନ୍ଦ୍ରକୁ ଯାଇଥିଲେ

**ବ୍ରହ୍ମପୁର,୨୨।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁରରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ମିଲନ ନାୟକ। ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଏମ୍‌କେସିଜିରେ ପରିବାର ଲୋକେ ମିଲନଙ୍କ ହାତ, ଗୋଡ଼ ଓ ପାଦରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ପାଇ ପୁଅକୁ ନିଶା ନିବାରଣ କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀ ହାତ, ଗୋଡ଼ ବାନ୍ଧି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୬୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀଙ୍କୁ ଥାନାକୁ ଡାକି ପୋଲିସ ପଚରାଉଚରା କରୁଛି। ଉକ୍ତ ନିଶା ନିବାରଣ କେନ୍ଦ୍ରରେ ସିସିଟିଭି ଫୁଟେଜ ଅଛି କି ନାହିଁ ତାହା ଯାଞ୍ଚ କରୁଛି। ଏଥିସହ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ପୋଲିସ ଗୁରୁତ୍ୱାରୋପ କରି ଏହାର ତଦାରଖ କରୁଛି। ତଦନ୍ତରେ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯାଇଛି। ସେଠାରେ ମିଲନଙ୍କ ସହ ଅନ୍ୟ କେଉଁମାନେ ରହୁଥିଲେ ସେମାନଙ୍କୁ ଘଟଣା ସମ୍ପର୍କରେ ପୋଲିସ ପଚରାଉଚରା କରୁଛି।

ଖବରରୁ ପ୍ରକାଶ, ରାଧାକୃଷ୍ଣ ହରିଜନ ସାହିର ସାଇବାଣୀ ନାୟକଙ୍କ ପୁଅ ମିଲନ ଅତ୍ୟଧିକ ନିଶାପାନ କରୁଥିଲେ। ସେ କିପରି ନିଶାଠାରୁ ଦୂରେଇଯିବେ ସେ ନେଇ ପରିବାର ଲୋକ ଚିନ୍ତାରେ ଥିଲେ। ଏହି ସମୟରେ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଭେଟିଥିଲେ। ମିଲନଙ୍କୁ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କଲେ ତାଙ୍କର ନିଶା ଅଭ୍ୟାସ ସେମାନେ ଦୂରେଇଦେବେ ବୋଲି ଉକ୍ତ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ କହିଥିଲେ। ଏହାକୁ ବିଶ୍ୱାସ କରି ପରିବାର ଲୋକେ ଗତ ୧୬ ତାରିଖରେ ମିଲନ୍‌ଙ୍କ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେତେବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିଲା। ଶୁକ୍ରବାର ବିଳମ୍ବିତ ରାତି ସାଢେ ୨ଟାରେ ନିଶା ନିବାରଣ କେନ୍ଦ୍ରର ପରିଚାଳକ ଫୋନ କରି ସାଇବାଣୀଙ୍କୁ ଏମ୍‌କେସିଜି ମେଡିକାଲ ଆସିବାକୁ କହିଥିଲେ। ମିଲନ ଅସୁସ୍ଥ ହେବାରୁ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ସାଇବାଣୀ ମେଡିକାଲରେ ପହଞ୍ଚି ପୁଅର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ପୁଅକୁ କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀମାନେ ହତ୍ୟା କରିଛନ୍ତି ବୋଲି ମା' ସାଇବାଣୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତ ଦୁଇମାସ ତଳେ ସଦର ଥାନା ଅନ୍ତର୍ଗତ ଲାଠିରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ।




DSPL - 372

# ଆମ ନନ୍ଦନକାନନ

NANDANKANAN
CONSERVE | EDUCATE | INSPIRE




## ଆକର୍ଷଣୀୟ ଜନ୍ତୁ ସଂଗ୍ରହ

ନନ୍ଦନକାନନରେ ୧୭୭ ପ୍ରଜାତିର ମୋଟ ୪୧୩୦ଟି ଜୀବଜନ୍ତୁ ରହିଛନ୍ତି, ଯେଉଁଥିରେ ୧୧୫ ଭାରତୀୟ ଏବଂ ୬୨ ବିଦେଶୀ ପ୍ରଜାତିର ପ୍ରାଣୀ ଅଛନ୍ତି । ଏଥିରେ ୫୭ ପ୍ରଜାତିର ସ୍ତନ୍ୟପାୟୀ, ୮୩ ପ୍ରଜାତିର ପକ୍ଷୀ, ୩୧ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି। ଭାରତୀୟ ଚିଡିଆଖାନାଙ୍କ ମଧ୍ୟରେ ନନ୍ଦନକାନନର ଜନ୍ତୁ ସଂଗ୍ରହ ସର୍ବାଧିକ।







## ମନମୁଗ୍ଧକର ପର୍ଯ୍ୟଟକ ସୁବିଧା

ପର୍ଯ୍ୟଟକଙ୍କ ସୁବିଧା ପାଇଁ ବହୁତଳ ଗାଡ଼ି ରହଣି ସ୍ଥଳ, ୪ଟି ବନ୍ୟପ୍ରାଣୀ ସଫାରି, ବ୍ୟାଟେରୀ ଚାଳିତ ଯାନ ସେବା, ଶିଶୁମାନଙ୍କ ପାଇଁ ବ୍ୟାଟେରୀ ଚାଳିତ ରେଳଗାଡ଼ି, ନୌକାବିହାର, ରଜୁପଥ ଓ ବିହଙ୍ଗ ସରଣୀ ଆଦି ରହିଛି।

## ସଂରକ୍ଷଣ ପ୍ରଜନନ କାର୍ଯ୍ୟକ୍ରମ

ନନ୍ଦନକାନନରେ ବିଶ୍ୱର ଏକମାତ୍ର ଭାରତୀୟ ବଜ୍ରକାପ୍ତା ସଂରକ୍ଷଣ ପ୍ରଜନନ କେନ୍ଦ୍ର ରହିଛି। ଏଥି ସହିତ ବାଘ, ଗୁରାଣ୍ଡି, ଲମ୍ବା ଥଣ୍ଟିଆ ଶାଗୁଣାମାନଙ୍କ ସଂରକ୍ଷଣ ପ୍ରଜନନ ମଧ୍ୟ ଜାରି ରହିଛି । ବିଲୁପ୍ତମୁଖି ଘଡିଆଳ କୁମ୍ଭୀରର ବଂଶ ରକ୍ଷା ପାଇଁ ମହାନଦୀରେ ଘଡିଆଳ ପୁନରୁଦ୍ଧାର ପ୍ରକଳ୍ପ ଚାଲିଛି।

## ଉନ୍ନତମାନର ବନ୍ୟପ୍ରାଣୀ ରକ୍ଷଣାବେକ୍ଷଣ

ନନ୍ଦନକାନନରେ ବନ୍ୟପ୍ରାଣୀଙ୍କ ଉନ୍ନତମାନର ରକ୍ଷଣାବେକ୍ଷଣ ପାଇଁ ଅତ୍ୟାଧୁନିକ ବନ୍ୟପ୍ରାଣୀ ଚିକିତ୍ସାଳୟ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା, ବନ୍ୟପ୍ରାଣୀ ଶାବକ ପାଳନ କେନ୍ଦ୍ର ଉପଲବ୍ଧ ଅଛି। ବନ୍ୟପ୍ରାଣୀଙ୍କ ରୋଗନିରୂପଣ ଓ ଗବେଷଣା ପାଇଁ ସଂରକ୍ଷଣ, ଅନୁସନ୍ଧାନ ଓ ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟ କରୁଛି।









## ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ

ନନ୍ଦନକାନନରେ ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ ଯଥା ପରିବେଶ ସମ୍ବନ୍ଧୀୟ ଦିବସ ପାଳନ, ପ୍ରାଣୀ ଉଦ୍ୟାନ ରାଷ୍ଟ୍ରଦୂତ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ପାଇଁ ନନ୍ଦନକାନନରେ ଗୋଟିଏ ଦିନ, ଗବେଷଣାତ୍ମକ ଶିକ୍ଷା କାର୍ଯ୍ୟକ୍ରମ, ବିଦ୍ୟାଳୟରେ ପ୍ରାଣୀ ଉଦ୍ୟାନ ସମ୍ବନ୍ଧୀୟ ଶିକ୍ଷା କାର୍ଯ୍ୟକ୍ରମ ଓ ବିଜ୍ଞାନରେ ନାଗରିକଙ୍କ ଯୋଗଦାନ ଆଦି କାର୍ଯ୍ୟକ୍ରମ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ପାଇଁ ଉପାଦେୟ ହେଉଅଛି।

OIPR-

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନା ଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା



# ପ୍ରଭାବୀ ସ୍ୱର



## ଆକାର ପଟେଲ

କାଶ୍ମୀର ଟାଇମ୍ସ ଖବରକାଗଜ ଏବଂ ଏହାର ସମ୍ପାଦିକା ଅନୁରାଧା ଭାସିନଙ୍କ ଉପରେ ଚଢ଼ାଉ ସମ୍ପର୍କରେ ବହୁ ଅଯୋଗଭିତ୍ତିକ ଖବର ପ୍ରକାଶ ପାଉଛି। ଏହି ପରିପ୍ରେକ୍ଷୀରେ କିଛି ପୃଷ୍ଠଭୂମିକୁ ଏଠାରେ ଉପସ୍ଥାପନ କରାଯାଉଛି, ଯେଉଁଥିରୁ ପାଠକେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିପାରିବେ। ୨ ଜୁନ୍ ୨୦୨୦ରେ ମୋଦି ସରକାର କଶ୍ମୀରକୁ ଲକ୍ଷ୍ୟ କରି 'ନୂତନ ଗଣମାଧ୍ୟମ ନୀତି ୨୦୨୦' ଘୋଷଣା କରିଥିଲେ। ଉଲ୍ଲେଖନୀୟ, କଶ୍ମୀରରେ ଲୋକଦେଖାଣିଆ ସମସ୍ୟା ଆଣିବା ଏବଂ ଏହାର ସ୍ୱତନ୍ତ୍ର ଆଇନଗୁଡ଼ିକୁ ଉଚ୍ଛେଦ କରିବା ସରକାରଙ୍କ ଏକ ବାହାନା ଥିଲା। ତଥାପି ଏଠାରେ ଆଉ ଏକ କଶ୍ମୀର ନୀତି ଥିଲା। ୫୦ ପୃଷ୍ଠାରୁ ଅଧିକ ଲମ୍ବା ଏହି ନୀତି ସରକାରଙ୍କୁ 'ନକଲି', 'ଅନୈତିକ' କିମ୍ବା 'ଦେଶ ବିରୋଧୀ' ଖବର କ'ଣ ତାହା ନିର୍ଣ୍ଣୟ କରିବା ପାଇଁ ଅବାଧ କ୍ଷମତା ଦେଇଥିଲା। ଏହି ଆଧାରରେ ଏହା ସାମ୍ବାଦିକ ଏବଂ ଗଣମାଧ୍ୟମ ସଙ୍ଗଠନ ବିରୋଧରେ ଆଇନଗତ ଏବଂ ଅନ୍ୟାନ୍ୟ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନେଇପାରିବ। ବିଦେଶରେ ଗଣମାଧ୍ୟମ ତତ୍ତ୍ୱାବଧାରକମାନେ 'ନକଲି', 'ଅନୈତିକ', 'ଦେଶ ବିରୋଧୀ' ଏବଂ 'ସମାଜ ବିରୋଧୀ' ଭଳି ଅସ୍ପଷ୍ଟ ତଥା ଅନିର୍ଦ୍ଧାରିତ ଶବ୍ଦର ବ୍ୟବହାର ସମ୍ପର୍କରେ ଭଲଭାବେ ଜାଣିଥିଲେ, ଯାହା ଅପବ୍ୟବହାର ପାଇଁ ପଥ ଖୋଲି ଦେଇଥିଲା। କାରଣ ଖବର ଉପରେ ବିଚାର କରୁଥିବା ଅମଲାତନ୍ତ୍ରୀ ବା ଅଧିକାରୀଙ୍କ ପାଇଁ କୌଣସି ମାର୍ଗଦର୍ଶିକା ମାନଦଣ୍ଡ କିମ୍ବା ନୀତି ରଖାଯାଇ ନ ଥିଲା। ଏହା ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ ନିଷ୍ପତ୍ତି ଥିଲା। କଶ୍ମୀରର ଗଣମାଧ୍ୟମ ଏହି ନୀତିର ଦୃଢ଼ ବିରୋଧ କରିଥିବାବେଳେ ଇଣ୍ଡିଆନ ପ୍ରେସ୍ ଏ ବିଷୟରେ ନୀରବ ରହିଥିଲେ। ଯେଉଁମାନେ ଦୃଢ଼ ସ୍ୱର ଉଠାଇଥିଲେ, ସେମାନଙ୍କ ମଧ୍ୟରୁ ଭାସିନ ଥିଲେ ଜଣେ। ୧୦ ଜାନୁଆରୀ ୨୦୨୦ରେ କଶ୍ମୀରରେ ଇଣ୍ଟରନେଟ୍ ପୁନଃ ସ୍ଥାପନ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ, ଇଣ୍ଟରନେଟ୍ ବ୍ୟବହାର ଭାରତୀୟଙ୍କର ଏକ ମୌଳିକ ଅଧିକାର। ପରଦିନ 'ଇଣ୍ଟରନେଟ୍ ବ୍ୟବହାର ଏକ ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ କହିଛନ୍ତି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଦୁର୍ଭାଗ୍ୟବଶତଃ, ପ୍ରକୃତରେ ନ୍ୟାୟ ମିଳିଲା ନାହିଁ ଏବଂ କଶ୍ମୀରରେ ଇଣ୍ଟରନେଟ୍ ବ୍ୟବହାର ବନ୍ଦ ଜାରି ରହିଲା। ସରକାର କହିଥିଲେ ଯେ, 'ଇଣ୍ଟରନେଟ୍ ବ୍ୟବହାର କରିବାର ଅଧିକାର ଏକ ମୌଳିକ ଅଧିକାର ନୁହେଁ। ତେଣୁ ଅନୁଚ୍ଛେଦ ୧୯(୧)(ଏ) ଅନୁଯାୟୀ ବାକ୍ ଏବଂ ଅଭିବ୍ୟକ୍ତି ସ୍ୱାଧୀନତାର ଅଧିକାର ପାଳନ କରିବା କିମ୍ବା ଇଣ୍ଟରନେଟ୍ ମାଧ୍ୟମରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଜି) ଅନୁଯାୟୀ ଯେକୌଣସି ପ୍ରକାର ବାଣିଜ୍ୟ କିମ୍ବା ବ୍ୟବସାୟର ପ୍ରଚାର ବା ବିସ୍ତାରକୁ ରୋକାଯାଇପାରିବ।' କଶ୍ମୀରବାସୀଙ୍କ ପାଇଁ ଏହି ସାମୂହିକ ଦଣ୍ଡ ଯଥାର୍ଥ ବୋଲି ଦର୍ଶାଇ କୁହାଯାଇଥିଲା ଯେ, 'ଅଗଷ୍ଟ ୨୦୧୯ ସାମ୍ବିଧାନିକ ଘଟଣା ପରେ ପାକିସ୍ତାନ ହ୍ୟାଣ୍ଡଲରମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଏହି ଅଞ୍ଚଳରେ ଶାନ୍ତି ଭଙ୍ଗ କରିବା, ହିଂସାକୁ ଉସ୍କାଇବା ଏବଂ ଆତଙ୍କବାଦ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସୋସିଆଲ ମିଡିଆରେ ଅଧିକ ସକ୍ରିୟ ରହିଛନ୍ତି।' ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, 'ଦୁର୍ଭାଗ୍ୟବଶତଃ, ଇଣ୍ଟରନେଟ୍ ଜିହାଦ ସଫଳ ହୋଇଛି। ଏହା ବିଶ୍ୱସ୍ତରୀୟ ବିଷୟ। ଜିହାଦୀ ନେତାମାନେ ଇଣ୍ଟରନେଟ୍ ମାଧ୍ୟମରେ ଘୃଣା ଏବଂ ଅବୈଧ କାର୍ଯ୍ୟକଳାପ ପ୍ରସାର କରିପାରୁଛନ୍ତି।' ଖଣ୍ଡପୀଠ ପଚାରିଥିଲେ ଯେ କିଛି ପ୍ରତିବନ୍ଧକ ସହିତ ଇଣ୍ଟରନେଟ୍ ବ୍ୟବହାର ପାଇଁ ଅନୁମତି ଦିଆଯାଇପାରିବ କି? କେନ୍ଦ୍ରର ଉତ୍ତର ଥିଲା, 'ଇଣ୍ଟରନେଟ୍ ଗତି ବୃଦ୍ଧି ହେବା ଦ୍ୱାରା ଉତ୍ତେଜକ ଭିଡିଓ ଏବଂ ଅନ୍ୟାନ୍ୟ ତଥ୍ୟ ସମ୍ବଳିତ ଫାଇଲଗୁଡ଼ିକ ଶୀଘ୍ର ଅପଲୋଡ ଏବଂ ପୋଷ୍ଟ କରିହେବ।'

ଉଲ୍ଲେଖନୀୟ, ୨୦୦୧ରେ କଶ୍ମୀରରେ ହିଂସା ଶୀର୍ଷରେ ପହଞ୍ଚିଥିଲା ଏବଂ ଏଥିରେ ୪,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ କଶ୍ମୀରରେ ଇଣ୍ଟରନେଟ୍ କିମ୍ବା ମୋବାଇଲ ଟେଲିଫୋନ ନ ଥିଲା। ତଥ୍ୟ ଅନୁଯାୟୀ, ହିଂସାର ସ୍ତର ସହିତ ଇଣ୍ଟରନେଟ୍ ଉପଲବ୍ଧତାର କୌଣସି ସମ୍ପର୍କ ନାହିଁ। କିନ୍ତୁ ସରକାର କିମ୍ବା କୋର୍ଟ ଏହାକୁ ବିଚାରକୁ ନେଇନଥିଲେ। ୨୦୧୯ର ସାମ୍ବିଧାନିକ ପରିବର୍ତ୍ତନ ପରଠାରୁ ଜମ୍ମୁ ଏବଂ କଶ୍ମୀରରେ ସରକାର ଅତିକମ୍‌ରେ ୭୦ ଥର ଇଣ୍ଟରନେଟ୍ ବନ୍ଦ କରିବା ଯୋଗୁ ଏହାର ଉପଲବ୍ଧତା ବାଧାପ୍ରାପ୍ତ ହୋଇଛି, ଯାହା ବିଶ୍ୱରେ ସର୍ବାଧିକ। ଇଣ୍ଟରନ୍ୟାଶନାଲ ଆଡ୍‌ଭୋକେସି ଗ୍ରୁପ ଆକ୍ସେସ ନାଓ ରିପୋର୍ଟ ଅନୁଯାୟୀ, ୧୭ ମାସ ଇଣ୍ଟରନେଟ ବନ୍ଦ କରାଯିବା ଏକ ଗଣତନ୍ତ୍ରରେ ସବୁଠାରୁ ଦୀର୍ଘ ସମୟ। ଆମ୍‌ନେଷ୍ଟି ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ୧୪ ଜାନୁଆରୀ ୨୦୨୦ରୁ ୪ ଅଗଷ୍ଟ ୨୦୨୦ ମଧ୍ୟରେ ସରକାର ମୋଟ ୬୬ ଥର ଇଣ୍ଟରନେଟ୍ ବନ୍ଦ କରିଥିଲେ। କଶ୍ମୀରରେ ଇଣ୍ଟରନେଟ୍ ପୁନଃ ସ୍ଥାପନ ସତ୍ତ୍ୱେ ମନମୁଖି ଭାବେ ଏହାକୁ ବନ୍ଦ କରାଯାଉଛି।

ତେବେ ୧୦ ଜାନୁଆରୀ ୨୦୨୦ରେ ଶୁଣାଣି ହୋଇଥିବା ମାମଲାର ଆବେଦନକାରୀ ଥିଲେ 'କଶ୍ମୀର ଟାଇମ୍ସ'ର ସମ୍ପାଦିକା ଏବଂ ପ୍ରକାଶକ ଅନୁରାଧା ଭାସିନ୍। ସେ କୋର୍ଟକୁ କହିଥିଲେ, ଭାରତ ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ଯୋଗାଯୋଗ କଟକଣା ଯୋଗୁଁ ସେ ଖବରକାଗଜ ପ୍ରକାଶ କରିପାରି ନ ଥିଲେ। ସେ ଇଣ୍ଟରନେଟ୍, ମୋବାଇଲ ଏବଂ ଲ୍ୟାଣ୍ଡଲାଇନ୍ ଫୋନ ବ୍ୟବହାର ଉପରେ ଲାଗୁ ହୋଇଥିବା କଟକଣାକୁ ହଟାଇବା ଏବଂ ଅନ୍ୟାନ୍ୟ ବିଷୟକୁ କୋହଳ କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ହେଲେ କୋର୍ଟ ସେପରି ଉତ୍ତର ଦେବା କଥା ସେପରି କରି ନ ଥିଲେ ଏବଂ କଟକଣା ଜାରି ରହିଲା। ଫଳରେ କଶ୍ମୀର ଟାଇମ୍ସ ପ୍ରକାଶ ପାଇପାରିଲା ନାହିଁ ଏବଂ ସ୍ୱତଃ ଏହାର କାମ ବନ୍ଦ ହୋଇଗଲା। ୨୦ ଅକ୍ଟୋବର ୨୦୨୦ରେ 'ଉଭେଷ୍ଟିତ: ଭାରତୀୟ ଅଧିକାରୀଙ୍କ ଦ୍ୱାରା କଶ୍ମୀର ଖବରକାଗଜର କାର୍ଯ୍ୟାଳୟକୁ ସିଲ୍ କରାଯାଇଛି' ଶୀର୍ଷକ ଏକ ମୁଖ୍ୟ ଖବର ପ୍ରକାଶ ବି ପାଇଥିଲା। ଏବକାର ଅଭିଯୋଗ ପରେ, ଚଳିତ ସପ୍ତାହରେ 'କଶ୍ମୀର ଟାଇମ୍ସ: ଏକ ଜମ୍ମୁ ଖବରକାଗଜ ଯାହା ଉପଦ୍ୟବ ପାଇଁ ଠିଆ ହୋଇଥିଲା' ଶୀର୍ଷକ ଆଉ ଏକ ଖବର ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ୧୯୫୪ରେ ପ୍ରତିଷ୍ଠିତ ଏହି ଖବରକାଗଜ କଶ୍ମୀର ଗଣମାଧ୍ୟମ କ୍ଷେତ୍ରରେ ଏକ ପ୍ରଭାବଶାଳୀ ଏବଂ ବିଶ୍ୱସନୀୟ ସ୍ୱର ଭାବରେ ବିବେଚିତ ହୋଇଛି। ଏହା ସମ୍ପୂର୍ଣ୍ଣ ସତ୍ୟ। ହେଲେ ଏହା ଉପରେ ଯେଉଁଭଳି ଆକ୍ରମଣ କରାଯାଉଛି ଏବଂ ଭାସିନ୍ ତଥା ତାଙ୍କ ଖବରକାଗଜକୁ ବିଶେଷକରି ଭାରତର ତେଜହୀନ ଗଣମାଧ୍ୟମରୁ ଅଧିକ ସମର୍ଥନ ନ ମିଳିବା ଅତ୍ୟନ୍ତ ଲଜ୍ଜାଜନକ।

Email:aakar.patel@gmail.com

# ବେକାରି ସମସ୍ୟା ଓ ଚାକିରି ଜାଲିଆତି



## ସୁଧୀର କୁମାର ନାୟକ

ଭାରତରେ ବେକାରି ସମସ୍ୟା ଚିନ୍ତାର ବିଷୟ। ସମସ୍ୟା ଏହିପରି କି ଯଦି କୌଣସି ସରକାରୀ କାର୍ଯ୍ୟାଳୟରେ ପିଅନ, ହୋମଗାର୍ଡ, ଝାଡୁଦାର, ସିକ୍ୟୁରିଟି ପୋଷ୍ଟ ବାହାରୁଛି ତେବେ ନିମ୍ନ ଶିକ୍ଷାଗତ ଯୋଗ୍ୟତା କଥା କ'ଣ କହିବା ସ୍ନାତକ, ସ୍ନାତକୋତ୍ତର, ଇଞ୍ଜିନିୟରିଂ ଡିଗ୍ରୀଧାରୀ ପିଲାମାନେ ଆବେଦନ କରୁଛନ୍ତି। ବେସରକାରୀ କିମ୍ବା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଏଜେନ୍ସିଗୁଡ଼ିକ ଚାକିରି ଦେବା ଆଳରେ ବେକାର ପିଲାଙ୍କୁ ବିଭିନ୍ନ ଦିଗରେ ଶୋଷଣ କରିଆସିଛି। ଏହି ପରିସ୍ଥିତିରେ ଓଡ଼ିଶା ପୋଲିସ ଏସ୍‌ଆଇ ଚାକିରି ନିଯୁକ୍ତି ପାଇଁ ଲକ୍ଷ ଲକ୍ଷ ଟଙ୍କାରେ ବିଭିନ୍ନ ଦଲାଲ ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ବିକ୍ରି କରିବାର ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦିନେ ବର୍ତ୍ତମାନ ଅନେକ ଲକ୍ଷ ପିଲାଙ୍କୁ ହତାଶ କରିଛି। ସରକାରଙ୍କ ନିଯୁକ୍ତି ପରିଚାଳନା କାର୍ଯ୍ୟାଳୟ ଉପରେ ସେମାନଙ୍କ ଭରସା ଓ ବିଶ୍ୱାସ ନ ରହିବା ସ୍ୱାଭାବିକ। ସରକାର ଯେତେ ପ୍ରକାରର ଦମ୍ଭ ଦେଲେ ବି ଏହା ସ୍ୱୀକାର କରିବାକୁ ପଡ଼ିବ ଯେ, ଏପରି ଜାଲିଆତି ପଛରେ ନିଶ୍ଚୟ ବଡ଼ ବାବୁମାନଙ୍କ ହାତ ଅଛି। ତାହାର କାରଣ ହେଲା ପ୍ରଶ୍ନପତ୍ର ତିଆରି କରିବା, ଛପାଇବା, ବିଭିନ୍ନ କେନ୍ଦ୍ରକୁ ବିତରଣ କରିବା, ପରୀକ୍ଷା କେନ୍ଦ୍ର ଚୟନ କରିବା, ପରୀକ୍ଷା ଖାତା ମୂଲ୍ୟାୟନ ସହ ଶାରୀରିକ ଓ ମୌଖିକ ପରୀକ୍ଷା ଦାୟିତ୍ୱ ସୀମିତ ଅଧିକାରୀଙ୍କ ହାତରେ ସମ୍ଭବପର ନୁହେଁ। ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍, ବେଷ୍ଟର ପାଇଥିବା ବେଳେ ପରବର୍ତ୍ତୀ ସମୟରେ ବିନା ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ ଅନୁମତିରେ ସିଲିକନ୍ ଟେକ୍ ଲାବ୍ ପ୍ରାଇଭେଟ ଲିମିଟେଡ୍‌କୁ ସବ୍ କଣ୍ଟ୍ରାକ୍ଟ ଦିଆଗଲା କିପରି? ଏଥିରେ ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ ନୀରବ ରହିଲେ କାହିଁକି? ପ୍ରତ୍ୟକ୍ଷ ଭାବେ ପରିଚାଳନା କରିବାର ଦାୟିତ୍ୱ ବୋର୍ଡର ଥିଲେ ବି ଯେଉଁ ପରୀକ୍ଷାର୍ଥୀମାନେ ଆନ୍ଧ୍ରପ୍ରଦେଶ ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ ଏ ବାବଦରେ ବୋର୍ଡକୁ ସୂଚନା ମିଳିଲା ନାହିଁ କେମିତି? ଏଥିସହ ସିଲିକନ୍ ଓ ପଞ୍ଚସଫ୍ଟର ସିଧାସଳଖ ଜାଲିଆତି କାମରେ ସମ୍ପୃକ୍ତି ରହିଥିବାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି। ପୋଷ୍ଟକୁ ବିଭିନ୍ନ ପ୍ରାର୍ଥୀଙ୍କୁ ଅନେକ ଲକ୍ଷ ଟଙ୍କାରେ ବିକ୍ରି କରିଥିବାର ଯାହା ଅନୁସନ୍ଧାନରୁ ଜଣାପଡୁଛି। ଏଥିରେ ବିଭିନ୍ନ ଜିଲାରେ ଦଲାଲମାନେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି।

କେନ୍ଦ୍ର ସରକାରଙ୍କ ରେଳ, ଡାକ ବିଭାଗ, ସେଣ୍ଟ୍ରାଲ ପୋଲିସ ଅର୍ଗାନାଇଜେସନ, ରାଜ୍ୟ ପୋଲିସ ନିଯୁକ୍ତି ବୋର୍ଡ, ବ୍ୟାଙ୍କ, ସେକ୍ସନ ଅଫିସର, ଆଇଆଇ ଏଆଇଆଇ, ଏଲ୍‌ଆଇ, ଏପରି କି ପିଅନ, ଚପରାସୀ, ହୋମଗାର୍ଡ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଯୁକ୍ତି ସମୟରେ ନାନାଦି ବିଶୃଙ୍ଖଳା ହେବାର ଖବର ଆସିଥାଏ। କୌଣସି ପରିସ୍ଥିତିରେ ଯଦି ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଅବହେଳା କିମ୍ବା ଜାଲିଆତି ଧରାପଡ଼େ, ତଥାପି ସେମାନଙ୍କ ପ୍ରତି ଅନେକ କ୍ଷେତ୍ରରେ କଠୋର ଦଣ୍ଡବିଧାନ ହୁଏନାହିଁ। ତଳଆଡ଼ୁ କିଛି କର୍ମଚାରୀଙ୍କୁ ଧରି ବଡ଼ ବଡ଼ିଆଙ୍କୁ ଖସାଇ ଦେବାର ଧାରା ପାରମ୍ପରିକ ହୋଇଯାଇଛି। ମନେପକାଇ ଦେଉଛି, ୨୦୨୧ ଜୁଲାଇରେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନଙ୍କ ଜଣେ ଅଧିକାରୀଙ୍କୁ ଦୁର୍ନୀତି ନିବାରଣ ବିଭାଗ ଧରିଥିଲା। ତାଙ୍କ ଘରୁ ୩.୫୧ କୋଟି ଟଙ୍କା ଜବତ ହେବା ସହ ବହୁ ସୁନା ରୁପା ଅଳଙ୍କାର, ଗାଡ଼ି, ପ୍ଲଟ ଠାବ କରାଯାଇ ତାଙ୍କୁ ଗିରଫ କରାଗଲା। ତାଙ୍କ ଘରୁ ବିଭିନ୍ନ ପରୀକ୍ଷାର ପରୀକ୍ଷାର୍ଥୀଙ୍କ ଆଡମିଟ କାର୍ଡ ମଧ୍ୟ ଜବତ କରାଯାଇଥିଲା। ଏ ସବୁ ଘଟଣାକୁ ଲକ୍ଷ୍ୟ କଲେ ସାଧାରଣ ପରୀକ୍ଷାର୍ଥୀଙ୍କ କେଉଁ ଭରସା ନେଇ ସରକାରୀ ଚାକିରି ପାଇଁ ପରୀକ୍ଷା ଦେବେ। ଆଜି ପ୍ରମାଣ ହେଉଛି ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ପ୍ରତିଭା ଥାଇ ମଧ୍ୟ ଚାକିରିରୁ ବଞ୍ଚିତ ହେଉଛନ୍ତି। ଏହା ମଧ୍ୟରେ ସାଧାରଣ ବର୍ଗର ପିଲାମାନଙ୍କ ବୟସ ସୀମା ମଧ୍ୟ ଅତିକ୍ରାନ୍ତ କରିଯାଉଛି। ନିକଟରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବା ଦ୍ୱାରା ବୋର୍ଡର କର୍ମଚାରୀଙ୍କ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଗିରଫ କରାଯାଇଛି। ରାଜ୍ୟରେ ବହୁ ଉଚ୍ଚଶିକ୍ଷିତ ନିଜର ଯୋଗ୍ୟତା ଥାଇ ବି ଉପଯୁକ୍ତ ଚାକିରି ନ ପାଇ ବାହାର ରାଜ୍ୟ ବା ଦେଶକୁ ପଳାଉଛନ୍ତି। ଆଶ୍ଚର୍ଯ୍ୟର କଥା, ପ୍ରତ୍ୟେକ ବର୍ଷ ରାଜ୍ୟରୁ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯେଉଁ ଦାଦନ ଯାଉଛନ୍ତି, ସେମାନଙ୍କ ମଧ୍ୟରେ ଅନେକ ଉଚ୍ଚଶିକ୍ଷିତ ଡିଗ୍ରୀଧାରୀ ଯୁବକ ଅଛନ୍ତି। ପରିବାରର ବୋଝ ଓ ନିତିଦିନିଆ ଖର୍ଚ୍ଚ ତୁଲାଇବା ପାଇଁ ସେମାନେ ଦାଦନ ଖଟିବାକୁ ବାଧ୍ୟ ହୋଇଥାନ୍ତି।

ଦେଶରେ ଖାଦ୍ୟ ସୁରକ୍ଷା ଯୋଜନାଠାରୁ ଆରମ୍ଭ କରି ରହିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସବୁକିଛି ହିତାଧିକାରୀଙ୍କୁ ମିଳୁଛି। ଶ୍ରମ ସୃଷ୍ଟିକାରୀ ଯୋଜନାଗୁଡ଼ିକ ଦ୍ୱାରା ଗ୍ରାମାଞ୍ଚଳ ଶ୍ରମିକଙ୍କୁ କାମ



ଯୋଗାଇ ଦିଆଯାଉଛି ବୋଲି ଯଦିଓ ସରକାରୀ ତଥ୍ୟ ମିଳିଥାଏ ତେବେ ସେହି ସବୁ ଅଞ୍ଚଳରୁ ପ୍ରତ୍ୟେକ ବର୍ଷ ହଜାର ହଜାର ଶ୍ରମିକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି କାହିଁକି? ଦେଶରେ ଉଚ୍ଚଶିକ୍ଷିତ ବେକାରି ହାର ହାରାହାରି ୩୦%ରୁ ଅଧିକ। ବେରୋଜଗାରଙ୍କ ସଂଖ୍ୟା ୬୫.୭%ରୁ ଅଧିକ। ଭାରତରେ ୧୫ରୁ ୩୦ ବର୍ଷ ବୟସର ବ୍ୟକ୍ତିଙ୍କ ମଧ୍ୟରେ ବେକାରି ହାର ୮୦%ରୁ ଅଧିକ। ଜିଲାଗୁଡ଼ିକରେ ଥିବା କର୍ମ ନିୟୋଜନ ସଂସ୍ଥା ଯେଉଁ ହାରରେ ପଞ୍ଜୀକୃତ ହୋଇଥାଏ ସେଥିରୁ ୧ ପ୍ରତିଶତ ନିଯୁକ୍ତି ମିଳିବା ସମ୍ଭବ ହେଉନାହିଁ। ଅବଶ୍ୟ ସବୁ ଉଚ୍ଚ ଶିକ୍ଷିତଙ୍କୁ ସରକାରୀ ଚାକିରି ମିଳିବା ସମ୍ଭବ ନୁହେଁ। କିନ୍ତୁ ମେଧାବୀ ପରୀକ୍ଷାର୍ଥୀ ନିଯୁକ୍ତି ପ୍ରକ୍ରିୟାରେ ଠିକ୍ ଉତ୍ତର ଦେଇ ଚାକିରି ପାଇବା ସୁନିଶ୍ଚିତ ନୁହେଁ। କମ୍ପାନୀଗୁଡ଼ିକରେ ବିଭିନ୍ନ ପଦବୀରେ ଯେଉଁ ନିଯୁକ୍ତି ମିଳିଥାଏ ତାହା ମଧ୍ୟ ନେତାବାବୁଙ୍କ ସୁପାରିସ ଦରକାର। ଆମ ଦେଶରେ ଆର୍ଥନୈତିକ ବୈଷମ୍ୟ ଚିନ୍ତାଜନକ। ଦିନକୁ ଦିନ ଦେଶରେ ଧନୀମାନଙ୍କ ସଂଖ୍ୟା ବଢୁଥିବାବେଳେ ଗରିବଙ୍କ ସଂଖ୍ୟା କମୁନାହିଁ। କ୍ଷୁଧା, ଅପପୁଷ୍ଟି, ନାନାଦି ରୋଗରୁ ମୁକ୍ତି ପାଇଁ ଦେଶରେ ୩୫ କୋଟିରୁ ଅଧିକ ଲୋକ ସଂଘର୍ଷ କରୁଛନ୍ତି।

ଗତ ଦଶବର୍ଷ ମଧ୍ୟରେ ଲକ୍ଷ୍ୟ କରାଯାଏ ଦେଶରେ ବହୁ ଜ୍ଞାନୀ ଉଚ୍ଚ ଶିକ୍ଷା ଡିଗ୍ରୀଧାରୀ ଯୁବତୀ, ଯୁବକ, କୁଶଳୀ ବ୍ୟକ୍ତିମାନେ ନିଜ ଦେଶ ଛାଡ଼ି ବାହାର ଦେଶକୁ ଯାଇ ସେଠାରେ ଚାକିରି କରି ରହୁଛନ୍ତି। ଲଜ୍ଜାଜନକ ବିଷୟ ହେଉଛି, ଦେଶରେ ସବୁ କ୍ଷେତ୍ରରେ ଦଲାଲଙ୍କର ଜାଲିଆତି ରହୁଛି। ବର୍ତ୍ତମାନର ସରକାରୀ ନିଯୁକ୍ତି କ୍ଷେତ୍ରରେ ଦଲାଲଙ୍କର ଭୂମିକା ଓ ପ୍ରାଦୁର୍ଭାବ ବଢ଼ିଯାଉଛି। ଏମାନଙ୍କୁ ଅସାଧୁ ସରକାରୀ ବାବୁ ଏବଂ କ୍ଷମତାଶାଳୀ ନେତାମାନେ ହାତବାରିସି କରି ଜନତାଙ୍କଠାରୁ ଅନୈତିକ ଭାବେ ଅର୍ଥ ଲୁଟୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ, ରାଜ୍ୟ ଓ ଦେଶରେ ଯେଉଁ ସରକାରୀ ବିଭାଗଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷା କରାଯାଉଛି, ସେଗୁଡ଼ିକରେ ସ୍ୱଚ୍ଛତା ରହିବା ଜରୁରୀ। ନିଯୁକ୍ତିର ଅନେକ ନୀତି ନିୟମ ଏବଂ ପରିଚାଳନା ବୋର୍ଡର ବର୍ତ୍ତମାନ ସମୟକୁ ନେଇ ସଂସ୍କାର ଆବଶ୍ୟକତା ରହିଛି। ସମସ୍ତ ପରୀକ୍ଷାକୁ ଏସ୍‌ଓପିରେ ଧାର୍ଯ୍ୟ ବ୍ୟବସ୍ଥା କରାଯାଉ। ଆଉଟ୍‌ସୋର୍ସିଂକୁ ସବୁକ୍ଷେତ୍ରରେ ଦାୟିତ୍ୱ ଦେବା ଠିକ୍ ନୁହେଁ। ତେବେ ରାଜ୍ୟରେ ପରିଚାଳିତ ହେଉଥିବା ସମସ୍ତ ନିଯୁକ୍ତିଭିତ୍ତିକ ପରୀକ୍ଷାକୁ ସ୍ୱତନ୍ତ୍ର ସିବିଆଇ ଦ୍ୱାରା ବ୍ୟବସ୍ଥା କରାଯାଇ ଅଭିଜ୍ଞ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଉ। ପରୀକ୍ଷା ସନ୍ଧାନୀୟ ତଥ୍ୟର ସୁରକ୍ଷା ଓ ବିଶ୍ୱସନୀୟତା ରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ବହୁ ଅଧିକାରୀଙ୍କ ବିରୋଧରେ ଯଦି ପୂର୍ବରୁ କିଛି ଅଭିଯୋଗ ଥାଏ କିମ୍ବା ସେମାନଙ୍କ କାର୍ଯ୍ୟକଳାପ ଉପରେ କିଛି ସନ୍ଦେହ ଆସିଥାଏ ସେମାନଙ୍କୁ ଏପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରୁ ଅନ୍ତର କରାଯାଉ। ପରୀକ୍ଷାର୍ଥୀ ଯଦି ସୂଚନା ଅଧିକାର ଆଇନ ଦ୍ୱାରା ତାହାର ଉତ୍ତର ଖାତା ନକଲ ଚାହିଁବ ତେବେ ଆଇନାନୁଯାୟୀ ତାଙ୍କୁ ଯୋଗାଇ ଦିଆଯାଉ। କୌଣସି ପରିସ୍ଥିତିରେ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ସେହି ଅଧିକାରରୁ ବଞ୍ଚିତ କରା ନ ଯାଉ।


ଶ୍ୟାମପୁର, ଧାମନଗର, ଭଦ୍ରକ
ମୋ: ୯୯୩୮୦୮୦୨୯୪


# ସଂସ୍କୃତ: ଭାଷାର ଜନନୀ



## ଡ. ଭାରତ ଭୂଷଣ ରଥ

ସମୟକ୍ରମେ ବିଶ୍ୱରେ ଅନେକ ଭାଷା ସୃଷ୍ଟି ହୋଇଛି ଏବଂ କିଛି ବିଲୀନ ହୋଇଛି। ତନ୍ମଧ୍ୟରେ ସଂସ୍କୃତ ବିଶ୍ୱର ଏକ ପ୍ରାଚୀନ ଭାଷା। ସଂସ୍କୃତ ଭାଷାରେ ବିରଚିତ ବେଦ ଏକ ପ୍ରାଚୀନ ଗ୍ରନ୍ଥ ଯାହା ପୂର୍ବରୁ କୌଣସି ତତ୍ତ୍ୱ ବିଶ୍ୱ ରହସ୍ୟକୁ ଏତେ ପ୍ରାମାଣିକ ଭାବରେ ଉପସ୍ଥାପନ କରି ନ ଥିଲା। ଯେତେବେଳେ ବିଶ୍ୱରେ ଲେଖନ କଳାର ସୃଷ୍ଟି ହୋଇ ନ ଥିଲା ସେତେବେଳେ ଶ୍ରବଣ ମାଧ୍ୟମରେ ଋଷିମାନେ ବେଦ ମନ୍ତ୍ରଗୁଡ଼ିକୁ ମନେରଖୁଥିଲେ। ତେଣୁ ବେଦଙ୍କୁ ଶ୍ରୁତିଶାସ୍ତ୍ର କୁହାଯାଏ। ପରବର୍ତ୍ତୀ ସମୟରେ ଲିପି ସୃଷ୍ଟି ହେଲା ତଥା ଭୂର୍ଜପତ୍ର ଏବଂ ତାଳପତ୍ର ପ୍ରଭୃତିରେ ଲେଖନ ଆବିଷ୍କାର ହେଲା। ବିଶ୍ୱରେ ନିଶ୍ଚୟ ଅନେକ ପ୍ରାନ୍ତୀୟ, ଗ୍ରାମ୍ୟ ତଥା ଅରଣ୍ୟବାସୀଙ୍କର ଭାଷା ରହିଥିବ। କିନ୍ତୁ ବିଶ୍ୱର ରହସ୍ୟ ସଂସ୍କୃତ ଶାସ୍ତ୍ରଗୁଡ଼ିକରେ ଲିଖିତ ହେବା କାରଣରୁ ସଂସ୍କୃତ ବହୁଚର୍ଚ୍ଚିତ। ଏହା ପ୍ରମାଣିତ କରେ ଅନ୍ୟ ଭାଷାଗୁଡ଼ିକ ଅପେକ୍ଷା ସଂସ୍କୃତ ଏକ ସର୍ବମାନ୍ୟ ବିଶ୍ୱ ଭାଷାର ସ୍ଥାନ ଗ୍ରହଣ କରିଥିଲା।

ବାଲ୍ମୀକି ରାମାୟଣର ସୁନ୍ଦରକାଣ୍ଡ ମତରେ ତ୍ରେତୟାଯୁଗରେ ସଂସ୍କୃତ ଭାଷା କଥୋପକଥନର ଏକ ପ୍ରମୁଖ ଭାଷା ଥିଲା। କାରଣ ଯେତେବେଳେ ମା'ସୀତାଙ୍କୁ ଅନ୍ୱେଷଣ କରି ହନୁମାନ ଲଙ୍କାର ଅଶୋକବାଟିକାରେ ପହଞ୍ଚିଲେ ସେତେବେଳେ ସଂସ୍କୃତ ଭାଷାରେ ସୀତାଙ୍କ ସହ କଥାହେଲେ। ଏପରିକି ରାବଣ ମଧ୍ୟ ସଂସ୍କୃତ ଭାଷାରେ ସୀତାଙ୍କ ସହ କଥା ହେଉଥିଲେ। ଠିକ୍ ସେହିପରି ଦ୍ୱାପର ଯୁଗରେ ମଧ୍ୟ ସଂସ୍କୃତ ଭାଷା ଲୋକ ଭାଷା ଥିଲା। ତେଣୁ ଶ୍ରୀମଦ୍‌ଭଗବଦ୍‌ଗୀତାର ୧୮ଟି ଯାକ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ସଂସ୍କୃତ ଭାଷାରେ ହିଁ ଅର୍ଜୁନଙ୍କୁ ଦିବ୍ୟଜ୍ଞାନ ପ୍ରଦାନ କରିଛନ୍ତି। ବେଦ, ଉପନିଷଦ, ରାମାୟଣ, ମହାଭାରତ, ଧର୍ମଶାସ୍ତ୍ର ପ୍ରଭୃତି ପ୍ରାଚୀନ ଶାସ୍ତ୍ରଗୁଡ଼ିକ ସଂସ୍କୃତ ଭାଷାରେ ବିରଚିତ। ପରବର୍ତ୍ତୀ ସମୟରେ ସଂସ୍କୃତ ଭାଷାରୁ ଅନୂଦିତ ହୋଇ ବିଭିନ୍ନ ଭାଷାରେ ସମସ୍ତ ତଥ୍ୟ ପ୍ରକାଶ ପାଇଲା। ସଂସ୍କୃତ ଭାଷାରେ ବିରଚିତ ଉପନିଷଦ ଆତ୍ମଜ୍ଞାନକୁ ଉପସ୍ଥାପନ କରେ, ସମାଜତତ୍ତ୍ୱ ଉପସ୍ଥାପନ କରେ ସାହିତ୍ୟ, ଶାନ୍ତ ଜୀବନର ମାର୍ଗଦର୍ଶକ ରାମାୟଣ ଏବଂ ଗୀତା, ବିଜ୍ଞାନକୁ ଉପସ୍ଥାପନ କରିବା ପାଇଁ ବେଦ ମନ୍ତ୍ର ତଥା ବିଭିନ୍ନ ଶାସ୍ତ୍ର, ଗ୍ରହମଣ୍ଡଳର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଜ୍ୟୋତିଷ, ଭାଷା ଜ୍ଞାନ ପାଇଁ ବ୍ୟାକରଣ, ସାମ୍ବିଧାନିକ ବିଧିବ୍ୟବସ୍ଥା ପାଇଁ ସ୍ମୃତିଗ୍ରନ୍ଥ, ଅର୍ଥନୀତି ପାଇଁ କୌଟିଲ୍ୟ ଅର୍ଥଶାସ୍ତ୍ର, ଶରୀରର ସୁସ୍ଥତା ପାଇଁ ଆୟୁର୍ବେଦ ତଥା ଯୋଗଶାସ୍ତ୍ର, ସମାଜ ଚେତନା ପାଇଁ ପୁରାଣ ପ୍ରଭୃତି ଅନେକ ଶାସ୍ତ୍ର ସମାଜକୁ ମାର୍ଗଦର୍ଶନ କରନ୍ତି। କହିବାକୁ ଗଲେ ଭାରତର ସଂସ୍କୃତି ଏବଂ ସଂସ୍କୃତ ଭାଷା ଅଙ୍ଗାଙ୍ଗୀ ଭାବେ ଜଡ଼ିତ।



ଟିକେ ଗଭୀର ଚିନ୍ତା କଲେ ଜାଣିହୁଏ, ଭାରତର ପ୍ରତିଷ୍ଠାରେ ଏହି ସଂସ୍କୃତ ଭାଷା କେତେ ଉପଯୋଗୀ ସାବ୍ୟସ୍ତ ହୋଇଛି। ଭାରତୀୟମାନେ ଅନେକ ବର୍ଷ ଧରି ବଣଜଙ୍ଗଲରେ ସାଧାରଣ ଜୀବନଯାପନ କଲେ। କଳକାରଖାନା ତଥା ଆଧୁନିକତା ଭାରତରେ ନ ଥିଲା। ଭାରତ ତୁଳନାରେ ବିଶ୍ୱର ଅନେକ ଦେଶ ଅଗ୍ରଗତି କରିସାରିଥିଲେ। ଏପରିକି ବିକଶିତ ଦେଶଗୁଡ଼ିକ ଭାରତକୁ ଶାସନ କଲେ। ଇଂରେଜ ଏବଂ ମୋଗଲମାନେ ଏ ଦେଶର ଶାନ୍ତି ଭଙ୍ଗ କଲେ। ଦେଶର ଧନରତ୍ନ ଲୁଣ୍ଠନ କଲେ। ଏତେ ସବୁ ପରେ ମଧ୍ୟ ବିଶ୍ୱ ଆମକୁ ସମ୍ମାନ କରୁଥିଲା। ବୈଦେଶିକ ଶତ୍ରୁ ଆମ ସଂସ୍କୃତି ଏବଂ ସଂସ୍କାରକୁ ନଷ୍ଟପ୍ରାୟ କରିବା ପରେ ମଧ୍ୟ ବିଶ୍ୱ ଭାରତକୁ ଯେଉଁଭଳି ଭାବରେ ଲୁଣ୍ଠନ କରାଗଲା ଯଦି ଆମ ଭାଷା ଏବଂ ସଂସ୍କୃତି ସେତିକି ସୁଦୃଢ଼ ନ ଥାନ୍ତା ଆମ ଦେଶ କେଉଁ ରସାତଳକୁ ଚାଲିଯାଇଥାନ୍ତା, ଯାହାକୁ ପୁନଃ ପ୍ରାପ୍ତି କରିବା ସହଜ ସାଧ୍ୟ ହୋଇ ନ ଥାନ୍ତା। ଆମର ଭାଷା, ସାହିତ୍ୟ, ସଂସ୍କୃତି, ଜ୍ଞାନ, ବିଜ୍ଞାନ ଇତ୍ୟାଦି ଏତେ ମାର୍ଜିତ ଥିଲା ଯେ, ବିଦେଶୀମାନେ ଆମର ପୂର୍ବପୁରୁଷଙ୍କର ଗବେଷଣାକୁ ନେଇଯାଇ ନିଜ ନାମରେ ନାମିତ କରିଛନ୍ତି। ମାକ୍ସମୁଲାର, ମାକ୍‌ଡୋନାଲ, ମନିୟର ଉଇଲିୟମ୍ସ, ହୋମର ପ୍ରମୁଖ ଅନେକ ବିଶିଷ୍ଟ ପାଶ୍ଚାତ୍ୟ ବିଦ୍ୱାନ ଭାରତ ଆସି ସଂସ୍କୃତ ଭାଷାକୁ ଅଧ୍ୟୟନ କରିବା ସହିତ ସଂସ୍କୃତ ଶାସ୍ତ୍ରକୁ ପଢ଼ି ସେଗୁଡ଼ିକର ଅନୁବାଦ କରିପାରିଥିଲେ। ତେବେ ପ୍ରଶ୍ନ ଉଠେ ସଂସ୍କୃତରେ ଏମିତି କ'ଣ ସବୁ ବିଶେଷତ୍ୱ ରହିଅଛି ଯାହାକୁ ପଢ଼ିବା ପାଇଁ ଦେଶବିଦେଶର ବିଦ୍ୱାନ୍ ଏବଂ ମହାତ୍ମାମାନେ ଏତେ ଉତ୍କଣ୍ଠିତ। ଏ ପ୍ରଶ୍ନର ଉତ୍ତର ସ୍ୱରୂପ ଗୋଟିଏ ବାକ୍ୟ କୁହାଯାଇ ପାରେ ସଂସ୍କୃତ ହିଁ ଭାରତୀୟ ସମାଜ ନିର୍ମାଣର ମୂଳ ଉତ୍ସ। ଏହା କେବଳ ଏକ ଭାଷା ନୁହେଁ ଏହା ଶୃଙ୍ଖଳିତ ଜୀବନ ଜିଇବାର ମାର୍ଗ। ଆମ ଭାଷା ଏବଂ ସଂସ୍କୃତିକୁ ଆମ ଜନଜୀବନରେ ମଜଭୁତ କରିରଖିବା ଏକାନ୍ତ ଆବଶ୍ୟକ।

ପ୍ରାୟ ସମସ୍ତ ଭାରତୀୟ ଭାଷାର ସୃଷ୍ଟି ସଂସ୍କୃତରୁ ହୋଇଛି। ଓଡ଼ିଆରେ ବ୍ୟବହୃତ ଅଧିକାଂଶ ଶବ୍ଦ ସଂସ୍କୃତରୁ ହିଁ ସୃଷ୍ଟି। କେଉଁଠି ସଂସ୍କୃତ ଏବଂ ଓଡ଼ିଆ ଶବ୍ଦମାନଙ୍କ ମଧ୍ୟରେ ଶତପ୍ରତିଶତ ସମାନତା ଥାଏ ତଥା କେତେକ କ୍ଷେତ୍ରରେ ସାମାନ୍ୟ ସମାନତା ପରିଲକ୍ଷିତ ହୁଏ। ଭାରତର ପ୍ରାୟ ସମସ୍ତ ଆଞ୍ଚଳିକ ଭାଷା ସହିତ ସଂସ୍କୃତ ଭାଷା ନିବିଡ଼ଭାବେ ଜଡ଼ିତ। ତେଣୁ ସଂସ୍କୃତ ଭାଷାକୁ ଭାଷାର ଜନନୀ ଏବଂ ଭଗିନୀ ଭାବରେ ସମ୍ମାନ ଦିଆଯାଏ। ଶହଶହ ବର୍ଷ ପୂର୍ବରୁ ରଚିତ ରାମାୟଣ, ମହାଭାରତ, ଅର୍ଥଶାସ୍ତ୍ର, ନୀତିଶତକ, ସ୍ମୃତିଗ୍ରନ୍ଥ ପ୍ରଭୃତିରେ ଦେଶ ଶାସନ ପ୍ରକ୍ରିୟା ଯେପରି ବର୍ଣ୍ଣିତ ଅଛି ତାକୁ ଅନୁସରଣ କରି ଆମ ଦେଶର ସମ୍ବିଧାନ ତିଆରି କରାଯାଇଛି। ସଂସ୍କୃତରେ ଥିବା ମହତ୍ତ୍ୱକୁ ଦୃଷ୍ଟିରେ ରଖି ଏବେ ସଂସ୍କୃତ ଏବଂ ଭାରତୀୟ ସଂସ୍କୃତିରେ ବିଶେଷ ଅଧ୍ୟୟନରେ ବିଶ୍ୱ ମନ ଦେଇଛି।


ଉପନିର୍ଦ୍ଦେଶକ, ଦୂର ଶିକ୍ଷା ନିର୍ଦ୍ଦେଶାଳୟ
ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ,
ତିରୁପତି, ଆନ୍ଧ୍ରପ୍ରଦେଶ
ମୋ: ୮୮୯୭୪୭୬୨୪୩


## ଏଇ ଭାରତରେ

ବର୍ଷର ସବୁ ସମୟରେ ଏବେ ପଣସର ସ୍ୱାଦ ପାଇପାରିବେ। କେରଳର ରାନି ସୁନିଙ୍କ ଦ୍ୱାରା ପଣସରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ଆପଣଙ୍କର ଏହି ଆଶା ପୂରଣ କରିପାରିବ। ରାନିଙ୍କୁ ବୟସ ଏବେ ୫୭। ସେ ରହୁଛନ୍ତି ଇଡୁକ୍କିରେ। ସେ ପାଖାପାଖି ୫ ଏକରରେ ପଣସ ଗଛ ଲଗାଇଛନ୍ତି। ସେହି ଗଛଗୁଡ଼ିକରେ ପଣସ ପାଚିବା ପରେ ତାହାକୁ ସଂଗ୍ରହ କରି ବଜାରରେ ବିକ୍ରି କରିଦେବା ବଦଳରେ ସେଥିରୁ ଶୁଖିଲା ପଣସ ଗୁଣ୍ଡ, ପଣସ ସସ୍ ଓ ପଣସ ମଞ୍ଜିଗୁଣ୍ଡ ଇତ୍ୟାଦି ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଛନ୍ତି। ସେଥିରୁ ସେ ବର୍ଷକୁ ୮ ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ଉତ୍ପାଦଗୁଡ଼ିକୁ 'ଏଡେନ ଜ୍ୟାକଫ୍ରୁଟ ପ୍ରଡକ୍ଟ' ବ୍ରାଣ୍ଡରେ ବିକ୍ରି କରାଯାଉଛି। ଜଣେ ଗୃହିଣୀ ଭାବେ ଏଭଳି ଏକ ନିଆରା ବିଜ୍‌ନେସ୍ ଆରମ୍ଭ କରି ସଫଳ ହେବା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ସେ ପ୍ରତିଦିନ ଘର କାମ ଶେଷ କରିବା ପରେ ଅବଶିଷ୍ଟ ସମୟ ବିଜ୍‌ନେସ୍‌କୁ ଦେଉଛନ୍ତି। ରାନିଙ୍କ ବ୍ୟବସାୟିକ ଯାତ୍ରା ସଂଘର୍ଷମୟ ଥିଲା। ସେ ପ୍ରଥମେ ଏକ ଛୋଟ ରୁମ୍‌ରେ ବିଜ୍‌ନେସ୍ ଆରମ୍ଭ କରି ତାହାକୁ ବ୍ୟାପକ କରିଥିଲେ। ଏବେ ସେ ବଗିଚାରୁ ସଂଗୃହୀତ ପଣସ ବ୍ୟତୀତ ଅନ୍ୟ ୨୦ଟି ପରିବାରଠାରୁ ପଣସ ସଂଗ୍ରହ କରି ଅଧିକ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ପଣସ ସଂଗ୍ରହ କରିବାଠାରୁ ଆରମ୍ଭ କରି ଉତ୍ପାଦ ପ୍ରସ୍ତୁତି କରିବା କାର୍ଯ୍ୟରେ ସେ ୧୦ଜଣ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି।

## ୫୦ ବର୍ଷ ତଳେ ଧରିତ୍ରୀ

୨୩ ନଭେମ୍ବର ୧୯୭୫

- ସିରିଆର ପଦାତିକ ସାମରିକ ବାହିନୀ ଓ ଟ୍ୟାଙ୍କ ବାହିନୀ ତ୍ରିପୋଲିର ମୁଖ୍ୟ ବନ୍ଦର ଓ କେତେକ ସହର ଦଖଲ କରି ନେଇଛନ୍ତି।
- ଭାରତ ଓ ଆଲଜେରିଆ ମଧ୍ୟରେ ଜାତୀୟ ସମ୍ବାଦ ସରବରାହ ସଂସ୍ଥା ନେଇ ଏକ ନୂତନ ବିନିମୟ ଚୁକ୍ତିନାମା ସ୍ୱାକ୍ଷରିତ।

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 4 | | | | | 3 |
| 2 | 1 | | | | 5 | | 6 | |
| | | 8 | | | 1 | | 7 | 4 |
| | 3 | | | 2 | 9 | 1 | | |
| | | | | 7 | | | | |
| | | 1 | | | 6 | | | 5 |
| | | | | | | | | 7 |
| 8 | | | | 4 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 8 | 9 | 7 | 4 | 1 | 3 | 2 |
| 4 | 2 | 7 | 3 | 5 | 1 | 9 | 8 | 6 |
| 3 | 9 | 1 | 8 | 2 | 6 | 7 | 4 | 5 |
| 1 | 5 | 6 | 2 | 9 | 3 | 8 | 7 | 4 |
| 8 | 4 | 2 | 7 | 1 | 5 | 3 | 6 | 9 |
| 7 | 3 | 9 | 4 | 6 | 8 | 2 | 5 | 1 |
| 2 | 1 | 4 | 5 | 8 | 7 | 6 | 9 | 3 |
| 9 | 7 | 5 | 6 | 3 | 2 | 4 | 1 | 8 |
| 6 | 8 | 3 | 1 | 4 | 9 | 5 | 2 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଇ-ଆଡ୍‌ମିଶନରେ ଅଭିଭାବକ ସନ୍ତୁଷ୍ଟ ନୁହନ୍ତି

ମହାଶୟ,

ଇ-ଆଡ୍‌ମିଶନ ଯେତେ ସୁବିଧାଜନକ, ଏଥିରେ ପିଲାଙ୍କ ମତାମତ ଉପରେ ମଧ୍ୟ ଧ୍ୟାନ ଦିଆଯାଉଛି। ଏଥିରେ ଅନେକ ଆଗ୍ରହୀ ଛାତ୍ରୀ-ଛାତ୍ର ଯୋଗ୍ୟତା ବଳରେ ନିଜ ଜିଲାରେ ବା ସାରା ରାଜ୍ୟର ନାମୀଦାମୀ କଲେଜକୁ ଇ-ଡେସ୍ ମାଧ୍ୟମରେ ବାଛିବାର ପ୍ରସ୍ତାବ ରହୁଛି। କେତେକାଂଶରେ ଏମାନଙ୍କ ଛାତ୍ରୀଛାତ୍ର ଏହି ପ୍ରକ୍ରିୟାକୁ ସମର୍ଥନ ଜଣାଉଥିବା ବେଳେ, ପିଲାର ସର୍ବାଙ୍ଗୀନ ଚିନ୍ତା କରୁଥିବା ଅଭିଭାବକ ମହଲରେ କିଛି ବ୍ୟତିକ୍ରମ ଦେଖାଯାଉଛି। ସାଧାରଣତଃ ନିଜ ଘରଠାରୁ ଅନେକ ଦୂରରେ ଅବସ୍ଥିତ କଲେଜରେ ସେମାନେ ପିଲାଙ୍କ ନାମ ଲେଖାଇବାକୁ କୁଣ୍ଠାବୋଧ କରୁଛନ୍ତି। କାରଣ ଅନେକ ଅଭିଭାବକ ପ୍ରତିଦିନ ପିଲାଙ୍କ ଗସ୍ତ ଖର୍ଚ୍ଚକୁ ନେଇ ଚିନ୍ତିତ। ବାଙ୍ଗିରିପୋଷିରୁ ୩୦ କିମିରୁ ଦୂର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରୁଥିବା ଅନେକ ଛାତ୍ରୀଛାତ୍ରଙ୍କ ଅଭିଭାବକ ମହଲରେ ଏ ବିଷୟରେ ଅଧିକ ଚିନ୍ତାର କାରଣ ହୋଇଛି। ପିଲାର ଭବିଷ୍ୟତ ଉଜ୍ଜ୍ୱଳ କରିବା ପରିବର୍ତ୍ତେ ଖର୍ଚ୍ଚକୁ ଭୟ କରି ଆଜି ବି ଅନେକ ଅଭିଭାବକ ପିଲାଙ୍କୁ କଲେଜ ପାଠରୁ ଦୂରରେ ରଖିବା ଦେଖାଯାଉଛି। ଫଳରେ ପିଲାମାନେ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନେବା ପାଇଁ ଅଧ୍ୟୁଷିତ ଅଞ୍ଚଳର ଅଭିଭାବକମାନେ ନିବେଦନ କରିଛନ୍ତି।

– ସଂଜିତ ବୈଠା, ବାଙ୍ଗିରିପୋଷି, ମୟୂରଭଞ୍ଜ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


## ଚିରନ୍ତନୀ

ଏ ଦେହ ମୋର
ନିଭିଲା ଏଥି
କଣାଇ କା'ରେ ନତି
ନାହିଁ ନା ଲୋଡ଼ା ନ ଜଳୁ ଆଜି ବତୀ!
–(ସନ୍ଧ୍ୟା ପଥେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜା ମୁକୁନ୍ଦଦେବଙ୍କ ସ୍ମୃତିପୀଠ ହେବ ଅତ୍ୟନ୍ତ ରମଣୀୟ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଧାମନଗର,୨୨।୧୧
(ଦେବେନ୍ଦ୍ର ଆଦିଆ/ ସନ୍ତୋଷ କୁମାର ମହାପାତ୍ର)



ସାଧାରଣ ସଭାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏମ୍‌ପି ଅଭିମନ୍ୟୁ ସେଠୀ ଓ ଜିଲାପାଳ ଦିଲୀପ ରାଉତରାଏ।

ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ସ୍ମୃତିପୀଠ ଗୋହିରାଟିକିରିକୁ ଅତ୍ୟନ୍ତ ରମଣୀୟ କରାଯିବ ବୋଲି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ଧାମନଗର ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦୋବଲ କାଳୀପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ କେନ୍ଦ୍ରମନ୍ତ୍ରୀ ଧାମନଗର ଗସ୍ତରେ ଆସି ଏକତା ପଦଯାତ୍ରାରେ ଯୋଗଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ୧୦୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୨୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

ସକାଳେ କେନ୍ଦ୍ରମନ୍ତ୍ରୀ ପ୍ରଥମେ ଦୋବଲରେ ପହଞ୍ଚିବା ପରେ ତାଙ୍କୁ ଗୋହିରାଟିକିରି ଉନ୍ନୟନ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସେଠାରୁ ତାଙ୍କୁ ବାଇକ୍ ଶୋଭାଯାତ୍ରାରେ ଗୋହିରାଟିକିରି ପୀଠ ପର୍ଯ୍ୟନ୍ତ ନିଆଯାଇଥିଲା। ଏଠାରେ

## ୧୦୧ କୋଟିର ପ୍ରକଳ୍ପ ଶିଳାନ୍ୟାସ

ଥିବା ଅର୍ଜୁନ ଗଛ ମୂଳରେ ଅନୁଷ୍ଠିତ ପୂଜାରେ ସେ ଯୋଗ ଦେଇଥିଲେ। ଏହାପରେ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗୋହିରାଟିକିରି ମଠକୁ ଯାଇ ମୁକୁନ୍ଦଦେବ ସ୍ମାରକୀ ଭିତ୍ତିଭୂମି ପ୍ରକଳ୍ପର ଅନୁଧ୍ୟାନ କରିଥିଲେ। ଗୋହିରାଟିକିରିରୁ ଦୋବଲ ବସ୍‌ଷ୍ଟାଣ୍ଡ ଫେରି ଏକତା ପଦଯାତ୍ରାରେ ଯୋଗ ଦେଇଥିଲେ। ପଦଯାତ୍ରାରେ କଲେଜ, ସ୍କୁଲ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଦଳୀୟ କର୍ମୀଙ୍କ ସହ ବହୁ ଲୋକ ସାମିଲ ହୋଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ସଭାରେ ଉଦ୍‌ବୋଧନ ଦେଇ କହିଥିଲେ, ଉତ୍କଳ ସନ୍ତାନର ବୀରତ୍ୱର ଗାଥା ବହନ କରୁଥିବା ଗୋହିରାଟିକିରିର ବିକାଶ ଲାଗି ରାଜ୍ୟ ସରକାର ପଦକ୍ଷେପ ନେବେ। ଆଗାମୀ ଦିନରେ ୟୁନେସ୍କୋ ସହଯୋଗରେ ଏହା ଉପରେ ଗବେଷଣା କରାଯିବ। ପରେ ମା' ପାଇଁ ଗଛଟିଏ ଅଭିଯାନ ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଚାରାରୋପଣ କରିଥିଲେ।

ଭାରତର ସ୍ୱତନ୍ତ୍ରତା ପାଇଁ ସ୍ୱାଧୀନତା ସଂଗ୍ରାମ କରାଯାଇଥିଲା, ଏବେ ସମୃଦ୍ଧିର ଆବଶ୍ୟକତା ରହିଛି। ଆଗାମୀ ୧୦ ବର୍ଷ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ସାଢ଼େ ୪ କୋଟି ଲୋକ ଏକ ହୋଇ ଆଗକୁ ବଢ଼ିବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଧାମନଗର ମହାବିଦ୍ୟାଳୟ ବିକାଶ ପ୍ରକଳ୍ପ, ଗୋହିରାଟିକିରି ନିକଟ ସେନାପତିଆ ପୋଖରୀର ପାରିପାର୍ଶ୍ୱିକ ଉନ୍ନତୀକରଣ, ଲୁଣିଆ ଶହୀଦ ସ୍ମାରକୀ ପୀଠର ଉନ୍ନତୀକରଣ, ଗୋହିରାଟିକିରି ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ସେହିପରି ଅନ୍ୟାନ୍ୟ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବାଲେଶ୍ୱର ବିଧାୟକ ମାନସ ଦତ୍ତ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅତିରିକ୍ତ କ୍ରୀଡ଼ା ସଚିବ ବିଜୟ ସ୍ୱାଇଁ, ଜିଲାପାଳ ଦିଲୀପ ରାଉତରାଏ, ଓବିସି ମୋର୍ଚ୍ଚା ସଭାପତି ସୁରଜ ବିଶ୍ୱାଳ, ଭାଜପାର ଜିଲା ସଭାପତି ଭଗବାନ ପଣ୍ଡା, ଦଳୀୟ ନେତା ବଦ୍ରିନାରାୟଣ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# 'ବଳିଷ୍ଠ ବ୍ୟକ୍ତିତ୍ୱ ଓ ବିଚାରଧାରାର ପୃଷ୍ଠପୋଷକ ଥିଲେ ମହତାବ'

ଆଗରପଡ଼ା,୨୨।୧୧(ସୁଶାନ୍ତ ଦାଶ)

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ପାଳନ ସହ ଆଗରପଡ଼ା ମହତାବ ୟୁଥ୍ କ୍ଲବ୍‌ର ଦ୍ୱାଦଶ ବାର୍ଷିକୋତ୍ସବ ଶୁକ୍ରବାର କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସକାଳେ କ୍ଲବ୍‌ର ସମସ୍ତ ସଦସ୍ୟ ବାଇକ୍ ରାଲିରେ କଲେଜଛକ, କୁଆଁଶମଡ଼ିଆ, ଲକ୍ଷ୍ମୀବଜାରସ୍ଥିତ ମହତାବଙ୍କ ପ୍ରତିମୂର୍ତ୍ତି ଓ କର୍ମମନ୍ଦିର ସମାଧିପୀଠଠାରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଆଗରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ଲବ୍‌ର ସଭାପତି ସୁରେଶ ପୃଷ୍ଟି ସଭାପତିତ୍ୱ କରିଥିବା ବେଳେ ସଦସ୍ୟ ତଥା ପୁରୁଷଣ୍ଡର ସରପଞ୍ଚ ପ୍ରକାଶ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ସେକ୍ ଜଇନୁଲ ଆବେଦିନ, ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦକ କୈଳାସ ଧଳ ଯୋଗଦେଇ ମହତାବଙ୍କ ଜୀବନୀ ଉପରେ ସ୍ମୃତିଚାରଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ କ୍ଲବ ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ବିଦ୍ୟାଳୟରୁ ଅବସରପ୍ରାପ୍ତ ୫ ଶିକ୍ଷୟିତ୍ରୀ ଶିକ୍ଷକ କୃଷ୍ଣଚନ୍ଦ୍ର କର, ଖଗେଶ୍ୱର ପଣ୍ଡା, ମନ୍ମଥ କୁମାର ପ୍ରଧାନ, ଜଗବନ୍ଧୁ ରାଉତ ଏବଂ ମିନତି ସାମଲଙ୍କୁ ବନ୍ଦନା କରାଯିବା ସହ ତାଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ତାଙ୍କ ସମ୍ମାନାର୍ଥେ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ମହତାବ ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ ଏବଂ ବିଚାରଧାରାର ପୃଷ୍ଠପୋଷକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପୁରୁଷଣ୍ଡ ସେବା ସମବାୟ ସଭାପତି ପ୍ରଶାନ୍ତ ଦାଶ ଏବଂ ଗୋପୀନାଥପୁର ସହପଞ୍ଚ ସବିତା ନାୟକ ଯୋଗଦେଇଥିଲେ। କ୍ଲବ୍‌ର ସଦସ୍ୟ ସତ୍ୟସାଧନ ବେଜ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଜିତେନ୍ଦ୍ର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳଚ୍ଚିତ୍ର ନାୟିକା ପୁନମ ମିଶ୍ର ଯୋଗ ଦେଇଥିଲେ। ସଦସ୍ୟ ଚିନ୍ମୟ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

# ଏକକ ବ୍ୟବହାର ପ୍ଲାଷ୍ଟିକମୁକ୍ତ ଅଭିଯାନ

ଚାନ୍ଦବାଲି,୨୨।୧୧(କିଷାନ ପାତ୍ର)

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଥିବା ପରିବେଶ ଶିକ୍ଷା କେନ୍ଦ୍ର (ସିଇଏସ୍) ପକ୍ଷରୁ ଶନିବାର ଚାନ୍ଦବାଲି ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକକ ବ୍ୟବହାର ପ୍ଲାଷ୍ଟିକମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନଙ୍କୁ ନେଇ ଏକ ପରିବେଶ ସୁରକ୍ଷା ଶୋଭାଯାତ୍ରା ବାହାରି ଚାନ୍ଦବାଲି ଡାକ୍ତରଖାନା ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଧାନଶିକ୍ଷୟିତ୍ରୀ ମୀନାକ୍ଷୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସିଇଏସ୍‌ର ରାଜ୍ୟ ସଂଯୋଜକ ପ୍ରଶାନ୍ତ କୁମାର ନାୟକ, ମୁଖ୍ୟବକ୍ତା ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ ଏବଂ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଅଧିବକ୍ତା ଉପେନ୍ଦ୍ର କୁମାର ରାଉଳ, ସାମାଜିକ କର୍ମୀ ମହେଶ୍ୱର ରାଉଳ, ଅଶୋକ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏକକ ବ୍ୟବହାର ପ୍ଲାଷ୍ଟିକର ଭୟାବହତା, ପରିବେଶ ପ୍ରଦୂଷଣ ଓ ଏହାର ନିରାକରଣ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ନନ୍ଦୀ ସଂଯୋଜନା କରିଥିବା ବେଳେ ସୁବାସ କୁମାର ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ପରିବେଶ ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଜ୍ଞାନ ଶିକ୍ଷକ ଦିବ୍ୟରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନ ମେଳାରେ ୬୦ ପ୍ରକଳ୍ପ ପ୍ରଦର୍ଶିତ

ବାସୁଦେବପୁର,୨୨।୧୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ୍‌ରୋଡ୍‌ସ୍ଥିତ ମିରାକିଲ ପବ୍ଲିକ ସ୍କୁଲରେ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବାସୁଦେବପୁର ଷ୍ଟେଟବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳକ ଅମିତ କୁମାର ସାହୁ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଜ୍ଞାନର ବ୍ୟବହାରିକ ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ କହିଥିଲେ। ରାଜେଶ କୁମାର ମହାନ୍ତି, ସ୍ମୃତିରେଖା ମିଶ୍ର, ଜ୍ଞାନେଶ ସାହୁ, ଶେଖ୍ ସଫରୁଦ୍ଦିନ ପ୍ରମୁଖ ବିଜ୍ଞାନ ଶିକ୍ଷକ ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଦୁଃଶାସନ ରାଉତ, ସମ୍ପାଦକ ରାହାସ ବିହାରୀ ମହାନ୍ତି, ପ୍ରଧାନଶିକ୍ଷକ ପ୍ରୀତିରଞ୍ଜନ ସାହୁ, ବିଜ୍ଞାନ ଶିକ୍ଷକ ପ୍ରଭାତ ବାରିକ୍, ମନସ୍ମିତା ବଳଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ନିର୍ମଳ ମିଶ୍ର ଧନ୍ୟବାଦ ଦେଇଥିଲେ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR
NOTICE INVITING TENDER e-Procurement
Bid ID No. 06 SEMID (KJR/2025-2026) Dt.20.11.2025

No. A-962: The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 3 (Three) Nos. |
| Estimaed Cost | Various from Rs.59.45 lakhs to Rs.82.76 lakhs approximately |
| Tender Paper Cost | Mentioned in Column No. 6 of Tender Call Notice |
| Period of Completion | 3 (Three) Calendar Months |
| Availability of Bid Documents | From 27.11.2025 to 06.12.2025 in Website (www.tenderorissa.gov.in) |
| Period of receipt of Bid through online | From 27.11.2025 to 06.12.2025 through online |
| Date of Opening of Technical Bid Documents | At 11.00 A.M. on 08.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 11.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 18.12.2025 in the Office Chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-II or Class - III |
| Name and address of the OIT | Superintending Engineer, M.I. Division, Keonjhar, Near Parkline Keonjhar, At/P.O.: Keonjhar, Dist.: Keonjhar, PIN - 758001, E-Mail ID: eemikjr@yahoo.co.in |

Further details can be seen from the website: www.tendersorissa.gov.in.
Sd./- (Er. Rashmi Rekha Chattar)
OIPR- Superintending Engineer, M.I. Division, Keonjhar


# 'ଓଡ଼ିଆ ସାରସ୍ୱତ ଆକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କ ଭଦ୍ରକ'

ଭଦ୍ରକ, ୨୨।୧୧(ରବିନାରାୟଣ ଖିଲାର)

ଓଡ଼ିଆ ସାରସ୍ୱତ ଆକାଶରେ ଭଦ୍ରକ ଯେପରି ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବେ ପ୍ରତିଭାତ ହୋଇଛି, ସେପରି ଲୋକକଳା ଓ ସାଂସ୍କୃତିକ ଜଗତକୁ ତା'ର ଅବଦାନ ଅବିସ୍ମରଣୀୟ। ଭଦ୍ରକ ମାଟିର ବହୁ ସାରସ୍ୱତ ସାଧକ, ନାଟ୍ୟକାର, ଗୀତିକାର, ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଓଡ଼ିଆ ଲୋକକଳା ଜଗତକୁ ସମୃଦ୍ଧ କରିବା ସହ ଓଡ଼ିଆ ଜନଜୀବନକୁ ପ୍ରଭାବିତ କରିଛନ୍ତି। ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଶୁକ୍ରବାର ଦ୍ୱାଦଶ ସନ୍ଧ୍ୟାରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଚାଲିଥିବା ଏହି ମହୋତ୍ସବର ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇଥିଲେ। ଶିକ୍ଷାବିତ୍ତ ପ୍ରଫେସର ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ନବକାକଳୀର ଜଗତସିଂହପୁରର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ବିଶିଷ୍ଟ ଅତିଥି, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅବସରପ୍ରାପ୍ତ ଅଧ୍ୟାପକ ଡ. ରମାକାନ୍ତ ନାୟକ, ନାଟ୍ୟ ନିର୍ଦ୍ଦେଶକ ସାରଥୀ ପଣ୍ଡା, ମଞ୍ଚ ଅଭିନେତା କାଳନ୍ଦୀ ଚରଣ ମଲ୍ଲିକ, ଅଭିନେତା ତଥା ସଙ୍ଗଠକ ନିଗମାନନ୍ଦ ସାହୁ ଓ ପ୍ରକୃତିବନ୍ଧୁ, ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଡ୍‌ଭୋକେଟ ସ୍ୱସ୍ତିକା ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଶିଶୁ ସାହିତ୍ୟିକା ମମତା ଦାଶ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ସଭାପତି ଇଂ. ଅଭୟ ସୂତାର ମଞ୍ଚ ପରିଚାଳନା କରିଥିଲେ।


OFFICE OF THE EXECUTIVE ENGINEER
SUBERNAREKHA CANAL DIVISION, JAMSHEDPUR
(Email ID: - eescdjsr.chandil@gmail.com)
E-Procurement Tender Notice (e-Tender Notice)
E-Tender Ref. No.: WRD/SCD/JSR/F2-01/2025-26
DATE- 21.11.2025

| | | |
|---|---|---|
| 1. | Name of Work | Repair and Maintenance of Kitanala Dam (at Ch. Km. 43.30 of CLMC). |
| 2. | Estimated cost of work (in INR) | Rs. 10093585.79 (Rupees 1 Crore ninety-three thousands five hundreds eighty five rupees and seventy nine paise only) |
| 3. | Initial Bid Security ((in INR) | Rs.201900/- (Rupees two lakh One thousands Nine Hundred only) |
| 4. | Initial Bid Security in the shape of | Initial Bid Security- As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 5. | Cost of Bidding Documents | Rs. 10,000.00 (Rupees ten thousand only) |
| 6. | Time of completion | 11 (Eleven) Months |
| 7. | Date of Publication of Tender on Website | 26.11.2025 (5:00 P.M.) |
| 8. | Start Date of Bidding | 26.11.2025(5:00 P.M.) |
| 9. | Last Date and time for online Bidding | 15.12.2025 up to 5.00 P.M |
| 10 | Last Date & Time for receipt of Bid Security and other Documents in online form | 15.12.2025 Through e-Tendering Portal www.jharkhandtenders.gov.in - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 11 | Date & Time for opening of Technical Bid | 16.12.2025 At 3.00 P.M by E - procurement cell office of the Chief Engineer, Swarnrekha Project chandil complex Adityapur, Jamshedpur. |
| 12 | Name & Address of office inviting Tender | Executive Engineer,Subernarekha Canal Division, Jamshedpur. |
| 13 | Contact no. of Procurement officer | 7903560727 |
| 14 | Helpline no. of E-Procurement Cell | 0657-2371765 |

Above informations are only indicative. Detail NIT Published on Tender Portal shall be final and mandatory. Details can be seen on Website http://jharkhandtenders.gov.in
Executive Engineer
Subernarekha Canal Division,
PR 366797 (Water Resource)25-26*D Jamshedpur.



ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.50/ET/SBP/ENGG/2025-26, ତା.13.11.2025ରିଖ

(1)ଇ-ଟେଣ୍ଡର ସଂ.51-eT-DENS-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ନରଲା ରୋଡ୍-ଥେରୁବାଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେଦ୍-ମରାମତି କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,95,79,412/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,97,900/-।

(2)ଇ-ଟେଣ୍ଡର ସଂ.27-eT-SDENW-SBP-25
କାର୍ଯ୍ୟର ନାମ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ସମ୍ବଲପୁର ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ୍-ଲାଖୋଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେଦ୍-ମରାମତି ଏବଂ ପାର୍ଶ୍ୱ ଡ୍ରେନ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 3,03,48,861.98, ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,01,800/-।

(3)ଇ-ଟେଣ୍ଡର ସଂ.56-eT-DENE-SBP-25
କାର୍ଯ୍ୟର ନାମ : ଆବଶ୍ୟକତା ଭିତ୍ତିରେ କୋଚ୍‌ରେ ପାଣି ଭରିବା ପାଇଁ ସମ୍ବଲପୁର ସିଟି ରେଳ ଷ୍ଟେସନ ପର୍ଯ୍ୟନ୍ତ 5000 ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କିଗୁଡ଼ିକ ଦ୍ୱାରା ଜଳ ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 37,66,875.20, ବିଡ୍ ସିକ୍ୟୁରିଟି (ଟଙ୍କାରେ): 75,400/-।

କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 04 ମାସ (କ୍ରମ ସଂ. 3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ),
PR-815/Q/25-26 ସମ୍ବଲପୁର



GOVERNMENT OF ODISHA No. O-1550
OFFICE OF THE SUPERINTENDING ENGINEER, RURAL WORKS DIVISION, RAIRANGPUR (MAYURBHANJ)
E-Mail ID: eerwrairangpur@yahoo.com
Letter No. // Date:
"e" Procurement Notice for Road Works | Bid Identification No. - RWDRRP-15/2025-26

| | | | |
|---|---|---|---|
| 1. | Name of the Work | : | Periodical maintenance of road for the year 2025-26 |
| 2. | Estimated Cost | : | From Rs.8.05 to 13.39 lakhs (approximately) |
| 3. | Class of Contractor | : | "D", "C" Class or relevant Class of works licence |
| 4. | Period of Completion | : | As per Annexure |
| 5. | Tender paper cost | : | As per Annexure |

The details are as follows

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking Tender Clarification | Date & time of Opening of Tender in O/o. S.E.R.W. Division, Rairangpur Technical Bid & Financial Bid |
|---|---|---|---|---|---|
| | | From | To | | |
| S.E.R.W. Division, Rairangpur | RWDRRP-15/2025-26 | 24.11.2025 at 11.00 A.M. | 01.12.2025 upto 5.00 P.M. | 29.11.2025 upto 5.00 P.M. | 02.12.2025 at 11.30 A.M. |

Further details can be seen from the website www.tendersodisha.gov.in.
OIPR- Sd./- Er. S. Naik, Executive Engineer, R.W. Division, Rairangpur



DADLS- 65



ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

୨୩.୧୧.୨୦୨୫

ସମୟ : ସକାଳ ୯ .୩୦ ମିନିଟ୍
ସ୍ଥାନ : ଓଡ଼ିଶା ବିଧାନ ସଭା, ଭୁବନେଶ୍ୱର

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ, ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଗଣ ତଥା ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସମୟ : ସନ୍ଧ୍ୟା ୫.୩୦ ମିନିଟ୍ ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର

ସାଧାରଣ ସଭା

ମୁଖ୍ୟ ଅତିଥି
ଡ଼ ରବୀନ୍ଦ୍ର ନାରାୟଣ ବେହେରା
ସାଂସଦ, ଯାଜପୁର

ସମ୍ମାନନୀୟ ବକ୍ତା
ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ଭାଗବତ ଶୁକ୍ଳ
ବିଶିଷ୍ଟ ଶିକ୍ଷାବିତ ଏବଂ ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବାକୁ ବିନମ୍ର ଅନୁରୋଧ

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-

## ଶ୍ରମିକ ନେତାଙ୍କ ବିୟୋଗରେ ଶୋକ

ଉଦଳା,୨୨।୧୧ (ସନ୍ତୋଷ କୁମାର ବାଛିନି)

ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର ଉଦଳା ଡିଭିଜନ ସମ୍ପାଦକ ତଥା ଶ୍ରମିକ ନେତା ଦିପ୍ତିକାନ୍ତ ଭୂୟାଁଙ୍କ ବିୟୋଗରେ ଶନିବାର ପଣ୍ଡିତ ରଘୁନାଥ ମୁର୍ମୁ ଭବନ, ବିଦୁବାଗାନ, ଉଦଳାଠାରେ ଏକ ସ୍ମୃତସଭା ଅନୁଷ୍ଠିତ ହୋଇଯାଇଛି। ୪ ଶହରୁ ଊର୍ଦ୍ଧ୍ୱ ସଂଗଠକ ଓ ସଦସ୍ୟ ଯୋଗଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ମୁଖ୍ୟବକ୍ତା ଭାବେ ନିର୍ବାହୀ ଯନ୍ତ୍ରୀ ରାଜେଶ ରଞ୍ଜନ ଘୋଡ଼ାଇ, ସ୍ୱତନ୍ତ୍ର ଅତିଥିଭାବେ ଏନ୍ଏସି ଅଧ୍ୟକ୍ଷ ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥିଭାବେ ନିର୍ବାହୀଯନ୍ତ୍ରୀ ବାରିପଦା ରଣଜିତ ସାହୁ, ଉଦଳା ମଣ୍ଡଳ ଅଧିକାରୀ ଅଜୟ ସାହୁ, କନିଷ୍ଠଯନ୍ତ୍ରୀ ଆଶିଷ ସାତୁଆ, କପ୍ତିପଦା କନିଷ୍ଠଯନ୍ତ୍ରୀ କପ୍ତିପଦା ଟେକି ନାଗେସ, ବଡ଼ସାହି କନିଷ୍ଠ ଯନ୍ତ୍ରୀ ତାପସ ସାହୁ ପ୍ରମୁଖ ବହୁ ବକ୍ତା ଯୋଗଦେଇ ସ୍ୱର୍ଗତ ଭୂୟାଁଙ୍କ ସ୍ମୃତିଚାରଣ କରିଥିଲେ। ସଭା ପ୍ରାରମ୍ଭରେ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ମଧୁବନ ମିନି ଷ୍ଟାଡିୟମର ହେବ ଉନ୍ନତୀକରଣ


ବାରିପଦା ବିଧାୟକ ପ୍ରକାଶ ସୋରେନ, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଷ୍ଟାଡ଼ିୟମ ପରିଦର୍ଶନ କରୁଛନ୍ତି।

- ବିଧାୟକ, ନଗରପାଳ କଲେ ସ୍ଥିତି ଅନୁଧ୍ୟାନ
- ରୂପରେଖ ପରିବର୍ତ୍ତନ ନେଇ ଡିପିଆର୍ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ

**ବାରିପଦା, ୨୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ପୌରପରିଷଦ ଅନ୍ତର୍ଗତ ମଧୁବନସ୍ଥିତ ମିନି ଷ୍ଟାଡିୟମର ଉନ୍ନତିକରଣ କାର୍ଯ୍ୟ ହେବାକୁ ଯାଉଛି। ଶ୍‌ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର ମିନିଷ୍ଟାଡିୟମ ପରିସର ଅନୁଧ୍ୟାନ କରିଛନ୍ତି।

ଉକ୍ତ ମିନି ଷ୍ଟାଡିୟମ ବାରିପଦା ପୌରପରିଷଦର ଏକ ପ୍ରମୁଖ ଷ୍ଟାଡିୟମ ଅଟେ। ନିୟମିତ ଭାବେ ଖେଳାଳିମାନେ କ୍ରୀଡା ଅଭ୍ୟାସ କରିଥାନ୍ତି। ଏଥିସହିତ ମହିଳା ଓ ପୁରୁଷମାନଙ୍କ ପ୍ରାତଃ ଓ ସାନ୍ଧ୍ୟଭ୍ରମଣ ପାଇଁ ନିର୍ଭର କରନ୍ତି। ବର୍ତ୍ତମାନ ମିନି ଷ୍ଟାଡିୟମ ପରିସରରେ ଅନେକ ସମସ୍ୟା ଥିବା ବେଳେ ଏହାର ସମାଧାନ ନେଇ ମିଳିତ ଭାବେ ଅନୁଧ୍ୟାନ କରି ସମୀକ୍ଷା କରିଛନ୍ତି। ମିନି ଷ୍ଟାଡିୟମ ପରିସରରେ ବର୍ଷା ଦିନରେ ବର୍ଷା ପାଣି ଜମି ରହୁଥିବା ବେଳେ ଏହାର ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା କରିବା, ପଡ଼ିଆରେ ମାଟି ପକାଇ ଲେଭଲିଂ କରିବା, ମହିଳା ଓ ପୁରୁଷ ଶୌଚଳୟ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଚତୁଃପାର୍ଶରେ ଲାଇଟ ଲଗାଇ ଆଲୋକୀକରଣ ବ୍ୟବସ୍ଥା, ପାଚେରି ମରାମତି କରିବା, ନୂତନ କ୍ରିକେଟ ପିଚ ନିର୍ମାଣ କରିବା ଏବଂ ଗ୍ୟାଲେରୀର ଉନ୍ନତିକରଣ କରିବା ଆଦି କାର୍ଯ୍ୟ କରିବା ନେଇ ନିଷ୍ପତ୍ତି ହୋଇଛି। ଏନେଇ ଯାଞ୍ଚ କରି ଡିପିଆର ପ୍ରସ୍ତୁତ କରିବାକୁ ପୌର ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉନ୍ନତୀକରଣ କାର୍ଯ୍ୟ ବାବଦରେ ଆବଶ୍ୟକ ଅର୍ଥ ମଞ୍ଜୁର କରିବା ପାଇଁ ବାରିପଦା ବିଧାୟକ ସୋରେନ ପ୍ରତିଶ୍ରୁତି ଦେଇଛନ୍ତି।

## ଏମ୍‌ସିସି ରାଜ୍ୟର ୨ୟ ଶ୍ରେଷ୍ଠ ବ୍ୟାଙ୍କ


ଏମସିସି ବ୍ୟାଙ୍କର ଡାଇରେକ୍ଟର ମଳୟ ଜେନା ପୁରସ୍କାର ଗ୍ରହଣ କରିଛନ୍ତି।

ବାରିପଦା, ୨୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

### ରାଜ୍ୟ ସମବାୟ ଉତ୍ସବ

ରାଜ୍ୟ ସମବାୟ ବିଭାଗ ପକ୍ଷରୁ ମୟୂରଭଞ୍ଜ କେନ୍ଦ୍ର ସମବାୟ (ଏମ୍‌ସିସି) ବ୍ୟାଙ୍କ ରାଜ୍ୟର ୨ୟ ଶ୍ରେଷ୍ଠ ବ୍ୟାଙ୍କ ଭାବେ ପୁରସ୍କୃତ ହୋଇଛି। ୭୨ତମ ନିଖିଳ ସମବାୟ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟ ସମବାୟ ଉତ୍ସବରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ କମିଶନର ରାଜେଶ ପ୍ରଭାକର ପାଟିଲଙ୍କଠାରୁ ଏମସିସି ବ୍ୟାଙ୍କର ଡାଇରେକ୍ଟର ମଳୟ ଜେନା ପୁରସ୍କାର ଗ୍ରହଣ କରିଛନ୍ତି। ଯାହାକୁ ନେଇ ସମବାୟବିତ୍ ଓ କର୍ମଚାରୀଙ୍କ ମହଲରେ ଖୁସି ପ୍ରକଟ ହୋଇଛି।

ସୂଚନାଯୋଗ୍ୟ, ବ୍ୟାଙ୍କରେ ୧୫ଜଣ ନିର୍ଦ୍ଦେଶକ ଥିବା ବେଳେ ୯୭ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବ୍ୟାଙ୍କର ମୂଳପୁଞ୍ଜି ୧୨୨୪୨.୦୨ଲକ୍ଷ ଟଙ୍କା ରହିଛି। ସେହିପରି ୫୨୧୭୨.୨୬ଲକ୍ଷ ଟଙ୍କା ଜମାକାରୀ ଜମା ରଖିଛନ୍ତି। ୫୧୩୫୪.୪୯ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ଆଣିଥିବା ବେଳେ ଲ୍ୟାମ୍ପସଗୁଡ଼ିକ ଜରିଆରେ ୮୫ ହଜାର ୬୨୩ ଜଣ ଚାଷୀଙ୍କୁ ଋଣ ଦିଆଯାଇଛି। ବକେୟା ଋଣ ବାବଦକୁ ୮୦୭୩୦.୭୬ଲକ୍ଷ ଟଙ୍କା ଆଦାୟ ହେବାକୁ ରହିଛି। ଗତ ଆର୍ଥିକ ବର୍ଷରେ ୩୩୦.୨୭ଲକ୍ଷ ଟଙ୍କା ବ୍ୟାଙ୍କ ଲାଭ କରି ସିଆରଏଆର(ଆରବିଆଇ) ୧୬.୦୬ପ୍ରତିଶତ ସଫଳତା ହାର ରହିଛି ବୋଲି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି ପ୍ରକାଶ କରିଛନ୍ତି। ପୂର୍ବ ବର୍ଷ ଏହି ବ୍ୟାଙ୍କ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। କୃଷିର ବିକାଶ ପାଇଁ ସମବାୟ ସମିତି ଜରିଆରେ କିଷାନ କ୍ରେଡିଟ କାର୍ଡ ମାଧ୍ୟମରେ ଚାଷୀ ଓ ଭୂମିହୀନ ଭାଗଚାଷୀଙ୍କୁ କୃଷି ଋଣ, ପ୍ରାଣୀ ସମ୍ପଦ ଓ ମତ୍ସ୍ୟ କ୍ରେଡିଟ କାର୍ଡଧାରୀଙ୍କୁ କେସିସି ମାଧ୍ୟମରେ ଋଣ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଋଣ, ସ୍ୱଳ୍ପ ଓ ଭୂମିହୀନଙ୍କୁ ବଳରାମ ଯୋଜନା, ବୁଣାକାରଙ୍କୁ ବଳିଆ ଯୋଜନାରେ ସ୍ୱଳ୍ପ ସୁଧହାରରେ ଋଣ, ପିଏମ୍‌ଏଫବି ଯୋଜାନରେ ଚାଷୀଙ୍କ ଋଣକୁ ବୀମା ପଞ୍ଜିକରଣ ବ୍ୟବସ୍ଥା ସହିତ ଜମାକାରୀ ତଥା ଋଣ ଗ୍ରହିତାଙ୍କୁ ବୀମାର ସୁବିଧା ରହିଛି। କୋର ବ୍ୟାଙ୍କିଂ, ଏଟିଏମ, ଆରଟିଜିଏସ, ଏନଇଏଫଟି, ଆଇଏମପିଏସ, ପିଓଏସ, ଏଇପିଏସ, ମେଣ୍ଡେଟ, ଇ-କମ ସୁବିଧା ଓ ଭ୍ରାମ୍ୟମାଣ ବ୍ୟାଙ୍କି ସୁବିଧା ପ୍ରଦାନ କରାଯାଉଛି। ତତ୍‌ସହିତ ସମସ୍ତ ଶାଖାରେ ପ୍ରଧାନମନ୍ତ୍ରୀ ଜୀବନ ଓ ସ୍ୱାସ୍ଥ୍ୟ ବୀମାର ପ୍ରଚଳନ ଓ ଇକେୱାଇସି ପ୍ରଚଳନର ସୁବିଧା ବ୍ୟାଙ୍କ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ ବ୍ୟାଙ୍କ ପାଇଁ ଅନୁମୋଦିତ ୭.୮୧କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ୪ ମହଲା କୋଠା ରାଜ୍ୟ ପୋଲିସ ହାଉସିଂ ବୋର୍ଡ ଜରିଆରେ ନିର୍ମାଣ ସରିଛି। କୋଠା କାର୍ଯ୍ୟକ୍ଷମ ହେବା ପରେ ଗୋଟିଏ କୋଠା ତଳେ ମୁଖ୍ୟ ଶାଖା, ମହିଳା ଶାଖା, ସାନ୍ଧ୍ୟ ଶାଖା ଓ ଏଟିଏମ୍ କେନ୍ଦ୍ରର ସମସ୍ତ ସୁବିଧା ମିଳିବ ବୋଲି ମହାନ୍ତି ଆଶାବ୍ୟକ୍ତ କରିଛନ୍ତି।

## ୨୨୫ ଲିଟର ଦେଶୀ ମଦ ଜବତ

ଗୋପବନ୍ଧୁ ନଗର,୨୨।୧୧(ଶାନ୍ତନୁ କୁମାର ମଣ୍ଡୁଆଳ): ଜିଲା ଅବକାରୀ ବିଭାଗ ଏଏସ୍ଆଇଜି କାମେଶ୍ୱରଙ୍କ ନେତୃତ୍ୱରେ ଶନିବାର ଖୁଣ୍ଟା, ଉଦଳା ଓ ବେତନଟୀ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ ହୋଇଛି। ଖୁଣ୍ଟା ଥାନା ଅନ୍ତର୍ଗତ ମହ୍ଲାରପଦାଠାରେ ନିର୍ଜନ ସ୍ଥାନରେ ଦେଶୀ ମଦ କାରଖାନା ଉପରେ ଚଢ଼ାଉ କରିଥିଲା। ସେଠାରେ ପ୍ରସ୍ତୁତ ହୋଇ ରହିଥିବା ୨୨୫ ଲିଟର ଦେଶୀ ମଦ ଓ ୨୬୦୦ କେଜି ପୋଚକୁ ଜବତ କରିଛି ଅବକାରୀ ବିଭାଗ। ଚଢ଼ାଉ ପୂର୍ବରୁ କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତମାନେ ମଦ ତିଆରି ସାମଗ୍ରୀ ଛାଡି ଖସି ପଳାଇଥିଲେ। ଏ ନେଇ ଖୁଣ୍ଟା ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉରେ ବେତନଟୀ ଓଆଇସି ପ୍ରଦୀପ ବେହେରା, ଉଦଳା ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିଙ୍କ ସମେତ ଖୁଣ୍ଟା କର୍ମଚାରୀ କୃଷ୍ଣଚନ୍ଦ୍ର ସେଠୀ, କିଶୋର ଚନ୍ଦ୍ର ସୋରେନ, ନିରଞ୍ଜନ ମହାନ୍ତ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## 'ଫାର୍ମାସିଷ୍ଟ ଓଡ଼ିଶା ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ'


ଫାର୍ମାସି ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥି।

**ବାରିପଦା,୨୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ଓଡ଼ିଶା ଫାର୍ମାସୀ ସେବା ସଂଘର ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଏକ ରାଲିକୁ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାଶ ଏବଂ ମୟୂରଭଞ୍ଜ ମେଡିକାଲ ଏକାଡେମୀର ଅଧ୍ୟକ୍ଷ ଅଶୋକ କୁମାର ଦ୍ୱାରି ଉଦ୍‌ଘାଟନ କରିଥିଲେ। ଓମ୍‌ସାଇ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପାରାମେଡିକାଲ ସାଇନ୍ସ ସୀମାନ୍ତ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫାର୍ମାସିଉଟିକାଲ ଆଣ୍ଡ୍ ସାଇନ୍ସ, ମୟୂରଭଞ୍ଜ ମେଡିକାଲ ଏକାଡେମୀର ଛାତ୍ରୀଛାତ୍ର ଏବଂ ମୟୂରଭଞ୍ଜ ଫାର୍ମାସୀ ଅଫିସର ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଲି ସହର ପରିକ୍ରମା କରିଥିଲା।

ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲା ସଂଘ ସଭାପତି ଚିନ୍ମୟ କୁମାର ସିହ୍ନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ପିଆର୍‌ଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲର ଅଧ୍ୟକ୍ଷ ଡା. ରୀତାଞ୍ଜଳି ବେହେରା, ଡିପିଏମ୍ ଅନିଲ କୁମାର ମହାନ୍ତି, ଡ୍ରଗ୍ସ ନିୟନ୍ତ୍ରକ ଦିବ୍ୟରଞ୍ଜନ ନାଏକ, ହସ୍ପିଟାଲ ମ୍ୟାନେଜର ଶ୍ରୀରାମ ମହାନ୍ତି, ଉପସଭାପତି ସଞ୍ଜୀବ ସାହୁ, ଯୁଗ୍ମ ସମ୍ପାଦକ ବିକାଶ ପାତ୍ର, କୋଷାଧ୍ୟକ୍ଷ ସୁଶାନ୍ତ ବାଗ, ସିନିୟର ଫାର୍ମାସିଷ୍ଟ ଅଜିତ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଫାର୍ମାସିଷ୍ଟ ଓଡ଼ିଶା ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ ବୋଲି ଉଲ୍ଲେଖ କରି ଅତିଥିମାନେ ଏହି କ୍ଷେତ୍ରରେ ଅଧିକ ଫାର୍ମାସୀ ଅଫିସର ନିଯୁକ୍ତି ସହ ମୂଳ ଦରମା ୯୩୦୦ ଗ୍ରେଡ୍ ପେ ୪୨୦୦ ବୃଦ୍ଧି ପାଇଁ ଦାବି କରିଥିଲେ। ରୂପନାରାୟଣ ପ୍ରତିହାରୀ ଏବଂ ସ୍ୱର୍ଣ୍ଣଲକ୍ଷ୍ମୀ ରାଉତ ଅତିଥି ପରିଚୟ ଦେଇଥିଲେ। ଫାର୍ମାସୀ ଅଫିସର ତପନ କଲିଆ, ମାନିକଲାଲ ଘୋଷ, ସୀମା ସେଠୀ, ଦେବାଶିଷ ନାୟକ, ରଶ୍ମିରଞ୍ଜନ ଦାଶ, ରୁପେନ୍ଦ୍ର ନାଥ ସିଂ, ଖଗେନ୍ଦ୍ର ପାତ୍ର, ବନଲତା ବାରିକ, ରୁପାଲି ଭଦ୍ର, ସ୍ମିତା ପରିଡ଼ା, ଅନିଲ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR
NOTICE INVITING TENDER e-Procurement
Bid ID No. 06 SEMID (KJR/2025-2026) Dt.20.11.2025

No. A-962: The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of Work | Civil Construction works |
| No. of Works | 3 (Three) Nos. |
| Estimaed Cost | Various from Rs.59.45 lakhs to Rs.82.76 lakhs approximately |
| Tender Paper Cost | Mentioned in Column No. 6 of Tender Call Notice |
| Period of Completion | 3 (Three) Calendar Months |
| Availability of Bid Documents | From 27.11.2025 to 06.12.2025 in Website (www.tenderorissa.gov.in) |
| Period of receipt of Bid through online | From 27.11.2025 to 06.12.2025 through online |
| Date of Opening of Technical Bid Documents | At 11.00 A.M. on 08.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | At 11.00 A.M. on 11.12.2025 in the Office Chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 18.12.2025 in the Office Chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) of Class-II or Class - III |
| Name and address of the OIT | Superintending Engineer, M.I. Division, Keonjhar, Near Parkline Keonjhar, At/P.O.: Keonjhar, Dist.: Keonjhar, PIN - 758001, E-Mail ID: eemikjr@yahoo.co.in |

Further details can be seen from the website: www.tendersorissa.gov.in.
Sd./- (Er. Rashmi Rekha Chattar)
OIPR- Superintending Engineer, M.I. Division, Keonjhar

OFFICE OF THE EXECUTIVE ENGINEER
SUBERNAREKHA CANAL DIVISION, JAMSHEDPUR
(Email ID: - eescdjsr.chandil@gmail.com)
E-Procurement Tender Notice (e-Tender Notice)
E-Tender Ref. No.: WRD/SCD/JSR/F2-01/2025-26
DATE- 21.11.2025

| | | |
|---|---|---|
| 1. | Name of Work | Repair and Maintenance of Kitanala Dam (at Ch. Km. 43.30 of CLMC). |
| 2. | Estimated cost of work (in INR) | Rs. 10093585.79 (Rupees 1 Crore ninety-three thousands five hundreds eighty five rupees and seventy nine paise only) |
| 3. | Initial Bid Security ((in INR) | Rs.201900/- (Rupees two lakh One thousands Nine Hundred only) |
| 4. | Initial Bid Security in the shape of | Initial Bid Security- As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 5. | Cost of Bidding Documents | Rs. 10,000.00 (Rupees ten thousand only) |
| 6. | Time of completion | 11 (Eleven) Months |
| 7. | Date of Publication of Tender on Website | 26.11.2025 (5:00 P.M.) |
| 8. | Start Date of Bidding | 26.11.2025(5:00 P.M.) |
| 9. | Last Date and time for online Bidding | 15.12.2025 up to 5.00 P.M |
| 10 | Last Date & Time for receipt of Bid Security and other Documents in online form | 15.12.2025 Through e-Tendering Portal www.jharkhandtenders.gov.in - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 11 | Date & Time for opening of Technical Bid | 16.12.2025 At 3.00 P.M by E-procurement cell office of the Chief Engineer, Swarnrekha Project chandil complex Adityapur, Jamshedpur. |
| 12 | Name & Address of office inviting Tender | Executive Engineer,Subernarekha Canal Division, Jamshedpur. |
| 13 | Contact no. of Procurement officer | 7903560727 |
| 14 | Helpline no. of E-Procurement Cell | 0657-2371765 |

Above informations are only indicative. Detail NIT Published on Tender Portal shall be final and mandatory. Details can be seen on Website http://jharkhandtenders.gov.in
Executive Engineer
Subernarekha Canal Division,
PR 366797 (Water Resource)25-26*D Jamshedpur.

## ଗଣିତ ବିଭାଗରେ ଆଲୋଚନାଚକ୍ର

ବାରିପଦା, ୨୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ): ବାରିପଦା ତକତପୁରସ୍ଥିତ ଏମପିସି ସ୍ୱୟଂଶାସିତ କଲେଜର ଗଣିତ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉତ୍ସବର ଅଧ୍ୟକ୍ଷତା କରିବା ସହ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ବିଷୟ ବିଶାରଦ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ପ୍ରଫେସର ପ୍ରଶାନ୍ତ କୁମାର ଦାସ ଓ ପ୍ରଫେସର ସପନ କୁମାର ସାମଲ ଯୋଗ ଦେଇ ଯଥାକ୍ରମେ 'କନଭେକ୍ସ ଅପ୍ଟିମାଇଜେଶନ ଆଣ୍ଡ ଭାରିଏସନାଲ ଇନଫରମିଟି ପ୍ରୋବ୍ଲେମ ଓ ଡେରିଭେସନ ଅଫ ୱାନ ଡାଇମେନସନାଲ ୱେଭ ଇକ୍ୟୁଏଶନ ଆଣ୍ଡ ଇଟ ସଲୁଶନ' ପ୍ରସଙ୍ଗରେ ଚର୍ଚ୍ଚା କରିଥିଲେ। ବିଭାଗୀୟ ମୁଖ୍ୟ ଡ.ମନମୋହନ ମହାରଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ନୀଳରତ୍ନ କଲିଆ, ମଧୁସ୍ମିତା ମଞ୍ଜରି ସିଂ, ରାଜେନ୍ଦ୍ର ବେହେରା, ଅମୂଲ୍ୟ ଥୟଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଲୋଚନାଚକ୍ରରେ ଗଣିତ ବିଭାଗର ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ପ୍ରିୟପଦ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.50/ET/SBP/ENGG/2025-26, ତା.13.11.2025ରିଖ

(1)ଇ-ଟେଣ୍ଡର ସଂ.51-eT-DENS-SBP-25
କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ନରଲା ରୋଡ୍-ଥେରୁବାଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେସ୍-ମରାମତି କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,95,79,412/-,
ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,97,900/-।

(2)ଇ-ଟେଣ୍ଡର ସଂ.27-eT-SDENW-SBP-25
କାର୍ଯ୍ୟର ନାମ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ସମ୍ବଲପୁର ପରିସୀମା ଅଧୀନସ୍ଥ ନୂଆପଡ଼ା ରୋଡ୍-ଲାଖୋଲି ସେକ୍ସନରେ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସେସ୍-ମରାମତି ଏବଂ ପାର୍ଶ୍ୱ ଡ୍ରେନ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 3,03,48,861.98,
ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,01,800/-।

(3)ଇ-ଟେଣ୍ଡର ସଂ.56-eT-DENE-SBP-25
କାର୍ଯ୍ୟର ନାମ : ଆବଶ୍ୟକତା ଭିତ୍ତିରେ କୋଚ୍‌ରେ ପାଣି ଭରିବା ପାଇଁ ସମ୍ବଲପୁର ସିଟି ରେଳ ଷ୍ଟେସନ ପର୍ଯ୍ୟନ୍ତ 5000 ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କିଗୁଡ଼ିକ ଦ୍ୱାରା ଜଳ ଯୋଗାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 37,66,875.20,
ବିଡ୍ ସିକ୍ୟୁରିଟି (ଟଙ୍କାରେ): 75,400/-।

କାର୍ଯ୍ୟ ଶେଷ ହେବା ଅବଧି : 12 ମାସ (କ୍ରମ ସଂ. 1 ଏବଂ 2 ପାଇଁ) ଏବଂ 04 ମାସ (କ୍ରମ ସଂ. 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.12.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ),
PR-815/Q/25-26 ସମ୍ବଲପୁର

DADLS- 65

ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



୨୩.୧୧.୨୦୨୫
ସମୟ : ସକାଳ ୯ .୩୦ ମିନିଟ୍
ସ୍ଥାନ : ଓଡ଼ିଶା ବିଧାନ ସଭା, ଭୁବନେଶ୍ୱର

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ, ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଗଣ ତଥା ମାନ୍ୟଗଣ୍ୟ ଅତିଥି ମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସମୟ : ସନ୍ଧ୍ୟା ୫.୩୦ ମିନିଟ୍ | ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର

ସାଧାରଣ ସଭା

ମୁଖ୍ୟ ଅତିଥି
ଡ଼ ରବୀନ୍ଦ୍ର ନାରାୟଣ ବେହେରା
ସାଂସଦ, ଯାଜପୁର

ସମ୍ମାନନୀୟ ବକ୍ତା
ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ
ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ସ୍ତମ୍ଭକାର

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ଭାଗବତ ଶୁକ୍ଳ
ବିଶିଷ୍ଟ ଶିକ୍ଷାବିତ ଏବଂ ସ୍ତମ୍ଭକାର

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗଦେବାକୁ ବିନମ୍ର ଅନୁରୋଧ

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-

GOVERNMENT OF ODISHA No. O-1550
OFFICE OF THE SUPERINTENDING ENGINEER, RURAL WORKS DIVISION, RAIRANGPUR (MAYURBHANJ)
E-Mail ID: eerwrairangpur@yahoo.com
Letter No. // Date:
"e" Procurement Notice for Road Works | Bid Identification No. - RWDRRP-15/2025-26

| | | | |
|---|---|---|---|
| 1. | Name of the Work | : | Periodical maintenance of road for the year 2025-26 |
| 2. | Estimated Cost | : | From Rs.8.05 to 13.39 lakhs (approximately) |
| 3. | Class of Contractor | : | "D", "C" Class or relevant Class of works licence |
| 4. | Period of Completion | : | As per Annexure |
| 5. | Tender paper cost | : | As per Annexure |

The details are as follows

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking Tender Clarification | Date & time of Opening of Tender in O/o. S.E.R.W. Division, Rairangpur Technical Bid & Financial Bid |
|---|---|---|---|---|---|
| | | From | To | | |
| S.E.R.W. Division, Rairangpur | RWDRRP-15/2025-26 | 24.11.2025 at 11.00 A.M. | 01.12.2025 upto 5.00 P.M. | 29.11.2025 upto 5.00 P.M. | 02.12.2025 at 11.30 A.M. |

Further details can be seen from the website www.tendersodisha.gov.in.
OIPR- Sd./- Er. S. Naik, Executive Engineer, R.W. Division, Rairangpur

# ପକ୍ଷୀ ସଂରକ୍ଷଣ ପାଇଁ ଗଢ଼ିଛନ୍ତି 'ସେନା'

ଜୀବବିଜ୍ଞାନୀ

**ପୂର୍ଣ୍ଣିମା ଦେବୀ ବର୍ମନ**

ଆସାମର ପୂର୍ଣ୍ଣିମା ଦେବୀ ବର୍ମନ ଜଣେ ପ୍ରସିଦ୍ଧ ବନ୍ୟପ୍ରାଣୀ ଜୀବବିଜ୍ଞାନୀ। ବଗ ବା ସାରସ ପ୍ରଜାତିର ପକ୍ଷୀ(ସ୍ଥାନୀୟ ଭାଷାରେ 'ହରଗିଲା' ପକ୍ଷୀ ଭାବରେ ଜଣାଶୁଣା)ର ସଂରକ୍ଷଣ ପାଇଁ ସେ ବେଶ୍ ପ୍ରସିଦ୍ଧ। ପକ୍ଷୀ ସଂରକ୍ଷଣ ପାଇଁ ସେ ହରଗିଲା ସେନା ଗଠନ କରିଛନ୍ତି। ମହିଳାମାନଙ୍କୁ ନେଇ ଗଠିତ ଏହି ସେନାର ପୂର୍ଣ୍ଣିମା ନେତୃତ୍ୱ ନେଉଛନ୍ତି, ଯାହା କେବଳ ଏକ ବିଲୁପ୍ତପ୍ରାୟ ପ୍ରଜାତିକୁ ସୁରକ୍ଷା ଦେଇନାହିଁ ବରଂ ତାଙ୍କ ସମ୍ପ୍ରଦାୟର ମହିଳାମାନଙ୍କୁ ପରିବେଶ ସଂରକ୍ଷଣରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ମଧ୍ୟ ସଶକ୍ତ କରିପାରିଛି।



୨୦୦୭ରେ ଜଣେ ସଂରକ୍ଷଣବାଦୀ ଭାବରେ ପୂର୍ଣ୍ଣିମା ତାଙ୍କର ଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କୁ ଏକ ଗଛ କଟାଯିବା ନେଇ ସତର୍କ କରାଯାଇଥିଲା। ଆଉ ଉକ୍ତ ଗଛଟି ଗ୍ରେଟର ଆଡ୍‌ଜୁଟାଣ୍ଟ ଷ୍ଟର୍କ ବା ହରଗିଲା ପକ୍ଷୀଙ୍କ ବାସସ୍ଥାନ ଥିଲା। ସେହି ସ୍ଥାନରେ ପୂର୍ଣ୍ଣିମା ପହଞ୍ଚିବା ପରେ, ସେ ଦେଖିଲେ ଯେ ହରଗିଲା ପକ୍ଷୀଙ୍କ ବସା ଭୂମିରେ ପଡ଼ିଯାଇଛି। ସ୍ଥାନୀୟ ଅଞ୍ଚଳର ବିଶ୍ୱାସ ଅନୁସାରେ କୌଣସି ପକ୍ଷୀ ବସା ତଳେ ପଡ଼ିଯିବା ଏକ ଖରାପ ଲକ୍ଷଣ। ଅର୍ଥାତ୍ ଉକ୍ତ ପକ୍ଷୀ ସମୁଦାୟର ବଞ୍ଚିବା ବିପଦରେ। ପୂର୍ଣ୍ଣିମା ଉକ୍ତ ଗଛକଟାକୁ ତୀବ୍ର ବିରୋଧ କରିଥିଲେ। ଏଥିପାଇଁ ତାଙ୍କୁ ତାଙ୍କ ସମ୍ପ୍ରଦାୟର କ୍ରୋଧର ଶିକାର ମଧ୍ୟ ହେବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ସେ ପକ୍ଷୀମାନଙ୍କୁ ସୁରକ୍ଷା ଦେବାକୁ ଦୃଢ଼ନିଶ୍ଚିତ ହୋଇ ତାଙ୍କର ଜୀବନବ୍ୟାପୀ ମିଶନ ଆରମ୍ଭ କରିଥିଲେ।

ପୂର୍ଣ୍ଣିମା ହରଗିଲା ସେନା ମାଧ୍ୟମରେ ୨୦,୦୦୦ ମହିଳାଙ୍କ ଏକ ବଡ଼ ନେଟ୍‌ୱର୍କ ଗଠନ କରିଛନ୍ତି, ଯେଉଁମାନେ ସକ୍ରିୟ ଭାବରେ ସାରସ ପକ୍ଷୀଙ୍କ ବସାକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରନ୍ତି। ଏହି ଅନନ୍ୟ ପ୍ରଜାତିକୁ ସଂରକ୍ଷଣର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ଶିକ୍ଷା ଦିଅନ୍ତି। ସେମାନଙ୍କ ସାମୂହିକ ପ୍ରୟାସ ସାରସ ପକ୍ଷୀଙ୍କୁ ସୁରକ୍ଷା ଦେବାରେ ଏବଂ ସେମାନଙ୍କ ସଂଖ୍ୟା ବୃଦ୍ଧି କରିବାରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛି। ଏକଦା ଗୋଟେ ଅଞ୍ଚଳରେ ବିଲୁପ୍ତପ୍ରାୟ ହୋଇଯାଉଥିବା ସାରସ ପ୍ରଜାତିର ପକ୍ଷୀଙ୍କ ସଂଖ୍ୟା ଏବେ ୧,୮୦୦ରୁ ଅଧିକ ହୋଇଗଲାଣି। ପୂର୍ଣ୍ଣିମାଙ୍କ ଏହି କାର୍ଯ୍ୟ ବା ରୂପାନ୍ତରଣ ଯୋଗୁ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍)କୁ ହରଗିଲା ପକ୍ଷୀର ସ୍ଥିତିରେ ପୁନଃମୂଲ୍ୟାୟନ କରିବାକୁ ପ୍ରେରଣା ଦେଇଛି। ୨୦୨୩ରେ ଉକ୍ତ ପକ୍ଷୀଙ୍କୁ 'ସଙ୍କଟାପନ୍ନ ବିଲୁପ୍ତପ୍ରାୟ (କ୍ରିଟିକାଲ୍ ଏଣ୍ଡେନ୍‌ଜର୍ଡ) ବିବେଚନାରୁ ବିପଦ ନିକଟ (ନିୟର ଥ୍ରେଟେନ୍‌ଡ)କୁ ରୂପାନ୍ତରିତ କରିପାରିଛି। ପୂର୍ଣ୍ଣିମାଙ୍କ ଏହି ଅସାଧାରଣ କାର୍ଯ୍ୟ ଜାତୀୟ ଏବଂ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିଛି, ଯେଉଁଥିପାଇଁ ଜଣେ ଅଗ୍ରଣୀ ସଂରକ୍ଷଣବାଦୀ ଭାବରେ ଟାଇମ୍ସର ୨୦୨୫ ବର୍ଷର ବିଶିଷ୍ଟ ସଂରକ୍ଷଣବାଦୀ ମହିଳା ତାଲିକାରେ ତାଙ୍କ ନାମ ସ୍ଥାନ ପାଇପାରିଛି।

ଧରିତ୍ରୀ ୟୁଥ୍ କନ୍‌କ୍ଲେଭ-୨୦୨୫ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଉଥିବା ପୂର୍ଣ୍ଣିମାଙ୍କ ପ୍ରେରଣାଦାୟକ କାହାଣୀ ନିଃସନ୍ଦେହରେ ଏହି କାର୍ଯ୍ୟକ୍ରମକୁ ଅଧିକ ଋଦ୍ଧିମନ୍ତ କରିବା ସହ ଯୁବ ସମାଜକୁ ପରିବେଶ ସୁରକ୍ଷା ଏବଂ ବିଲୁପ୍ତପ୍ରାୟ ପକ୍ଷୀମାନଙ୍କ ସଂରକ୍ଷଣ କରିବା ଦିଗରେ ଏକ ନୂଆ ଦିଶା ଦେଖାଇବାରେ ସହାୟକ ହୋଇପାରିବ।

ଧରିତ୍ରୀ ଯୁବ ସମ୍ମିଳନୀର ପଞ୍ଚମ ସଂସ୍କରଣ ନଭେମ୍ବର ୨୪ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହା ବିଶ୍ୱର ଯୁବ ଜଳବାୟୁ ପ୍ରବକ୍ତାମାନଙ୍କୁ ଏକତ୍ରିତ କରିବାର ଏକ ପ୍ରମୁଖ ମାଧ୍ୟମ ସାଜିଛି। 'ଜଳବାୟୁ ପରିବର୍ତ୍ତନ: ଫାଇଣ୍ଡିଂ ସଲ୍ୟୁଶନ' ବିଷୟବସ୍ତୁ ଆଧାରରେ ଆୟୋଜନ ହେବାକୁ ଥିବା ଏହି ସମ୍ମିଳନୀ ଯୁବପିଢ଼ିଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରା ବାଣ୍ଟିବା, ଅର୍ଥପୂର୍ଣ୍ଣ ଆଲୋଚନାରେ ସାମିଲହେବା ସହ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ କାର୍ଯ୍ୟକ୍ଷମ ସମାଧାନ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ। ବିଶ୍ୱ ପରିବେଶ ନୀତି ଏବଂ କାର୍ଯ୍ୟକୁ ସୁସଂଗଠନ ସହିତ ଭବିଷ୍ୟତ ପଦକ୍ଷେପ ପାଇଁ ଏକ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବ। ଧରିତ୍ରୀ ଯୁବ ସମ୍ମିଳନୀ ଜଳବାୟୁ ପରିବର୍ତ୍ତନ ପାଇଁ ସୃଜନଶୀଳ ଏବଂ ପ୍ରଭାବଶାଳୀ ସମାଧାନ ବିକାଶ କରିବାରେ ଯୁବପିଢ଼ିଙ୍କ ମଧ୍ୟରେ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହେବ। ଏହି କନ୍‌କ୍ଲେଭ୍‌ରେ ବିଶେଷଜ୍ଞଙ୍କ ପ୍ୟାନେଲ୍ ଆଲୋଚନା ସହିତ ପ୍ରମୁଖ ପରିବେଶବିତ୍ ଏବଂ ସଂଗଠନ ସହ ନେଟ୍‌ୱର୍କିଂ ସୁଯୋଗ ପ୍ରଦାନ କରାଯିବ। ଅଂଶଗ୍ରହଣକାରୀମାନେ ପ୍ରସିଦ୍ଧ ବିଶେଷଜ୍ଞମାନଙ୍କଠାରୁ ଶିଖିବା, ଚିନ୍ତାଧାରା ଆଦାନପ୍ରଦାନ କରିବା ଆଦିର ସୁଯୋଗ ପାଇବେ। ଏଥି ସହ ସନ୍ଧ୍ୟାରେ ପ୍ରସିଦ୍ଧ ସଙ୍ଗୀତଜ୍ଞଙ୍କ ଦ୍ୱାରା ପରିବେଶ ବିଷୟବସ୍ତୁ ଉପରେ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଆୟୋଜନ ହେବ।

# ସବୁଜ ସୃଜନର ସଂରକ୍ଷିକା

ପରିବେଶବିତ୍

**ସୁନୀତା ନାରାୟଣ**



ସୁନୀତା ନାରାୟଣ ଜଣେ ପ୍ରମୁଖ ଭାରତୀୟ ପରିବେଶବିତ୍। ବର୍ତ୍ତମାନ ସେ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ (ସିଏସ୍‌ଇ)ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏଥି ସହ ଅନ୍ତର୍ଜାତୀୟ ପତ୍ରିକା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦିକା ଭାବେ କାର୍ଯ୍ୟ କରୁଛନ୍ତି। ପରିବେଶ ସଂରକ୍ଷଣ, ଜଳ ସଞ୍ଚୟ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ସୁନୀତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ୧୯୬୧ରେ ନୂଆଦିଲ୍ଲୀଠାରେ ଜନ୍ମିତ ସୁନୀତା ୧୯୮୨ରେ ସିଏସ୍‌ଇରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ସେଠାରେ ସେ ଜଣେ ଅଗ୍ରଣୀ ପରିବେଶବିତ୍ ଅନିଲ ଅଗ୍ରୱାଲଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିଥିଲେ। ସେମାନେ ମିଳିତ ଭାବେ 'ଷ୍ଟେଟ୍ ଅଫ୍ ଇଣ୍ଡିଆସ୍ ଏନ୍‌ଭାଇରନ୍‌ମେଣ୍ଟ'ର ସହ-ସମ୍ପାଦନା କରିଥିଲେ। ଏଥି ସହ 'ଟୁ-ୱାର୍ଡସ୍ ଗ୍ରୀନ୍ ଭିଲେଜେସ୍' ରଚନା କରିଥିଲେ। ଏହା ସମ୍ପ୍ରଦାୟ-ନେତୃତ୍ୱାଧୀନ ପ୍ରାକୃତିକ ସମ୍ପଦ ପରିଚାଳନା ଏବଂ ଅଂଶଗ୍ରହଣକାରୀ ଗଣତନ୍ତ୍ର ଉପରେ ଗୁରୁତ୍ୱାରୋପ କରିଥିଲା। ୧୯୯୩ରେ ସେ ସିଏସ୍‌ଇର ଡେପୁଟି ଡାଇରେକ୍ଟର ଭାବେ ପଦୋନ୍ନତି ପାଇବା ପରେ ୨୦୦୦ ମସିହାରୁ ଏହାର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି। ସୁନୀତାଙ୍କ କାର୍ଯ୍ୟ ସାମାଜିକ ନ୍ୟାୟ ସହିତ ପରିବେଶଗତ ପ୍ରସଙ୍ଗଗୁଡ଼ିକୁ ସମନ୍ୱିତ କରିବା ଉପରେ ଗୁରୁତ୍ୱ ବହନ କରିଥାଏ। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ପରିଚାଳନା, ପରିମଳ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ଆଦି କ୍ଷେତ୍ରରେ ତାଙ୍କର ଢେର୍ ଅବଦାନ ରହିଛି। ଦଶନ୍ଧି ଧରି ସେ ମୌଳିକ ପରିବେଶଗତ ଏବଂ ସାମାଜିକ ପ୍ରସଙ୍ଗଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିଆସୁଛନ୍ତି। ବର୍ଷ ବର୍ଷ ଧରି ତାଙ୍କର ସଚେତନତା ଅଭିଯାନର ପରିସର ବୃଦ୍ଧି ପାଇଛି। ପରିବେଶଗତ ସମସ୍ୟା ବ୍ୟତୀତ ସେ ନକ୍ସଲବାଦ, ରାଜନୈତିକ ଦୁର୍ନୀତି, ବ୍ୟାଘ୍ର ଏବଂ ବୃକ୍ଷ ସଂରକ୍ଷଣ ସହିତ ଅନ୍ୟାନ୍ୟ ସାମାଜିକ ସମସ୍ୟା ଉପରେ ମଧ୍ୟ ନିଜର ଗୁରୁତ୍ୱପୂର୍ଣ୍ଣ ମତ ରଖୁଛନ୍ତି।

ପରିବେଶ କ୍ଷେତ୍ରରେ ଏଭଳି ଅବଦାନ ପାଇଁ ତାଙ୍କୁ ୨୦୦୫ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିସହ ୨୦୧୬ରେ ତାଙ୍କୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ଭାବେ ଟାଇମ୍-୧୦୦ରେ ଅନ୍ତର୍ଭୁକ୍ତ କରାଯାଇଛି। ସିଏସ୍‌ଇରେ ନିଜର ନେତୃତ୍ୱ ମାଧ୍ୟମରେ ସୁନୀତା ବୈଜ୍ଞାନିକ ଜ୍ଞାନ, ସାମାଜିକ ସମାନତା ଏବଂ ବ୍ୟବହାରିକ ସମାଧାନରେ ମୂଳ ପରିବେଶବାଦର ଏକ ଦୃଷ୍ଟିକୋଣ ପ୍ରସ୍ତୁତ କରିଛନ୍ତି, ଯାହା ତାଙ୍କୁ ବିଶ୍ୱ ପରିବେଶ ଆନ୍ଦୋଳନରେ ଏକ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ପ୍ରମାଣିତ କରିଛି। ଧରିତ୍ରୀ ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀର ପଞ୍ଚମ ସଂସ୍କରଣରେ ସେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟାନୁଷ୍ଠାନର ଜରୁରୀ ଆବଶ୍ୟକତା ନେଇ ସମ୍ବୋଧିତ କରିବେ।

# ସବୁଜିମା ସୁରକ୍ଷାର ଅନନ୍ୟ ନାୟିକା

ପରିବେଶବିତ୍

**ଚାମୀ ମୁର୍ମୁ**

ଧରିତ୍ରୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ପରିବେଶକର୍ମୀ ଚାମୀ ମୁର୍ମୁ। ଗଛ ଲଗାଇବା କ୍ଷେତ୍ରରେ ତାଙ୍କର ଅସାଧାରଣ ପ୍ରୟାସ ପାଇଁ ସାରା ଭାରତରେ ସେ ବେଶ୍ ଜଣାଶୁଣା। ୧୯୭୩ରେ ଜନ୍ମିତ ଚାମୀ ଝାଡ଼ଖଣ୍ଡର ଷଢ଼େଇକଳା ଖରସୁଆଁ ଜିଲାର ବାଗ୍ରାଇସାଇ ଗ୍ରାମର ବାସିନ୍ଦା। ୧୯୯୬ରେ ସେ ଆରମ୍ଭ କରିଥିଲେ ତାଙ୍କର ମିଶନ୍। ଇତି ମଧ୍ୟରେ ସେ ୫ଶହରୁ ଊର୍ଦ୍ଧ୍ୱ ଗ୍ରାମରେ ପ୍ରାୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗାଇ ସାରିଛନ୍ତି। ସେ କାଠମାଫିଆ ଏବଂ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଜଙ୍ଗଲ ସୁରକ୍ଷା ପାଇଁ ନିର୍ଭୀକ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କର ଏଭଳି ପ୍ରୟାସ ଜଙ୍ଗଲ କ୍ଷୟକୁ ପ୍ରତିହତ କରିବାରେ ସଫଳ ହୋଇଛି। ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ତାଙ୍କର ତୃଣମୂଳ ଆନ୍ଦୋଳନ ଏବେ ଏକ ବିପ୍ଳବରେ ପରିଣତ ହୋଇଛି। ହଜିଯାଇଥିବା ସବୁଜିମାର ପୁନରୁଦ୍ଧାର ଏବଂ ସମାଜ ପାଇଁ ସ୍ଥାୟୀ ଭବିଷ୍ୟତ ପ୍ରଦାନ ଆଶାରେ ଚାମୀ ପ୍ରଥମେ ତାଙ୍କ ଗ୍ରାମରେ ଚାରା ରୋପଣ ଆରମ୍ଭ କରିଥିଲେ। ପରେ ତାଙ୍କର ଏହି ପ୍ରୟାସକୁ ଅନ୍ୟମାନେ ପ୍ରୋତ୍ସାହିତ କରିଥିଲେ। ୨୦୨୦ରେ ସେ ପ୍ରାୟ ୩,୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ 'ସହଯୋଗୀ ମହିଳା ବାଗରାଇସାଇ' ନାମକ ଏକ ସଂଗଠନ ଗଢ଼ିଛନ୍ତି। ଏହି ସଂଗଠନ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କାର୍ଯ୍ୟ କରୁଛି। ଛେଳି, କୁକୁଡ଼ା ପାଳନ ସହିତ ଆଧୁନିକ ଚାଷ ମାଧ୍ୟମରେ ଆତ୍ମନିର୍ଭର ହେବା ସହ ପରିବେଶ ସୁରକ୍ଷା ଏବଂ ସାମାଜିକ ସଶକ୍ତୀକରଣ ପାଇଁ ଉତ୍ସର୍ଗୀକୃତ। ତାଙ୍କର ଅବଦାନ କେବଳ ପରିବେଶକୁ ପୁନରୁଦ୍ଧାର କରିନାହିଁ ବରଂ ସମ୍ପ୍ରଦାୟ ନେତୃତ୍ୱାଧୀନ ସଂରକ୍ଷଣ ପ୍ରୟାସର ଗୁରୁତ୍ୱ ଉପରେ ସଚେତନତା ବୃଦ୍ଧି କରିଛି। ଏଭଳି ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଚାମୀଙ୍କୁ ୨୦୨୪ରେ ଭାରତର 'ପଦ୍ମଶ୍ରୀ' ଉପାଧିରେ ଭୂଷିତ କରାଯାଇଥିଲା। ଏହା ପୂର୍ବରୁ ୨୦୧୯ରେ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ଅବସରରେ ରାଷ୍ଟ୍ରପତିଙ୍କ ଦ୍ୱାରା 'ନାରୀ ଶକ୍ତି ପୁରସ୍କାର'ରେ ସେ ସମ୍ମାନିତ ହୋଇଥିଲେ। ସେହିପରି ଚାମୀ ତାଙ୍କର ସହଯୋଗୀ କର୍ମୀ ଯମୁନା ଟୁଡୁଙ୍କ ସହ ମିଶିବା ନେଇ ପୂର୍ବରୁ ଘୋଷଣା କରିଛନ୍ତି। ଯାହାଙ୍କ ସହ ସେ ଝାଡ଼ଖଣ୍ଡର ଜଙ୍ଗଲ ସୁରକ୍ଷା ପାଇଁ କାମ କରି 'ଲେଡି ଟାର୍ଜନ' ଉପାଧି ପାଇଥିଲେ। ଏହି ଦୁଇ ମହିଳା ଅଧିକ ସମ୍ପ୍ରଦାୟ ସହିତ ସହଯୋଗ କରି ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ପରିବେଶ ଆନ୍ଦୋଳନ ସୃଷ୍ଟି କରି ସେମାନଙ୍କର ପ୍ରଭାବକୁ ବିସ୍ତାର କରିବାକୁ ପ୍ରୟାସ ଜାରି ରଖିଛନ୍ତି।



ନଭେମ୍ବର ୨୪ରେ ଚାମୀ ମୁର୍ମୁ ଭୁବନେଶ୍ୱରରେ ଆୟୋଜିତ 'ଧରିତ୍ରୀ' ଯୁବ ସମ୍ମିଳନୀର ୫ମ ସଂସ୍କରଣରେ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର' ପାଇବେ। ଏହି ପୁରସ୍କାର ପରିବେଶ ସଂରକ୍ଷଣରେ ତାଙ୍କର ଦଶନ୍ଧି ଧର ଜାରି ରହିଥିବା କାର୍ଯ୍ୟ ଏବଂ ଜଙ୍ଗଲ କ୍ଷୟ ବିରୋଧରେ ଲଢ଼େଇ, ବିଶେଷକରି ମହିଳାମାନଙ୍କୁ ସଶକ୍ତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନିତ କରୁଛି। ଧରିତ୍ରୀ ଯୁବ ସମ୍ମିଳନୀ ଉତ୍କୃଷ୍ଟ ପରିବର୍ତ୍ତନକାରୀଙ୍କୁ ସ୍ୱୀକୃତି ଦେବା ଏବଂ ଏହି ପୁରସ୍କାର ତାଙ୍କ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ଉଭା ହେବ।

# ହ୍ରଦ ସୁରକ୍ଷାର ଜାଗ୍ରତ ପ୍ରହରୀ

ପରିବେଶବିତ୍

**ଅରୁଣ କ୍ରିଷ୍ଣମୂର୍ତ୍ତି**

ଚେନ୍ନାଇର ମୁଦିଚରରେ ଜନ୍ମିତ ଅରୁଣ କ୍ରିଷ୍ଣମୂର୍ତ୍ତି ପରିବେଶ ସୁରକ୍ଷାକୁନେଇ ବେଶ୍‌ସମ୍ବେଦନଶୀଳ। ଭାରତର ବିଭିନ୍ନ ହ୍ରଦ ସଫେଇ ଅଭିଯାନରେ ତାଙ୍କ ଯୋଗଦାନ ବେଶ୍ ଉଲ୍ଲେଖନୀୟ। ତାଙ୍କ ଉଦ୍ୟମରେ ଅନ୍ତର୍ଜାତୀୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ସଂଗଠନ 'ଏନ୍‌ଭାଇରନମେଣ୍ଟାଲିଷ୍ଟ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ' ବା 'ଇଏଫ୍‌ଆଇ' ପ୍ରତିଷ୍ଠା ହୋଇଛି। ଅରୁଣ ଏବଂ ତାଙ୍କ ସଂସ୍ଥା ପକ୍ଷରୁ ଶତାଧିକ ହ୍ରଦ ସଫା କରିବାରେ ସଫଳ ହୋଇଛନ୍ତି। ମାଡ୍ରାସ ଖ୍ରୀଷ୍ଟିଆନ କଲେଜରୁ ମାଇକ୍ରୋବାୟୋଲୋଜିରେ ସ୍ନାତକ ଶିକ୍ଷା ଶେଷ ପରେ ହାଇଦ୍ରାବାଦରେ ଗୁଗଲ୍‌ରେ ଅରୁଣ ୩ବର୍ଷ କାମ କରିଥିଲେ। ଏହାପରେ ଦିଲ୍ଲୀସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେଶନ (ଆଇଆଇଏମ୍‌ସି)କୁ ପଢ଼ିବା ପାଇଁ ଯାଇଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୦୮ରେ ଗୁଡଅଲ୍ସ ରୁଟ୍‌ସ ଆଣ୍ଡ ସୁଟ୍‌ସ'ରେ କାମ କରିଥିଲେ। ଏହାବ୍ୟତୀତ ଅରୁଣ ପରିବେଶ ସମ୍ବନ୍ଧୀୟ ଡକ୍ୟୁମେଣ୍ଟାରି ଫିଲ୍ମର ନିର୍ଦ୍ଦେଶନା ପାଇଁ ଜଣାଶୁଣା। ତାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାମାଣିକ ଚଳଚ୍ଚିତ୍ର ଟେଲିଭିଜନରେ ପ୍ରସାରିତ ହୋଇଛି। ବିଶେଷକରି ତାମିଲନାଡୁର ନଦୀଗୁଡ଼ିକ ଉପରେ ସେ କରିଥିବା ଟ୍ରାଭେଲ ଡକ୍ୟୁମେଣ୍ଟାରି ଫିଲ୍ମ ବେଶ୍ ଲୋକାଦୃତି ହାସଲ କରିଛି। ୨୦୧୨ରେ ସମ୍ମାନଜନକ 'ରୋଲେକ୍ସ ଆୱାର୍ଡସ ଫର୍ ଏଣ୍ଟରପ୍ରାଇଜେସ' ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ୫ଜଣଙ୍କ ମଧ୍ୟରେ ଅରୁଣ ଥିଲେ ସର୍ବକନିଷ୍ଠ। ଭାରତରେ ହ୍ରଦ ପୁନରୁଦ୍ଧାର ଦିଗରେ ନିରନ୍ତର ପ୍ରୟାସ ପାଇଁ ଜେନେଭାଠାରେ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ନିଜର କାର୍ଯ୍ୟଦକ୍ଷତା ପାଇଁ ସେ ୨୦୧୦ରେ 'ୟୁଥ୍ ଲିଡରଶିପ୍', ୨୦୧୧ରେ 'ଗୁଗଲ୍ ଆଲୁମ୍‌ନି ଇମ୍ପାକ୍ଟ', ୨୦୦୨ରେ ନେକ୍ସଟ ଜେନେରେଶନ ଲିଡର ଭାବେ ସେ ମନୋନୀତ ହୋଇଥିଲେ। ଏଥିସହିତ ଅରୁଣ ତାଙ୍କର ମନୋମୁଗ୍ଧକର ଭାଷଣ ପାଇଁ ମଧ୍ୟ ବେଶ୍ ଜଣାଶୁଣା। ତାଙ୍କ ଅଭିଭାଷଣରେ ନଦୀ, ହ୍ରଦ, ବନ୍ୟପ୍ରାଣୀଙ୍କ ସୁରକ୍ଷା ସର୍ବଦା ପ୍ରାଥମିକତା ପାଇଥାଏ। ଧରିତ୍ରୀ' ପକ୍ଷରୁ ନଭେମ୍ବର ୨୪ରେ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ପରିବେଶବିତ୍ ଅରୁଣ କ୍ରିଷ୍ଣମୂର୍ତ୍ତି ମଡରେଟର ଭାବେ ଯୋଗଦେବେ।



# ସଚେତନତାର ବାର୍ତ୍ତାବହ

ପରିବେଶବିତ୍

**ମିତ୍ ସିଜରିଆ**



ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନତା ସୃଷ୍ଟି କ୍ଷେତ୍ରରେ ମିତ୍ ସିଜରିଆ ସକ୍ରିୟ ଭୂମିକା ନିର୍ବାହ କରି ଆସୁଛନ୍ତି। ଆଉ ଖୁବ୍ କମ୍ ସମୟ ଅବଧି ମଧ୍ୟରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବର୍ତ୍ତମାନ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶହୀଦ ସୁଖଦେବ କଲେଜ ଅଫ୍ ବିଜ୍‌ନେସ୍ ଷ୍ଟଡିଜ୍‌ର ଦ୍ୱିତୀୟ ବର୍ଷ ଛାତ୍ର। ମିତ୍ କ୍ଲାଟ୍ ୨୦୨୪ରେ ସର୍ବଭାରତୀୟ ର୍ୟାଙ୍କ-୫୪୯ (୯୯.୫%) ଏବଂ ଭାରତୀୟ ଦର୍ଶନ ଅଲିମ୍ପିଆଡ୍‌ରେ ସର୍ବଭାରତୀୟ ର୍ୟାଙ୍କ-୧ ପ୍ରାପ୍ତ କରିଛନ୍ତି। ମିତ୍ କମନ୍‌ୱେଲଥ ୟୁଥ୍ କ୍ଲାଇମେଟ୍ ଚେଞ୍ଜ ନେଟ୍‌ୱର୍କରେ ଭାଗୀଦାରି ଏବଂ ହିତାଧିକାରୀଙ୍କ ଉପାଧ୍ୟକ୍ଷ ଭାବେ ୫୬ଟି ଦେଶ ଏବଂ ୧.୫ ବିଲିୟନ ଯୁବକଙ୍କ ସ୍ୱରକୁ ପ୍ରତିନିଧିତ୍ୱ କରୁଛନ୍ତି। ଏଥିସହ ସେ ୱାର୍ଲ୍ଡଇକୋନୋମିକ୍ ଫୋରମ୍‌ର ୩୦ ବର୍ଷରୁ କମ୍ ବୟସର ନେଟ୍‌ୱର୍କର ଦକ୍ଷିଣ ଏସିଆର ସବୁଠାରୁ କନିଷ୍ଠ ଶେପର୍‌ଙ୍କ ମଧ୍ୟରୁ ଅନ୍ୟତମ। ୨୦୨୩ରେ ଗ୍ରୀସ୍‌ରେ ହୋଇଥିବା ଅନ୍ତର୍ଜାତୀୟ ଦର୍ଶନ ଅଲିମ୍ପିଆଡ୍ ପାଇଁ ଭାରତର ସରକାରୀ ପ୍ରତିନିଧି ଭାବେ ମିତ୍ ଯୋଗଦେଇଥିଲେ। ଇଣ୍ଡୋନେସିଆରେ ଅନ୍ତର୍ଜାତୀୟ ଭୂଗୋଳ ଅଲିମ୍ପିଆଡ୍ ପାଇଁ ପରାମର୍ଶଦାତା ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ମିତ୍ ହେଉଛନ୍ତି 'ଦି ଇଣ୍ଡିଆନ୍ ବିଦ୍ୟାର୍ଥୀ' ପ୍ରତିଷ୍ଠାତା। ଏହି ଯୁବ ସଂଗଠନ ୨୦ଟି ଦେଶର ୧୫୦ଟି ସହରରେ କାର୍ଯ୍ୟ କରିବା ସହ କ୍ଷମତା- ନିର୍ମାଣ ପଦକ୍ଷେପ ମାଧ୍ୟମରେ ଏହି ସଂଗଠନ ଯୁବକମାନଙ୍କୁ ସଶକ୍ତ କରୁଛି। ସେ ହଲ୍ଟ ପ୍ରାଇଜ୍ ଇଣ୍ଡିଆର ଇକୋସିଷ୍ଟମ୍ ନିର୍ଦ୍ଦେଶକ ଭାବେ ବିଶ୍ୱର ସର୍ବବୃହତ୍ ଛାତ୍ର ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆୟୋଜନରେ ସହାୟତା କରୁଛନ୍ତି। ଏକାଡେମିକ୍ କାଉନ୍‌ସିଲ ଫର୍ ଦି ୟୁନାଇଟେଡ ନେଶନ୍ସ ସିଷ୍ଟମ (ଏସିୟୁଏନ୍‌ଏସ୍) ଏବଂ ଗ୍ଲୋବାଲ ୟୁଥ୍ ବାୟୋଡାଇଭର୍ସିଟି ନେଟ୍‌ୱର୍କ (ଜିୱାଇବିଏନ୍) ଭଳି ସଂଗଠନ ସହିତ ଜଡ଼ିତ ରହିବା ଏକ ସ୍ଥାୟୀ, ଅନ୍ତର୍ଭୁକ୍ତ ଭବିଷ୍ୟତ ଗଠନରେ ସହାୟକ ହୋଇପାରିଛି।

ଚଳିତ ଧରିତ୍ରୀ ଯୁବ ସମ୍ମିଳନୀରେ ମିତ୍ ସିଜରିଆ ପ୍ୟାନେଲିଷ୍ଟ ଭାବେ ଯୋଗଦେବା ସହିତ ଜଳବାୟୁ ପରିବର୍ତ୍ତନ ଏବଂ ଏହାର ସମାଧାନ ଉପରେ ତାଙ୍କର ଅଭିମତ ରଖିବେ। ତାଙ୍କର ଅଂଶଗ୍ରହଣ ପରବର୍ତ୍ତୀ ପିଢ଼ିର ଜଳବାୟୁ ପ୍ରବକ୍ତାଙ୍କୁ ସଶକ୍ତ କରିବ ଏବଂ ବିଶ୍ୱସ୍ତରରେ ପରିବର୍ତ୍ତନକାରୀ ଆନ୍ଦୋଳନ ସୃଷ୍ଟିରେ ସହାୟକ ହୋଇପାରିବ।

# ପରିବେଶ ଓ ସାମୁଦ୍ରିକ ସଂରକ୍ଷଣର କର୍ଣ୍ଣଧାର

ପରିବେଶବିତ୍

**କାର୍ତ୍ତିକ ଶଙ୍କର**

ଜଣେ ଆଗ ଧାଡ଼ିର ପରିବେଶବିତ୍ ଭାବେ ବେଶ୍ ଜଣାଶୁଣା କାର୍ତ୍ତିକ ଶଙ୍କର। ତାଙ୍କର ଗବେଷଣା ପର୍ବତ ଓ ସାମୁଦ୍ରିକ ଉଭୟ ପ୍ରଣାଳୀ ଉପରେ ଆଧାରିତ। କାର୍ତ୍ତିକ ଗତ ୨୦ବର୍ଷ ଧରି ସେ ସାମୁଦ୍ରିକ କଇଁଛ ସଂରକ୍ଷଣ ପାଇଁ କାର୍ଯ୍ୟ କରୁଛନ୍ତି। ବିଶେଷକରି ସେ ଓଡ଼ିଶା ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଉପରେ ଗବେଷଣା କରୁଛନ୍ତି। ଏହା ସାମୁଦ୍ରିକ ସଂରକ୍ଷଣ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

ସଂରକ୍ଷଣ, ପ୍ରାକୃତିକ ସମ୍ପଦ ପରିଚାଳନା ଏବଂ ସ୍ଥାୟୀ ବିକାଶ ପାଇଁ କାମ କରୁଥିବା ସଂଗଠନ 'ଦକ୍ଷିନ୍ ଫାଉଣ୍ଡେଶନ୍'ର ସେ ପ୍ରତିଷ୍ଠାତା ଟ୍ରଷ୍ଟି । ବର୍ତ୍ତମାନ ବାଙ୍ଗାଲୋରର ଭାରତୀୟ ବିଜ୍ଞାନ ସଂସ୍ଥାନ (ଆଇଆଇଏସ୍‌ସି)ର ପରିବେଶ ବିଜ୍ଞାନ କେନ୍ଦ୍ର (ସିଇଏସ୍)ରେ ସେ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ସେଠାରେ ବେଙ୍ଗ, ସରୀସୃପ, ପକ୍ଷୀ, ଉଦ୍ଭିଦ ଏବଂ ରିଫ୍ ମାଛ ସହିତ ଅନ୍ୟ ସାମୁଦ୍ରିକ ଜୀବଙ୍କ ଉପରେ ଛାତ୍ରଙ୍କ ଦ୍ୱାରା କରାଯାଉଥିବା ଗବେଷଣାକୁ ତଦାରଖ କରୁଛନ୍ତି। ସେ ଭାରତରେ ସାମୁଦ୍ରିକ କଇଁଛ ସଂରକ୍ଷଣର ଐତିହାସିକ ବିବରଣୀ ସମ୍ପନ୍ନ 'ଫ୍ରମ୍ ସୁପ୍ ଟୁ ସୁପରଷ୍ଟାର' ପୁସ୍ତକର ଲେଖକ। ଏଥିସହିତ କାର୍ତ୍ତିକ ଅବସର ସମୟରେ ପିଲାଙ୍କ କାହାଣୀ ମାଧ୍ୟମରେ ସେମାନଙ୍କ ମନକୁ ଭିନ୍ନ ରାଇଜକୁ ନେବାକୁ ଚେଷ୍ଟା କରନ୍ତି; ଯେଉଁଥିରେ 'ଲୋରିସ୍ ମ୍ୟାଜିକାଲ ମିଷ୍ଟ୍ରି', 'ଟର୍ଟେଲ ଷ୍ଟୋରି', 'ଦି ଆଡ୍‌ଭେଞ୍ଚର୍ସ ଅଫ୍ ଫିଲାଉଟସ ଫ୍ରଗ୍' ଏବଂ 'ମୁନ୍‌ଲାଇଟ ଇନ୍ ଦି ସି' ଅନ୍ତର୍ଭୁକ୍ତ। ପରିବେଶର ସଂରକ୍ଷଣ, ସ୍ଥାୟୀ ଜୀବିକା, ସାମାଜିକ ବିକାଶ ଆଦିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ କାର୍ତ୍ତିକ 'ଦକ୍ଷିନ୍ ଫାଉଣ୍ଡେଶନ୍' ଜରିଆରେ ଆଗକୁ ବଢ଼ି ଚାଲିଛନ୍ତି।



ନଭେମ୍ବର ୨୪ରେ ଧରିତ୍ରୀ ପକ୍ଷରୁ ଅନୁଷ୍ଠିତ 'ଯୁବ ସମ୍ମିଳନୀ ୨୦୨୫'ରେ କାର୍ତ୍ତିକ ଶଙ୍କର ପ୍ୟାନେଲିଷ୍ଟ ଭାବରେ ଯୋଗଦେବେ। ତାଙ୍କର ବିଶେଷ ଅଭିଜ୍ଞତା ଏବଂ ଅନ୍ତର୍ଦୃଷ୍ଟି ଧରିତ୍ରୀ ଯୁବ ସମ୍ମିଳନୀକୁ ସମୃଦ୍ଧ କରିବ, ଯାହା ପରବର୍ତ୍ତୀ ପିଢ଼ିର ଜଳବାୟୁ ସଂରକ୍ଷଣର ଅଗ୍ରଗାମୀଙ୍କୁ ପ୍ରେରଣା ଦେବ।

DHARITRI
YOUTH
CONCLAVE 2025
CLIMATE CHANGE:
FINDING SOLUTIONS





## ସଂହତି, ସଂଯୋଗର ସେତୁ ଆଣ୍ଡ୍ର୍ୟୁ ଫ୍ଲେମିଂ

ଧରିତ୍ରୀ ପକ୍ଷରୁ ଆୟୋଜିତ ଯୁବ ସମ୍ମିଳନୀର ୫ମ ସଂସ୍କରଣରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବ୍ରିଟିଶ ଡେପୁଟି ହାଇ କମିଶନର ଆଣ୍ଡ୍ର୍ୟୁ ଫ୍ଲେମିଂ। ସେ ଏବେ କୋଲକାତାରେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ୫ବର୍ଷ ପାଇଁ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାରେ ବ୍ରିଟିଶ ଡେପୁଟି ହାଇ କମିଶନର ଭାବେ କାର୍ଯ୍ୟ କରିଥିଲେ। ତତ୍‌ପରେ ବେଙ୍ଗାଲୁରୁରେ ସ୍ୱତନ୍ତ୍ର ଅସ୍ଥାୟୀ ଡ୍ୟୁଟି ଅଧିକାରୀ ଭାବରେ ନିଯୁକ୍ତ ହୋଇଥିଲେ। ୟୁକେ(ମିଳିତ ଯୁକ୍ତରାଜ୍ୟ ବା ଇଂଲଣ୍ଡ) ଏବଂ ସେ କାର୍ଯ୍ୟ କରୁଥିବା ରାଜ୍ୟଗୁଡ଼ିକ ମଧ୍ୟରେ ବ୍ୟବସାୟ, ବାଣିଜ୍ୟକୁ ପ୍ରୋତ୍ସାହନ, ଗବେଷଣା ଏବଂ ସହଭାଗିତାରେ ଆଗ୍ରହୀ ଶିକ୍ଷାନୁଷ୍ଠାନକୁ ଚିହ୍ନଟ ସହ ସ୍ଥାନୀୟ ସମସ୍ୟାଗୁଡ଼ିକୁ ବୁଝିବା ଆଦି ଅନ୍ତର୍ଭୁକ୍ତ ରହିଛି। ହାଇଦ୍ରାବାଦକୁ ଏକ ସ୍ୱଚ୍ଛ ସହର ଭାବେ ପରିଣତ କରିବା ଲକ୍ଷ୍ୟରେ ସେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଅନ୍ୟମାନଙ୍କୁ ଏଥିରେ ସାମିଲ୍ ହେବାକୁ ପ୍ରୋତ୍ସାହିତ କରିଥିଲେ। ଡେପୁଟି ହାଇ କମିଶନ୍‌ର ମୁଖ୍ୟ ଭାବରେ ସେ ସଂହତି ଏବଂ ଆନ୍ତଃଧର୍ମ, ମହିଳା ବିରୋଧୀ ହିଂସା, ମାନବ ଚାଲାଣ, ଶିଶୁ ଯୌନ ନିର୍ଯାତନା ଏବଂ ଯୁବ ସଶକ୍ତୀକରଣ ଉପରେ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ସହଯୋଗ କରି ଆସୁଛନ୍ତି। ଆଣ୍ଡ୍ର୍ୟୁ ୧୯୮୬ରେ ବ୍ରିଟିଶ ସିଭିଲ ସର୍ଭିସରେ ଯୋଗଦେଇ ୟୁକେ ଏବଂ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ସେ ଦକ୍ଷିଣ ଏସିଆ ସମେତ ବିଶ୍ୱର ଅନେକ ସ୍ଥାନରେ ଅନ୍ତର୍ଜାତୀୟ ନୀତି ପ୍ରସଙ୍ଗରେ କାର୍ଯ୍ୟ କରିବା ସହ ଏ ପର୍ଯ୍ୟନ୍ତ ୧୧୭ଟି ଦେଶ ପରିଦର୍ଶନ କରିସାରିଛନ୍ତି।

## ହାତୀଙ୍କ ସାଥୀ ଦେବବ୍ରତ ସ୍ୱାଇଁ



ହାତୀଙ୍କ ସୁରକ୍ଷା, ସେମାନଙ୍କ ସଂରକ୍ଷଣ ଏବଂ ବିଶେଷକରି ମଣିଷ-ହାତୀ ସଂଘର୍ଷ ହ୍ରାସ ନେଇ ଉତ୍ସର୍ଗୀକୃତ ସଂଗଠନ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନର ପ୍ରତିଷ୍ଠାତା ହେଉଛନ୍ତି ଦେବବ୍ରତ ସ୍ୱାଇଁ। ସେ ଜଣେ ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ଏବଂ ଓଡ଼ିଶା ଲୋକାୟୁକ୍ତର ପୂର୍ବତନ ସଦସ୍ୟ। ଫାଉଣ୍ଡେଶନ ଜରିଆରେ ଦେବବ୍ରତ ଓଡ଼ିଶା ଏବଂ ଏହାର ସୀମାବର୍ତ୍ତୀ ଅଞ୍ଚଳରେ ବୃଦ୍ଧି ପାଉଥିବା ମଣିଷ-ହାତୀ ସଂଘର୍ଷର ସମାଧାନ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନିମନ୍ତେ ସକ୍ରିୟ ଭାବେ ଯୋଗଦାନ କରିଆସୁଛନ୍ତି। ଏଥିସହ ସ୍ଥାନୀୟ ଗ୍ରାମବାସୀ ଏବଂ ବନ ବିଭାଗ ମଧ୍ୟରେ ବିଶ୍ୱାସ ଦୃଢ଼ କରିବା, ସମ୍ପ୍ରଦାୟ ସମ୍ପର୍କ ଏବଂ ଜନସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ହାତୀମାନଙ୍କ ଗତିବିଧିକୁ ତଦାରଖ କରିବା ପାଇଁ ଫାଉଣ୍ଡେଶନ ପକ୍ଷରୁ କରିଡର ପଦଯାତ୍ରା କରାଯାଉଛି। ଏହାବାଦ୍ ସେ ଜଣେ ଉଚ୍ଚକୋଟୀର ଲେଖକ। ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ସିକ୍ରେଟସ୍ ଅଫ୍ ଶିମିଳିପାଳ: ଏ ୱାଣ୍ଡରଲ୍ୟାଣ୍ଡ୍ ଅଫ୍ ଏଲିଫାଣ୍ଟସ୍ ଆଣ୍ଡ ମେଲାନିଷ୍ଟିକ୍ ଟାଇଗର୍ସ' ଅନେକ ଆଦୃତି ଲାଭ କରିଛି। ଧରିତ୍ରୀ ଯୁବ ସମ୍ମିଳନୀରେ ପ୍ୟାନେଲିଷ୍ଟ ଭାବେ ଯୋଗଦେଇ ଦେବବ୍ରତ ନିଜର ଅଭିମତ ପ୍ରକାଶ କରିବା ସହ ନିଜର ଅଭିଜ୍ଞତା ବଖାଣିବେ।

## ଗୀତରେ ବାର୍ତ୍ତା ଦେବେ ରାହଗିର



ସୋସିଆଲ ମିଡିଆରେ ଏକ ପ୍ରକାର ଝଡ଼ ସୃଷ୍ଟି କରିଥିବା 'ଆଦ୍ ମୀ ଚୁତିୟା ହେଁ, କୁଛ୍ ଭି ଚାହତା ହେଁ' ଭାଇରାଲ ଗୀତ ପଛରେ ଥିବା କଣ୍ଠର ଯାଦୁକର ହେଉଛନ୍ତି ରାହଗିର। ତାଙ୍କର ପ୍ରକୃତ ନାମ ସୁନୀଲ କୁମାର ଗୁର୍ଜର। ୧୯୯୩ ମେ ୧୮ରେ ରାଜସ୍ଥାନର ସିକରରେ ଜନ୍ମିତ ଏହି ବ୍ୟକ୍ତିତ୍ୱ ଏକାଧାରରେ କଣ୍ଠଶିଳ୍ପୀ, ଗୀତିକାର ଏବଂ ସଙ୍ଗୀତକାର। 'ଆଦ୍ ମୀ ଚୁତିୟା ହେଁ' ଗୀତଟି ୟୁଟ୍ୟୁବ୍ ଚ୍ୟାନେଲରେ ୬ ନିୟୁତରୁ ଅଧିକ ଭ୍ୟୁ ଏବଂ ସ୍ପଟିଫାଏରେ ୧୦ନିୟୁତରୁ ଅଧିକ ଷ୍ଟ୍ରିମ୍ ସହିତ ଭାଇରାଲ ହିଟ୍ ହୋଇଛି। 'ଫୁଲଁ କି ଲାଶୋଁ ମେଁ ତାଜଗି ଚାହତା ହେଁ, ଆଦ୍ ମୀ ଚୁତିୟା ହେଁ, କୁଛ୍ ଭି ଚାହତା ହେଁ' ଏକ ଟ୍ରେଣ୍ଡ ହୋଇଗଲା। ରାହଗିରଙ୍କ ସଙ୍ଗୀତ ଯାତ୍ରା ସେତେ ସହଜ ନ ଥିଲା। ରାଜସ୍ଥାନର ଏକ ଗାଁରେ ପିଲାଦିନ ବିତାଇବା ସହ ଇନ୍ଦିରା ସିନିୟର ସେକେଣ୍ଡାରି ସ୍କୁଲରୁ ପ୍ରାରମ୍ଭିକ ଶିକ୍ଷା ଲାଭ କରିଥିଲେ। ସେ ତାଙ୍କ ପରିବାରରେ ପ୍ରଥମ ବ୍ୟକ୍ତି ଥିଲେ, ଯିଏ କି ଇଞ୍ଜିନିୟର ହୋଇଥିଲେ। ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ ପ୍ରାୟ ଦେଢ ବର୍ଷ ଧରି ସେ ଉଚ୍ଚ ବେତନର ଚାକିରି କରିଥିଲେ। ମାତ୍ର ୨୦୧୬ରେ ସଙ୍ଗୀତ ପ୍ରତି ତାଙ୍କର ଅହେତୁକ ଆଗ୍ରହକୁ ଗୁରୁତ୍ୱ ଦେଇ ସେ ଚାକିରି ଛାଡ଼ିଥିଲେ। ବବ୍ ଡିଲାନ ଏବଂ ଜନି କ୍ୟାଶ୍‌ଙ୍କ ଭଳି କିମ୍ବଦନ୍ତୀ ସଙ୍ଗୀତଜ୍ଞଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ କବିତା ଲେଖିବା ଆରମ୍ଭ କରିଥିଲେ ଏବଂ ସେଗୁଡ଼ିକ ଗୀତରେ ପରିଣତ ହୋଇଥିଲା। 'ଅସ୍‌ଲି ଦୋପହର', 'ତନ୍ ଖା ଗୟି ୟେ ତନ୍‌ଖା' ଭଳି ଗୀତଗୁଡ଼ିକରେ ସାମାଜିକ ବାର୍ତ୍ତା ରହିଛି। ତାଙ୍କର ପ୍ରାୟତଃ କାବ୍ୟିକ ପଦ୍ୟରେ ସାମାଜିକ ସମସ୍ୟାଗୁଡ଼ିକର ସମାଧାନ ଭରି ରହିଥାଏ। ନଭେମ୍ବର ୨୪ରେ ଧରିତ୍ରୀ ଯୁବ ସମ୍ମିଳନୀରେ ରାହଗିର ଉପସ୍ଥିତ ସକଳଙ୍କ ନିକଟରେ ତାଙ୍କର ଶକ୍ତିଶାଳୀ ବାର୍ତ୍ତା ଏବଂ ଅର୍ଥପୂର୍ଣ୍ଣ ସଙ୍ଗୀତ ପରିବେଷଣ କରିବେ।

ରାଜ୍ୟ ଖବର

# ବିଜେଡି ପିଏସି ବୈଠକରେ ନୂଆପଡ଼ା ଫଳାଫଳର ତର୍ଜମା

ଭୁବନେଶ୍ୱର,୨୨।୧୧(ସୁନିତ୍ ମିଶ୍ର)

ବିଜେଡିର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଶନିବାର ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ସାଙ୍ଗଠନିକ ସ୍ଥିତି ଏବଂ ନୂଆପଡ଼ା ଉପନିର୍ବାଚନରେ ବିପର୍ଯ୍ୟୟ ବିଷୟରେ ବିଶେଷ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏଥିରେ ପିଏସିର ୮ ସଦସ୍ୟଙ୍କ ସହ ବରିଷ୍ଠ ଉପସଭାପତି ମୁଖ୍ୟାଳୟ ଦେବୀପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଦୀର୍ଘ ସମୟ ଧରି ଚାଲିଥିବା ଏହି ବୈଠକ ସରିବା ପରେ ନବୀନ ନିବାସରୁ ବାହାରକୁ ଆସି ବରିଷ୍ଠ ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ନବୀନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେଲା। ଏହି ଅବସରରେ ନୂଆପଡ଼ା ଉପନିର୍ବାଚନ ଫଳାଫଳ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା। ଯେପରି ଭାବେ ସରକାରୀ ଦଳ କଳ, ବଳ, କୌଶଳ ଏବଂ ବାହୁ ଓ ଅର୍ଥ ବଳ ଖର୍ଚ୍ଚ କରିବା ସହ ଇଭିଏମ୍ ବ୍ୟବହାରକରି ଭୋଟ ନେଇଛନ୍ତି ସେନେଇ ଆଲୋଚନା ହେଲା। ନୂଆପଡ଼ାର ୬୩ଟି ବୁଥ୍‌ରେ ଲୋକଙ୍କୁ ଭୋଟ ଦିଆ ନ କରାଇଦେଇ ରିଗିଂ କରିଛନ୍ତି ସେନେଇ ମଧ୍ୟ ଆଲୋଚନା ହେଲା। ସେହି ୬୩ଟି ବୁଥ୍‌ରେ ସେମାନେ ଇଭିଏମ୍ ଦ୍ୱାରା ହେଉ ବା ବୁଥ୍ କ୍ୟାପ୍‌ଚରକରି ବିଜେଡି ଭୋଟ ଜବରଦସ୍ତ ନେଇଛନ୍ତି। ଖୁବ୍‌ଶୀଘ୍ର ଏ ବିଷୟକୁ ଗଭୀରତାର ସହ ଆଲୋଚନାକରି ପଦକ୍ଷେପ ନିଆଯିବ। ପ୍ରତ୍ୟେକ ବୁଥ୍‌ରେ ତର୍ଜମା କରାଯିବ। ଉପନିର୍ବାଚନର ୨ ଦିନ ପୂର୍ବରୁ ବିଜେଡି ନିର୍ବାଚନ କମିଶନଙ୍କୁ ଭେଟି ଏ ବିଷୟରେ ମଧ୍ୟ ଅବଗତ କରାଇଥିଲା। ଆଗକୁ ସବୁ ତର୍ଜମାକରିବା ପରେ ଏନେଇ ନିର୍ବାଚନ କମିଶନଙ୍କ ନିକଟରେ ଦଳ ଫେରାଦ ହେବ ବୋଲି ପ୍ରମିଳା କହିଛନ୍ତି।

# ଅବୈଜ୍ଞାନିକ ପଦ୍ଧତିରେ ନିର୍ମିତ ବସ୍‌କୁ ଅଙ୍କୁଶ ନାହିଁ

## ୩ ବର୍ଷରେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ମୃତ

ଯାଜପୁର,୨୨।୧୧(ହର୍ଷବର୍ଦ୍ଧନ ବେହେରା)

ସମ୍ପ୍ରତି ସାରା ରାଜ୍ୟରେ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଉପଯୁକ୍ତ ନିରୀକ୍ଷଣ ବିଫଳତା ସଂକ୍ରାନ୍ତରେ ଏକ ଗୁରୁତର ଅଭିଯୋଗ ଆସିଛି। ଅଭିଯୋଗ ଅନୁସାରେ ଅନେକ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଏବଂ ମୋଟର ଯାନ ନିରୀକ୍ଷକ (ଏମ୍‌ଭିଆଇ)ଙ୍କ ପକ୍ଷରୁ ଅବୈଜ୍ଞାନିକ ଭାବେ ନିର୍ମାଣ ହେଉଥିବା ଘରୋଇ ବସ୍-ବଡିଗୁଡ଼ିକର ଫିଟ୍‌ନେସ ପ୍ରମାଣପତ୍ର ଯାଞ୍ଚ କରିବାରେ ବିଫଳ ହୋଇଛନ୍ତି। ଫଳରେ ଏଭଳି ବସ୍‌ଗୁଡିକରେ ଯାତାୟାତ କରୁଥିବା ଯାତ୍ରୀଙ୍କ ଜୀବନ ପ୍ରତି ଗୁରୁତର ବିପଦ ଆଶଙ୍କା ରହୁଛି। କେତେକାଂଶରେ ଯାତ୍ରୀମାନଙ୍କ ଜୀବନ ଯାଉଥିବା ନଜିର ରହିଛି। ତେବେ ଏହି ଅଭିଯୋଗ ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁସଚିବ ଏସ୍.କେ. ମହାରଥୀ ୧୮।୧୧।୨୦୨୫ରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ କଟକ ପରିବହନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଦେଶରେ ବର୍ଷକୁ ପ୍ରାୟ ୧.୭୦ ଲକ୍ଷ ଲୋକ ସଡ଼କ ଦୁର୍ଘଟଣା ଯୋଗୁ ପ୍ରାଣ ହରାଉଛନ୍ତି। ସେଥିମଧ୍ୟରୁ ଗତ ୩ ବର୍ଷ ମଧ୍ୟରେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ଜଣଙ୍କ ମୃତ୍ୟୁ ଘଟିଛି। ଏହା ଦେଶର ସଡ଼କ ଦୁର୍ଘଟଣା ମୃତ୍ୟୁରେ ସର୍ବାଧିକ। କେବଳ ୨୦୨୪ରେ ଓଡ଼ିଶାରେ ୧୨,୩୭୫ ଦୁର୍ଘଟଣାରେ ୬,୧୪୨ ଜଣଙ୍କ ମୃତ୍ୟୁ ଘଟିଛି। ଏହି କ୍ରମରେ ଓଡ଼ିଶାରେ ଗୋଟିଏ ଦିନରେ ପ୍ରାୟ ୧୬ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତଥ୍ୟରୁ ଜଣାପଡିଛି। ତେବେ ଏହାକୁ ହ୍ରାସ କରିବା ଲକ୍ଷ୍ୟରେ ଚଳିତ ମାସ ୧୬ ରୁ ୩୧ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ପକ୍ଷ ପାଳନ କରାଯାଉଛି। ତେବେ ପ୍ରତିବର୍ଷ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିଲେ ହେଁ ରାଜ୍ୟରେ କାହିଁକି ତାହା ସଫଳ ହୋଇ ପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି କ୍ରମରେ ଆର୍‌ଟିଆଇ ପରାମର୍ଶଦାତା ତଥା ସାମାଜିକ କର୍ମୀ ଗାଞ୍ଜି ଶ୍ରୀନିବାସ ରାଓ ବେଆଇନ ଓ ଅବୈଜ୍ଞାନିକ ପଦ୍ଧତିରେ ବସ୍ ନିର୍ମାଣ ହେଉଥିବା ନେଇ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସମେତ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଆହୁରି ଦର୍ଶାଇଛନ୍ତି ଯେ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଓଡ଼ିଶା ମଧ୍ୟରେ ଚାଲୁଥିବା ଅଧିକାଂଶ ଘରୋଇ ବସ୍ ଅନଧିକୃତ କାରଖାନାରେ ନିର୍ମାଣ ହେଉଛି, ଯାହା ଅଟୋମୋଟିଭ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ(ଏଆଇଏସ୍) ଏବଂ ସେଣ୍ଟ୍ରାଲ ମୋଟର ଭେହିକିଲ ରୁଲ୍ସ(ସିଏମ୍‌ଭିଆର)କୁ ଉଲ୍ଲଂଘନ କରୁଛି। ଏହି ବସ୍‌ଗୁଡ଼ିକ ଯାତ୍ରୀ ପରିବହନ ପାଇଁ ଅନୁପଯୁକ୍ତ। ଏଥିରେ ପ୍ରତିଷେଧକ ସୁରକ୍ଷା ପଦକ୍ଷେପର ଅଭାବ ରହିଛି। ବସ୍‌ଗୁଡ଼ିକର ଭିତର ପାର୍ଶ୍ୱରେ ଅଗ୍ନି-ପ୍ରତିରୋଧକ, ଉପଯୁକ୍ତ ଇନ୍ଧନ ପୃଥକୀକରଣ, ଜରୁରିକାଳୀନ ପ୍ରସ୍ଥାନ ଏବଂ ଅଗ୍ନି ନିର୍ବାପନ ବ୍ୟବସ୍ଥା ଉପଯୁକ୍ତ ଭାବେ ହୋଇପାରୁନାହିଁ। ଏହା ସିଏମ୍‌ଭିଆର ନିୟମର ସୁରକ୍ଷା ଆବଶ୍ୟକତାକୁ ଉଲ୍ଲଂଘନ କରୁଛି ଏବଂ ଜୀବନକୁ ବିପଦରେ ପକାଉଛି। ଏଭଳି ଗୁରୁତର ଅନିୟମିତତା ଉପରେ ଆର୍‌ଟିଓ ଏବଂ ଏମ୍‌ଭିଆଇ ଅଧିକାରୀମାନେ ଉପଯୁକ୍ତ ଯାଞ୍ଚ କରିପାରୁ ନ ଥିବାରୁ ସେମାନଙ୍କ ନିଷ୍କ୍ରିୟତା ଓ କର୍ତ୍ତବ୍ୟରେ ଘୋର ଅବହେଳାକୁ ଦର୍ଶାଉଛି। ତେଣୁ ଏଭଳି ଅସୁରକ୍ଷିତ କିମ୍ବା ଅବୈଜ୍ଞାନିକ ବସଗୁଡିକରେ ଭବିଷ୍ୟତରେ ଘଟୁଥିବା ପ୍ରତ୍ୟେକ ଦୁର୍ଘଟଣାକୁ ପ୍ରଶାସନିକ ହତ୍ୟା ଭାବରେ ବିଚାର କରାଯିବା ଉଚିତ। ଏହି କ୍ରମରେ ବୈଷୟିକ ସୁରକ୍ଷା ଯାଞ୍ଚ ସମାପ୍ତ ନହେବା ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ଓଡ଼ିଶାରେ ଏଭଳି ସମସ୍ତ ଅବୈଧ ବସ୍-ବଡି ଚଳାଚଳକୁ ତୁରନ୍ତ ବନ୍ଦ କରିବାକୁ ଅଭିଯୋଗକାରୀ ଦାବି କରିଛନ୍ତି। ଏହାବାଦ୍ ପରିବହନ, ଅଗ୍ନିଶମ, ପୋଲିସ ଏବଂ ଅଟୋମୋଟିଭ ବିଶେଷଜ୍ଞଙ୍କୁ ନେଇ ଏକ ମିଳିତ ଯାଞ୍ଚ କମିଟି ଗଠନ କରି ଅବୈଜ୍ଞାନିକ ବସ୍ ବଡି ନିର୍ମାଣକାରୀ ସଂସ୍ଥା ଏବଂ ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

ଅନ୍ୟପକ୍ଷେ ବସ୍‌ଗୁଡିକରେ ସୁରକ୍ଷା ମାନଦଣ୍ଡ ଲାଗୁ କରିବାରେ ବିଫଳ ହୋଇଥିବା ଆର୍‌ଟିଓ ଓ ଏମ୍‌ଭିଆଇମାନଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦିଆଯାଇଛି।

# ୩୭ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୨୨।୧୧
(ଗୌରିଶଙ୍କର ପଣ୍ଡା/ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗାନାରେ ୩୭ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ପୋଲିସ ପାଇଁ ଏହା ବଡ ସଫଳତା ହୋଇଥିବା ମାଓ ସଂଗଠନକୁ ଶକ୍ତ ଧକ୍କା ଲାଗିଛି। ସେମାନଙ୍କ ମଧ୍ୟରେ ଛତିଶଗଡ଼ ମାଓ ସଂଗଠନର ୨ ଟପ୍ ମାଓବାଦୀ ନେତା ତଥା ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ କୋୟାଡା ସାମ୍ବାଇ ଓରଫ୍ ଆଜାଦ୍ ଓ ଆପ୍ପାସି ନାରାୟଣ ଓରଫ ରମେଶ ରହିଛନ୍ତି। ତେଲଙ୍ଗାନା ଡିଜିପିଙ୍କ ନିକଟରେ ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଦୀର୍ଘ ବର୍ଷ ଧରି ଏହି ମାଓବାଦୀମାନେ ସଂଗଠନରେ ରହି ଅନେକ ବଡ଼ ଘଟଣାରେ ସାମିଲ ରହିଥିଲେ। କିନ୍ତୁ ବର୍ତ୍ତମାନ ସଂଗଠନ ଦୁର୍ବଳ ହେବାରୁ ଏହି ମାଓବାଦୀମାନେ ସଂଗଠନ ଛାଡ଼ି ସରକାରଙ୍କ ଥଇଥାନ ଅଭିଯାନରେ ସାମିଲ ହୋଇଥିବା କହିଛନ୍ତି। ଉକ୍ତ ମାଓବାଦୀଙ୍କ ମଧ୍ୟରେ ୩ଜଣ ଷ୍ଟେଟ କମିଟି ସଦସ୍ୟ, ୩ ଡିଭିସିଏମ୍ ମେମ୍ବର, ୯ ଏରିଆ କମିଟି ମେମ୍ବର ଓ ୨୨ଜଣ ପାର୍ଟି ମେମ୍ବର ରହିଛନ୍ତି। ୨ଜଣ ଆନ୍ଧ୍ର କ୍ୟାଡରଙ୍କ ବ୍ୟତୀତ ଅନ୍ୟମାନେ ଛତିଶଗଡ଼ ବିଜାପୁର ଓ ସୁକ୍‌ମା ଜିଲାର। ଆତ୍ମସମର୍ପଣକାରୀମାନେ ଟପ୍ ମାଓନେତା ହିଡମାଙ୍କ ସହଯୋଗୀ ଥିଲେ ବୋଲି ତେଲଙ୍ଗାନା ଡିଜିପି କହିଛନ୍ତି। ହିଡମାଙ୍କ ଏନ୍‌କାଉଣ୍ଟର ପରେ ଭୟଭୀତ ହୋଇ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ସଦସ୍ୟ ଆଜାଦ୍ ସୂଚନା ଦେଇଛନ୍ତି। ମାଓବାଦୀମାନେ ୮ ବନ୍ଧୁକ ଓ ଅନ୍ୟ ମାଓବାଦୀ ସାମଗ୍ରୀ ସହ ଆତ୍ମସମର୍ପଣ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ସମସ୍ତଙ୍କୁ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# କନ୍ଧମାଳରୁ ଆରମ୍ଭ ହେବ ବଡ଼ ମାଓବାଦୀ ଅପରେଶନ

ଫୁଲବାଣୀ/ରାଇକିଆ/ ଭୁବନେଶ୍ୱର, ୨୨।୧୧ (ରାକେଶ କୁମାର ରାଉତ/ ପ୍ରଦୀପ ବେହେରା/ ତ୍ରିନାଥ ମହାନ୍ତି)

କନ୍ଧମାଳରୁ ଆରମ୍ଭ ହେବ ମାଓବାଦୀ ଅପରେଶନ। ବିଶେଷ କରି କନ୍ଧମାଳ ଜିଲା ବାଲିଗୁଡ଼ା ସବ୍‌ଡିଭିଜନ୍ ଉପରେ ପୋଲିସର ଫୋକସ୍ ରହିଛି। ଏଠାରେ ଏକାଧିକ ମାଓବାଦୀ ସକ୍ରିୟ ଥିବା ନେଇ ଖବର ମିଳିଥିବାରୁ ଏହି ଅଞ୍ଚଳ ଉପରେ ପୋଲିସର ନଜର ରହିଛି। ପ୍ରଥମେ ମାଓବାଦୀ ଅପରେଶନ୍‌କୁ ସେଠାରେ ଜୋର୍‌ଦାର କରାଯିବ। କନ୍ଧମାଳରେ ମାଓବାଦୀ ବିରୋଧୀ ଅପରେଶନର ସମୀକ୍ଷା ବେଳେ ଏଭଳି କହିଛନ୍ତି ପୋଲିସ ଡିଜି ୱାଇ. ବି. ଖୁରାନିଆ। ସେ ଆହୁରି କହିଛନ୍ତି, ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ମୂଳପୋଛ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଉକ୍ତ ସମୟ ମଧ୍ୟରେ ରାଜ୍ୟକୁ ମାଓବାଦୀମୁକ୍ତ କରିବାକୁ ଟାର୍ଗେଟ କରାଯାଇଛି। ମାଓବାଦୀଙ୍କୁ ସରେଣ୍ଡର ପାଇଁ ସ୍ୱତନ୍ତ୍ର ପଲିସି ରହିଛି। ଯେଉଁମାନେ ସରେଣ୍ଡର କରିବେ ପଲିସି ଅନୁସାରେ ସୁବିଧା ପାଇବେ। ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଲେ ପୋଲିସ ସେମାନଙ୍କୁ ସବୁ ସୁବିଧା ଦେବେ। ଓଡ଼ିଶାରେ ୮୦ରୁ ୮୫ ମାଓବାଦୀ ଅଛନ୍ତି। ସେମାନଙ୍କ ମଧ୍ୟରେ ୫ ଓଡ଼ିଆ, ବାକି ସବୁ ଅଣ ଓଡ଼ିଆ। ତେଣୁ ପୋଲିସ ଅପରେଶନ୍ କରିବା ଆଗରୁ ସେମାନେ ଆତ୍ମସମର୍ପଣ କରନ୍ତୁ ବୋଲି ଡିଜିପି କହିଛନ୍ତି। ଦୁଇଦିନିଆ ଗସ୍ତରେ ଡିଜିପି ଶୁକ୍ରବାର ବୌଦ୍ଧ ଜିଲା ଏବଂ ଶନିବାର ଫୁଲବାଣୀରେ ପହଞ୍ଚି ମାଓବାଦୀ ଅପରେଶନର ସମୀକ୍ଷା କରିଛନ୍ତି। ଡିଜିପିଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ମାଓବାଦୀ ଅପରେଶନ ନେଇ ଏସ୍‌ପି ମୁଖ୍ୟାଳୟରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଆଣ୍ଟି ନକ୍ସଲ ଅପରେଶନ୍ ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି ଅଖିଳେଶ୍ୱର ସିଂ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଭାଗ ନେଇଥିଲେ। କନ୍ଧମାଳ ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାର ମାଓବାଦୀ ମୁକାବିଲା, ଗଞ୍ଜେଇ ଚାଷ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା। କନ୍ଧମାଳରେ ମାଓବାଦୀ ଅପରେଶନ ପାଇଁ ଡିଜିପି ସମସ୍ତ ସୁରକ୍ଷା ବାହିନୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। କିଭଳି ଏବଂ କେଉଁ ସ୍ଥାନରୁ ଅପରେଶନ ପ୍ରଥମେ ଆରମ୍ଭ କରାଯିବ, ସେନେଇ ସବୁ କିଛି ଡିଜିପି ଆଲୋଚନାରେ କହିଛନ୍ତି। ବିଶେଷ କରି ଏହି ଅପରେଶନ୍‌ରେ ପୋଲିସ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଆପଣାଇବାକୁ କୁହାଯାଇଛି। ଡ୍ରୋନ୍, ସନ୍ଧାନୀ କୁକୁର, ବିସ୍ଫୋରକ ଠାବକାରୀ ଯନ୍ତ୍ର ଏବଂ ସାଟଲାଇଟ୍ ଫଟୋ ଅଣାଯିବ। ତେଣୁ ପୋଲିସର ଏହି ବଡ଼ ଅପରେଶନ ଯୋଗୁ ମାଓବାଦୀ ଖସିଯିବା ସହଜ ହେବ ନାହିଁ। ଗତ କିଛି ଦିନ ହେଲା ରାଇକିଆରେ ମାଓବାଦୀ ତଲାସୀକୁ ଜୋରଦାର କରାଯାଉଛି। କନ୍ଧମାଳରେ ମାଓବାଦୀ ସେଣ୍ଟ୍ରାଲ କମିଟି ମେମ୍ବର ତଥା ତେଲଙ୍ଗାନାର ମୋଷ୍ଟ ୱାଣ୍ଟେଡ ଗଣେଶ ଆତ୍ମଗୋପନ କରିଛି। ନାଲଗୋଣ୍ଡା ଜିଲାର ଗଣେଶ ନାଁରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ତେଣୁ କନ୍ଧମାଳରେ ବଡ଼ ଧରଣର ଅପରେଶନ ପାଇଁ ଡିଜିପି ଆହ୍ୱାନ ଦେଇଛନ୍ତି। ଡିଜିପି ରାଇକିଆ ଥାନା ପେନାମାଲାରେ ନିର୍ମାଣାଧୀନ ଥିବା ୧୧୮ ନମ୍ବର ବିଏସ୍‌ଏଫ୍ କ୍ୟାମ୍ପକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ନିୟୋଜିତ ଯବାନଙ୍କ ସହ ବରିଷ୍ଠ ପୋଲିସ ବିଭାଗର ଅଧିକାରୀଙ୍କ ସହ ବିଭିନ୍ନ କାର୍ଯ୍ୟର ଆଲୋଚନା କରିଥିଲେ। ଏନେଇ ଆଣ୍ଟି ମାଓବାଦୀ ଅପରେଶନ୍ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ବର୍ତ୍ତମାନ ମାଓବାଦୀ ଅପରେଶନ୍ ଜାରି ରହିଛି। ଏବେ ଡିଜିପିଙ୍କ ନିର୍ଦ୍ଦେଶ ପରେ ଏହାକୁ ଜୋରଦାର କରାଯିବ। ଆକାଶ ମାର୍ଗରୁ ଡ୍ରୋନ୍ ଉଡ଼ାଯାଇ ମାଓବାଦୀଙ୍କ ଗତିବିଧି ଠାବ କରାଯାଉଛି। ଯଦି କିଛି ଖବର ମିଳୁଛି ତୁରନ୍ତ ସେଠାରେ ସୁରକ୍ଷାବାହିନୀ ବଡ଼ ଆକ୍ସନ ନେଉଛନ୍ତି।

ସେହିପରି କନ୍ଧମାଳ ଜିଲା ଏସ୍‌ପି ହରିଶ ବିସି କହିଛନ୍ତି, ଡିଜିପିଙ୍କ ନିର୍ଦ୍ଦେଶ ପରେ ପୁରା ଜିଲାରୁ ମାଓବାଦୀଙ୍କୁ ମୂଳୋତ୍ପାଟନ କରାଯିବ। ବିଶେଷ କରି ବାଲିଗୁଡ଼ା ପାଇଁ ଆମର ଭିନ୍ନ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଅପରେଶନ୍ କରାଯିବ ବୋଲି ଏସ୍‌ପି କହିଛନ୍ତି।



କନ୍ଧମାଳ ଗସ୍ତରେ ଆସିଥିବା ପୋଲିସ ଡିଜି ୱାଇ. ବି ଖୁରାନିଆ।

### ପୋଲିସ ଫୋକସରେ ବାଲିଗୁଡ଼ା ସବ୍‌ଡିଭିଜନ

- ଡ୍ରୋନ୍ ମାଧ୍ୟମରେ ଆକାଶ ମାର୍ଗରୁ ନଜର ରଖାଯିବ
- ମାର୍ଚ୍ଚ ସୁଦ୍ଧା ଜିଲା ହେବ ମାଓବାଦୀ ମୁକ୍ତ
- ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଡିଜିପିଙ୍କ ଆହ୍ୱାନ

ଆକର୍ଷିତ କରୁଛି ପଞ୍ଚଲିଙ୍ଗେଶ୍ୱର, କୁଲଡିହା

# ଯେଉଁଠି କଥା କହେ ପ୍ରକୃତି

ନୀଳଗିରି, ୨୨।୧୧(ପ୍ରଶାନ୍ତ ବିଶ୍ୱାଳ)



ପଞ୍ଚଲିଙ୍ଗେଶ୍ୱରରେ ପର୍ଯ୍ୟଟକଙ୍କ ଭିଡ଼।

ଆରମ୍ଭ ହେଲାଣି ପର୍ଯ୍ୟଟନ ଋତୁ। ଶୀତର ଆଗମନ ସାଙ୍ଗକୁ ପାଗ ଅନୁକୂଳ ଥିବାରୁ ଶନିବାର ଓ ରବିବାର ଭଳି ଛୁଟି ଦିନରେ ଉତ୍ତରଓଡ଼ିଶାର ମନ୍ଦିରମାଳିନୀ ସହର ଭାବେ ପରିଚିତ ନୀଳଗିରିରେ ଶହ ଶହ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଏହି ଗହଳଚହଳରେ ଚଳଞ୍ଚଳ ହୋଇଉଠିଛି ସୌନ୍ଦର୍ଯ୍ୟର ଗନ୍ତାଘର ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଓ ସବୁଜ ବନାନୀ କୁଲଡିହା ଅଭୟାରଣ୍ୟ। ପର୍ଯ୍ୟଟନ ମାନଚିତ୍ରରେ ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ଏହି ଦୁଇ ସ୍ଥାନକୁ ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକ ନିଜ ପରିବାର ସହ ଆଉ କିଏ ସାଙ୍ଗସାଥୀ ସହିତ ନୀଳଗିରି ନିକଟ ଦେବଗିରି ପର୍ବତମାଳାର ଏକ ଚିରସ୍ରୋତା ଝରଣାର ପଥରଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ୫ଟି ଲିଙ୍ଗଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ପାଦଦେଶରେ ପିକନିକ୍ ପାଇଁ ଆସୁଛନ୍ତି। ବଣଭୋଜିରେ ସ୍ୱାଦିଷ୍ଟ ବ୍ୟଞ୍ଜନ ସହିତ ନାଚ, ଗୀତ ମଜା ବି ଉଠାଉଛନ୍ତି ପର୍ଯ୍ୟଟକ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଯେତିକି ଆକୃଷ୍ଟ କରିଥାଏ, ଏଠାରେ ବଣଭୋଜି କରିବାର ମଜା ମଧ୍ୟ ନିଆରା। ଅନ୍ୟ ଦିନ ତୁଳନାରେ ଶୀତ ଋତୁରେ ଅଧିକ ସଂଖ୍ୟକ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ଏଠାରେ ପ୍ରକୃତି କଥା କହେ ବୋଲି ଅତି ନିକଟରୁ ଅନୁଭବ କରୁଥିବା ପର୍ଯ୍ୟଟକମାନେ ଅନୁଭୂତିରେ ବର୍ଣ୍ଣିଥାନ୍ତି। ଏଠାରେ ରାତ୍ରିଯାପନ ପାଇଁ ପର୍ଯ୍ୟଟନ ବିଭାଗ ପାନ୍ଥନିବାସ, ଏକାଧିକ ଘରୋଇ ନିବାସୀ ସୁବିଧା ଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ବାଲେଶ୍ୱର ଷ୍ଟେଶନ ଓ ବସଷ୍ଟାଣ୍ଡରୁ ଆସିବା ରାସ୍ତାରେ କ୍ଷୀରଚୋରା ଗୋପୀନାଥ ମନ୍ଦିର, ଇମାମୀ ଜଗନ୍ନାଥ ମନ୍ଦିର, ନୀଳଗିରିର ଜଗନ୍ନାଥ ମନ୍ଦିର ସହିତ ନୀଳଗିରିର ଐତିହାସିକ ରାଜବାଟି ଓ ନୀଳଗିରିରୁ ମାତ୍ର ୪ କି.ମି. ଦୂର ସଜନାଗଡ଼ ଠାରେ ଶହ ଶହ ବର୍ଷ ପୂର୍ବେ ପ୍ରତିଷ୍ଠିତ ମା' ଭୁଧାରଚଣ୍ଡୀଙ୍କ ପୀଠ ସମେତ ଏକାଧିକ ପର୍ଯ୍ୟଟନସ୍ଥଳୀ ବୁଲିଥାନ୍ତି। ଏହା ସହ ନୀଳଗିରିଠାରୁ ୧୨ କି.ମି. ଦୂରରେ ଥିବା କୁଲଡିହା ଅଭୟାରଣ୍ୟକୁ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକ ଅଭୟାରଣ୍ୟର ଗୋହିରାଭୋଲାଠାରେ 'ରଙ୍ଗିଆ ପ୍ରକୃତି ନିବାସ'ରେ ରାତ୍ରିରହଣୀ ବି କରୁଛନ୍ତି। ଏଠାରେ ବଣପାହାଡ଼ ଘେରା କୁଲଡିହା ଅଭୟାରଣ୍ୟର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଅଭୟାରଣ୍ୟ ଭିତରେ ହାତୀ, ଠେକୁଆ, ସମ୍ବର, ହରିଣ, ବନ୍ୟକୁକୁଡ଼ା ମୟୂର ଆଦି ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଦେଶୀ ଏବଂ ବିଦେଶୀ ପକ୍ଷୀ ଦେଖିବାର ସୁଯୋଗ ନେଉଥାନ୍ତି। 'ରଙ୍ଗିଆ ପ୍ରକୃତି ନିବାସ'ରେ ରାତ୍ର ରହଣି କରିବା ସହ ଗଡ଼ସିମୁଳିଆ ଓ ମେଛକୁଣ୍ଡ ଜଳପ୍ରପାତ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ। ପର୍ଯ୍ୟଟକମାନେ ବୁଲିବା ସମୟରେ କୃତ୍ରିମ ସଲ୍ଟଲିଟ୍, ୱାଚ୍ ଟାୱାର ଅତି ନିକଟରୁ ପଶୁପକ୍ଷୀଙ୍କୁ ଦେଖିବାର ମଜା ନେଉଥାନ୍ତି। କୁଲଡିହା ଅଭୟାରଣ୍ୟ ଭିତରେ ବଣଭୋଜି ଅନୁମତି ନ ଥିବାରୁ କେହି କେହି ରିଷିଆ ଡ୍ୟାମ୍ ନିକଟରେ ବଣଭୋଜିର ମଜା ନେଇ ଫେରିଥାନ୍ତି।

# ବାଲେଶ୍ୱର ବଜାରରେ 'ୟାମାହା'ର ଏକ୍ସଏସ୍ଆର୍ ୧୫୫ ସିସି ବାଇକ୍


ଜଣେ କ୍ରେତାଙ୍କୁ ଚାବି ପ୍ରଦାନ କରାଯାଉଛି।

ବାଲେଶ୍ୱର, ୨୨।୧୧(ବାଞ୍ଛାନିଧି ଦେ)

ଦେଶର ଅଗ୍ରଣୀ ଟୁ ହ୍ୱିଲର 'ୟାମାହା' କମ୍ପାନୀ ପ୍ରସ୍ତୁତ ନୂତନ ଏକ୍ସଏସ୍ଆର୍ ୧୫୫ ସିସି ବାଇକ୍ ବାଲେଶ୍ୱର ବଜାରରେ ପ୍ରବେଶ କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଧିକୃତ ବିକ୍ରେତା 'ସାଇ ଅନନ୍ତ ଅଟୋମୋବାଇଲସ୍' ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ନୂତନ ବାଇକ୍‌ର ବଜାର ପ୍ରବେଶ ଉତ୍ସବ ୟାମାହା ଶୋରୁମ୍‌ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗ ଦେଇ ନୂତନ ବାଇକ୍‌କୁ ଅନାବରଣ କରିବା ସହ ଏହା ଗ୍ରାହକଙ୍କ ମଧ୍ୟରେ ବେଶ୍ ଆଦୃତ ଲାଭ କରିବ ବୋଲି ଆଶା ପ୍ରକାଶ କରିଥିଲେ।

'ସାଇ ଅନନ୍ତ ଅଟୋମୋବାଇଲସ୍'ର ପରିଚାଳନା ନିର୍ଦ୍ଦେଶକ ଡ. ଲକ୍ଷ୍ମୀନାରାୟଣ ମହାନ୍ତି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ୟାମାହା କମ୍ପାନୀର ବାଇକ୍ ସମସ୍ତଙ୍କ ପସନ୍ଦଯୋଗ୍ୟ ହୋଇଥିବା ବେଳେ ଏହି ନୂତନ ବାଇକ୍ ଗ୍ରାହକଙ୍କ ମଧ୍ୟରେ ଚହଳ ସୃଷ୍ଟି କରିବ। ବିଶେଷ କରି ୧୫୫ ସିସି ପାୱାରର ଏହି ବାଇକ୍‌ରେ ଡୁଆଲ୍ ଚାନେଲ୍ ଡିସ୍ ବ୍ରେକ୍ ସହ ଏବିଏସ୍, ରେଡ଼ିଏଟର କୁଲିଂ, ଏଥିଲ କୁଲଡ୍ ଇଞ୍ଜିନ୍, ମନୋ ସୋକଅବଜର୍ ଆଦି ସୁବିଧା ରହିଛି ଯାହା ଚାଳକଙ୍କ ପାଇଁ ଅଧିକ ସୁବିଧା ଓ ସହଜ କରିବ। ଶୋ' ରୁମ୍ ପ୍ରାଇସ୍ ୧ଲକ୍ଷ ୫୧ହଜାର ୮୬୦ ଟଙ୍କା ରହିଛି ବୋଲି ଡ. ମହାନ୍ତି କହିଥିଲେ। ନିର୍ଦ୍ଦେଶକ ବିଦ୍ୟୁତଜ୍ୟୋତି ମହାନ୍ତି, ଜ୍ୟୋତିରାଦିତ୍ୟ ମହାନ୍ତି ନୂତନ ବାଇକ୍‌ର ଫିଚର୍ ସମ୍ପର୍କରେ ଅଧିକ ସୂଚନା ଦେଇଥିଲେ। ଆଇନଜୀବୀ ହରେକୃଷ୍ଣ ଦାଶ, ଭାବଗ୍ରାହୀ ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କିଶୋର ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନୂଆ ଗାଡ଼ି କିଣିଥିବା ପ୍ରଥମ ୪ଜଣଙ୍କୁ ଚାବି ହସ୍ତାନ୍ତର କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶୋ'ରୁମ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଆଉଟସୋର୍ସିଂ କର୍ମଚାରୀଙ୍କ 'ପୋଷ୍ଟକାର୍ଡ' ଅଭିଯାନ ଶୁଭାରମ୍ଭ


ପୋଷ୍ଟ କାର୍ଡ ଅଭିଯାନରେ ସାମିଲ ଆଉଟସୋର୍ସିଂ କର୍ମଚାରୀ।

ବାଲେଶ୍ୱର,୨୨।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପରେ ଶନିବାର ଆଉଟସୋର୍ସିଂ କର୍ମଚାରୀଙ୍କ ତରଫରୁ ପୋଷ୍ଟକାର୍ଡ ଅଭିଯାନ ହୋଇଥିଲା। ସ୍ୱଳ୍ପ ବେତନ, ଅନିଶ୍ଚିତତା ଭବିଷ୍ୟତ ମଧ୍ୟରେ ଗତି କରୁଥିଲେ ମଧ୍ୟ ଆଉଟସୋର୍ସିଂ କର୍ମଚାରୀଙ୍କ ବିଷୟରେ ସରକାର ବିଚାର କରିନାହାନ୍ତି। ଛଟେଇ ବନ୍ଦ ସହ ସ୍ଥାୟୀ ଚାକିରି ନିମନ୍ତେ ଭାରତର ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ହଜାର ହଜାର ଆଉଟସୋର୍ସିଂ କର୍ମଚାରୀ ନିବେଦନ କରିଛନ୍ତି।

ବହୁବାର ଶାନ୍ତିପୂର୍ଣ୍ଣ ଧର୍ମଘଟ ପରେ ମଧ୍ୟ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ନ୍ୟାୟ ନ ଦେଇ କୌଣସି କାରଣ ନ ଥାଇ ନିଷ୍ଠୁର ଭାବେ ଛଟେଇ କରୁଛନ୍ତି। ଯଦି ସରକାର ଚଳିତ ମାସ ଶେଷ ସୁଦ୍ଧା ଆଲୋଚନା ନ କରନ୍ତି ତେବେ ଆସନ୍ତା ମାସରେ ବାଧ୍ୟହୋଇ ଆନ୍ଦୋଳନକୁ ଯିବେ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ମାନସ ଦାସ କହିଛନ୍ତି। ମହାସଂଘର ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ସାସମଲ ଯୋଗ ଦେଇ ପୋଷ୍ଟକାର୍ଡ ଅଭିଯାନ ମାଧ୍ୟମରେ ଆମେ ଶୀର୍ଷକ ବିଚାରକ ମଣ୍ଡଳୀଙ୍କୁ ଅବଗତ କରିଛୁ। ଆଗାମୀ ଦିନରେ ରାଜ୍ୟ ସରକାର ଆଉଟସୋର୍ସିଂ କର୍ମଚାରୀଙ୍କ ବିଷୟରେ ବିଚାର ନ କଲେ ଜିଲାରୁ ହଜାର ହଜାର କର୍ମଚାରୀ ନିଜ ପରିବାର ସହ ଆନ୍ଦୋଳନରେ ବସିବୁ ବୋଲି ଜିଲା ସଭାପତି ମନୋଜ ରାଉତ କହିଛନ୍ତି। ଏହି ସମ୍ମିଳନୀରେ ଜିଲାର ବିଭିନ୍ନ ସରକାରୀ ଦପ୍ତରର ଆଉଟସୋର୍ସିଂ କର୍ମଚାରୀ ଯୋଗଦାନ କରିଥିଲେ। ଜିଲା ଗଣମାଧ୍ୟମ ସଂଯୋଜକ ସତ୍ୟଗୋପାଳ ଓଝା ଏବଂ ସତ୍ୟଜିତ ଦତ୍ତ ଧନ୍ୟବାଦ ଦେଇଥିଲେ।

# ବିକାଶର ଅନ୍ୟ ନାମ ମହୋତ୍ସବ

ବାଲେଶ୍ୱର, ୨୨।୧୧(ବାଞ୍ଛାନିଧି ଦେ)

## 'ବାଲେଶ୍ୱର ଲୋକ ମହୋତ୍ସବ'ର ତୃତୀୟ ସନ୍ଧ୍ୟା


ଉତ୍ସବକୁ ବିଧାୟିକା ସୁବାସିନୀ ଜେନା ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ ଲୋକ ମହୋତ୍ସବ-୨୦୨୫ର ତୃତୀୟ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ଉପସଭାପତି ସୌଭାଗ୍ୟ ମାନସ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବକ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ବିକାଶର ଅନ୍ୟ ନାମ ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଖବରଦାତା କମଳାକାନ୍ତ ପତି ଓ ଅମୀୟ ମହାନ୍ତି ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଉପଦେଷ୍ଟା ଗୌରାଙ୍ଗ ଦାସ, ଚେୟାରମ୍ୟାନ ବିଶ୍ୱଜିତ ପରମାଣିକ, ଉପାଧ୍ୟକ୍ଷ ଶ୍ରୀମନ୍ତ ମାଝୀ, ଉପସଭାପତି ସିମନ ଦାସ ମହାପାତ୍ର, ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ସୌମ୍ୟ ପାଣିଗ୍ରାହୀଙ୍କ ସହ କାର୍ଯ୍ୟକାରୀ ସଦସ୍ୟ ଯୋଗେଶ୍ୱର ଭଞ୍ଜ, ଜଗନ୍ନାଥ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ସହ-ସମ୍ପାଦକ ହ୍ରିତିକ ନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ ସମ୍ପାଦକ ସତ୍ୟପ୍ରକାଶ ପତି ଧନ୍ୟବାଦ ଦେଇଥିଲେ। ଶେଷରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବିଙ୍କ ସଙ୍ଗୀତକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ବାଲିଆପାଳ, ୨୨।୧୧(ଗୋପାଳ ଚନ୍ଦ୍ର ସାହୁ)



ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବଡ଼ାଶ ଗ୍ରାମର ବଟେଶ୍ୱର ମହାଦେବ ମନ୍ଦିର ପଡ଼ିଆରେ ଶୁକ୍ରବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ଘଟୋତ୍ତଳନ କରାଯାଇ ଯଜ୍ଞବେଦୀରେ ସ୍ଥାନ କରାଯାଇ ଅଧିବାସ ପୂର୍ବକ ସୂର୍ଯ୍ୟନାରାୟଣଙ୍କ ପୂଜାର୍ଚ୍ଚନ ସହିତ ଯଜ୍ଞକୁଣ୍ଡ ସ୍ଥାନ କରଯାଇଥିଲା।

ଶନିବାର ପଣ୍ଡିତମାନଙ୍କ ଦ୍ୱାରା ବ୍ରହ୍ମ ମୂହୁର୍ତ୍ତଠାରୁ ବେଦପାଠ ଓ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଯଜ୍ଞ ରବିବାର ପୂର୍ଣ୍ଣାହୂତି ପ୍ରଦାନ ପରେ ସମାପନ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ଦ୍ୱାର ଶୁକ୍ରବାର ଓ ଶନିବାର ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତି ସନ୍ଧ୍ୟାରେ ହଜାର ହଜାର ଲୋକ ଉପସ୍ଥିତ ଥିଲେ। କମିଟି ସମ୍ପାଦକ ଦୀପକ କୁମାର ଗିରି, ଗୌରୀଶଙ୍କର ପାତ୍ର, ସୁଜିତ କୁମାର ଗିରି, ଗୋପାଳ ଚନ୍ଦ୍ର ପାତ୍ର, ଓମ୍ ପ୍ରକାଶ ସାହୁ, ରଶ୍ମିରଞ୍ଜନ ସେଠୀ, ଚନ୍ଦନ କୁମାର ଗିରି, ମହେଶ ମଣ୍ଡଳ, ତରୁଣକାନ୍ତି ସାହୁ, ଅନନ୍ତ ଦତ୍ତ, ନରହରି କାମିଲା, ଶଶିକାନ୍ତ ଗିରିଙ୍କ ସହିତ ଉପଦେଷ୍ଟା ପ୍ରଫୁଲ୍ଲ ସି, ମନ୍ମଥ ପାତ୍ର, ସରୋଜ କର, ଗୌରହରି ଦେ, ଜୟନ୍ତ ଜେନା, ଧୀରେନ୍ଦ୍ର ଜେନା ଓ ଭୀମଚରଣ ବେହେରାଙ୍କ ସହିତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ପରିଚାଳିତ ହେଉଛି ବୋଲି କମିଟି ସଭାପତି ଅଭିଜିତ ଦାସ କହିଛନ୍ତି।

# କଂଗ୍ରେସର ସାଙ୍ଗଠନିକ ବୈଠକ

ଭୋଗରାଇ, ୨୨।୧୧(ପ୍ରଦୀପ ଦାସ)

ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତ ସ୍ୱର୍ଗତ ଭାଗବତ ପ୍ରସାଦ ପ୍ରଧାନଙ୍କ ବାସଭବନରେ ଶନିବାର ସନ୍ଧ୍ୟାରେ କଂଗ୍ରେସ ଦଳ ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ ପୌରୋହିତ୍ୟ କରିଥିଲେ। ଉକ୍ତ ପଞ୍ଚାୟତରେ କଂଗ୍ରେସ ସଭାପତି ଅନନ୍ତ ଜେନା ନିକଟରେ ଭାଜପାରେ ମିଶିବାପରେ ଏହି ପଞ୍ଚାୟତରେ ରାଜନୈତିକ ବାତାବରଣ ସରଗରମ ହୋଇଛି। କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇ ନୂତନ ସଭାପତି ଚୟନ କରାଯାଇଛି। କଂଗ୍ରେସ ଜିଲା ସଭାପତି ସତ୍ୟଶିବ ଦାସ ଯୋଗଦେଇ ଜଣେ ବ୍ୟକ୍ତି ନିଜର ସ୍ୱାର୍ଥ ପାଇଁ କେବଳ ଦଳ ଛାଡିଲେ କଂଗ୍ରେସର କୌଣସି ପ୍ରଭାବ ପଡିବ ନାହିଁ ବରଂ ଶତାଧିକ ବ୍ୟକ୍ତି କଂଗ୍ରେସରେ ସାମିଲ ହେବା କଂଗ୍ରେସର ଶକ୍ତିବୃଦ୍ଧି ହୋଇଛି ବୋଲି ପ୍ରକାଶ କରିଥିଲେ। ବୈଠକରେ ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଭୋଗରାଇ ମହିଳା କଂଗ୍ରେସର ସଭାନେତ୍ରୀ ମୀନାରାଣୀ ସୁର, ସରପଞ୍ଚ ମମତାରାଣୀ ସାହୁ, ଆଇନଜୀବୀ ପ୍ରଶାନ୍ତ ଜେନା, କଂଗ୍ରେସ ନେତା ନିତ୍ୟାନନ୍ଦ ମଣ୍ଡଳ, ରାମଚନ୍ଦ୍ର ଦାସ, ରାଜାରାମ ମଣ୍ଡଳ, କପିଳ ନାଥ, ଗୋବିନ୍ଦ ପ୍ରସାଦ ବେହେରା, ଶମ୍ଭୁନାଥ ସେଠୀ, ଦେବାଶିଷ ପାତ୍ର, ସଞ୍ଜୀବ ଜେନା ପ୍ରମୁଖ କଂଗ୍ରେସକୁ ଶକ୍ତିଶାଳୀ ଓ ସୁଦୃଢ କରିବାକୁ ପଞ୍ଚାୟତବାସୀଙ୍କୁ ଆହ୍ୱାନ ଦେଇଥିଲେ। ପରେ ପଞ୍ଚାୟତ କଂଗ୍ରେସ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ପଞ୍ଚାୟତର ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା।

# ପ୍ରହ୍ଲାଦ ମହାନ୍ତି ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ


ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଓ ପରିବାର ଲୋକେ।

ବାଲେଶ୍ୱର, ୨୨।୧୧(ବାଞ୍ଛାନିଧି ଦେ)

ଦିବଙ୍ଗତ ସାରସ୍ୱତ ସାଧକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ। ସେ ଜିଲାର ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ସହ ଜଡ଼ିତ ଥିଲେ। ଜଣେ ଉତ୍ତମ ଶିକ୍ଷାବିତ୍, ସହୃଦୟ ବ୍ୟକ୍ତି, ଛାତ୍ରବତ୍ସଳ ଅଧ୍ୟାପକ ଥିଲେ। ତାଙ୍କ ରଚିତ ଉପନ୍ୟାସ, ପ୍ରବନ୍ଧ, ଭ୍ରମଣ କାହାଣୀ ପାଠକଙ୍କ ମହଲରେ ବେଶ୍ ଆଦୃତ ଲାଭ କରିଛି। ଜଣେ ସୁ-ସାହିତ୍ୟିକ ଭାବେ ସେ ଖ୍ୟାତି ଅର୍ଜନ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଗୋପାଳଗାଁସ୍ଥିତ ଆୟୁଷ୍ମାନ ମଣ୍ଡପରେ ସ୍ୱର୍ଗତ ମହାନ୍ତିଙ୍କ ଏକାଦଶାହ ଅବସରରେ ଗୁରୁବାର ସନ୍ଧ୍ୟାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଓ ଡ. ରାଧାରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରକାଶକ କିଶୋର ଦାସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବସ୍ତା ବିଧାୟିକା ସୁବାସିନୀ ଜେନା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସାହିତ୍ୟିକ ଡ. ହରିଶଚନ୍ଦ୍ର ବେହେରା, ଆଇନ୍‌ଜୀବୀ ହରେକୃଷ୍ଣ ଦାଶ, ଖବରଦାତା ବିପ୍ଳବ କୁମାର ମହାନ୍ତି, ଯଶୋଧାରା ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ସାମାଜିକ କର୍ମୀ ଡ. ଲକ୍ଷ୍ମୀ ନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବାଲି ଗାଡି ଜବତ

ସୋର, ୨୨।୧୧(ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ତହସିଲଦାର ଦୈତାରୀ ମଲ୍ଲିକ ଶନିବାର ଭୋର ସମୟରେ ଚଢ଼ାଉ କରି ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ଏହି ହାଇୱା ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିଲା। ତହସିଲଦାର ହାଇୱା(ନଂ.ଓଡି ୦୧ ଏଯେ ୮୭୦୬)କୁ ଜବତ କରି ସୋର ଥାନା ଜିମା ଦେଇଛନ୍ତି। ଚଢ଼ାଉ ହେଉଥିବା ଜାଣିପାରି ଅନେକ ଗାଡି ରାସ୍ତା ବଦଳାଇ ପଳାଇଯାଇଥିବା ଜଣାପଡିଛି।

# ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରେ 'ସରଗି ଫୁଲ'


ଉତ୍ସବରେ ଉପସ୍ଥିତ ଅତିଥିମାନେ।

ନୀଳଗିରି, ୨୨।୧୧(ପ୍ରଶାନ୍ତ ବିଶ୍ୱାଳ)

ଶିଶୁମାନଙ୍କ ଶୈଶବର ସୃଜନଶୀଳତା ଓ ପ୍ରତିଭାର ସୁଷମ ବିକାଶ ପାଇଁ ନୀଳଗିରି ବ୍ଲକର ବଣଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଛାତ୍ର ମହୋତ୍ସବ 'ସରଗି ଫୁଲ ଉତ୍ସବ ୨୦୨୫' ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଛୁଆ ବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗ ପକ୍ଷରୁ ଦିବସବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବିଡିଓ ବିକ୍ରମ କିଶୋର ପରିଡା ଶୁକ୍ରବାର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପ୍ରତିଯୋଗୀଙ୍କ ନାମ ପଞ୍ଜିକରଣ କରି ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ଉପ-ଜିଲାପାଳ ଡ. ମଧୁସ୍ମିତା ସାମନ୍ତ ରାଏ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କ ଶୈଶବର ସୃଜନଶୀଳତାର ସୁଷମ ଓ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ 'ସରଗି ଫୁଲ ଉତ୍ସବ' ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ଓ ସମ୍ମାନିତ ଅତିଥି ନୀଳଗିରି ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ବାଲେଶ୍ୱର ଜିଲା ଶିକ୍ଷକ ସଂଘର ସଭାପତି ବିଶ୍ୱମ୍ଭର ଲହାର, କୁଞ୍ଜଲତା ସାହୁ, ଗିତାଶ୍ରୀ ପଡ଼ିହାରି, ମହିମା ଜେନା, ସୌଦାମିନୀ ଦାସ, ବ୍ରଜପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବଣଭୂଇଁ ଏସ୍ଏସ୍‌ଡ଼ି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ପରିଡା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଭୂତି ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲାର ଟିଆରଡବ୍ଲୁ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପ୍ରତିଯୋଗୀଙ୍କ ନାମ ପଞ୍ଜିକରଣ କରି ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଉପଜିଲାପାଳ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମହତାବ ଥିଲେ ଓଡ଼ିଶାର ବରପୁତ୍ର

## ଏଫ୍ଏମ୍ୟୁରେ ଉତ୍କଳକେଶରୀଙ୍କ ୧୨୬ତମ ଜୟନ୍ତୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର,୨୨।୧୧(ବାଞ୍ଛାନିଧି ଦେ): ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ମହତାବଙ୍କୁ 'ଚିର ପ୍ରାସଙ୍ଗିକ ଓ ଦୃଢ଼ପ୍ରତିଜ୍ଞ ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ' ବୋଲି ସ୍ମରଣ କରିଥିଲେ। ସେ ମହତାବଙ୍କୁ ଓଡ଼ିଶାର ଅନନ୍ୟ ବରପୁତ୍ର ଭାବେ ସମ୍ବୋଧନ କରି, ତାଙ୍କର ଦୃଷ୍ଟିଭଙ୍ଗୀ, ନେତୃତ୍ୱ ଓ ରାଜ୍ୟ ଗଠନରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଲେଖକ ଡ. ପବିତ୍ର ପାଣିଗ୍ରାହୀ ଯୋଗଦେଇ ମହତାବଙ୍କ ସହ ନିଜର ସ୍ମୃତି ବଖାଣିଥିଲେ। ସେ ପ୍ରକୃତରେ ସାରସ୍ୱତ ସାଧକ ଥିଲେ ବୋଲି କହିଥିଲେ। ଏଥିସହ ମହତାବଙ୍କ ସମୃଦ୍ଧ ଲେଖନୀ, ଚିନ୍ତନପ୍ରବଣତା ଓ ସାହିତ୍ୟିକ ଯାତ୍ରା ବିଷୟରେ ବିଶେଷ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରସିଦ୍ଧ ସ୍ତମ୍ଭକାର ଓ ସାହିତ୍ୟିକ ଅଭିରାମ ବିଶ୍ୱାଳ, ମହତାବଙ୍କ ଜୀବନଦର୍ଶନ, କାର୍ଯ୍ୟଦକ୍ଷତାକୁ ଉଲ୍ଲେଖ କରି ତାଙ୍କୁ 'ଆଦର୍ଶବାଦ ଓ ବାସ୍ତବବାଦର ଅଦ୍ଭୁତ ସମନ୍ୱୟ' ବୋଲି କହିଥିଲେ। ମହତାବ ଓଡ଼ିଶାର ସ୍ୱର୍ଣ୍ଣାଭ ଇତିହାସର ମୁଖ୍ୟ ନିର୍ମାତା ବୋଲି ବକ୍ତବ୍ୟରେ କହିଥିଲେ। ବିଶ୍ୱବିଦ୍ୟାଳୟରେ ସ୍ଥାପିତ ଡ଼କ୍ଟର ହରେକୃଷ୍ଣ ମହତାବ ନାମକ ପାଠାଗାରକୁ ଅତିଥିଗଣ ପ୍ରଶଂସା କରିଥିଲେ। ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଡ. ପ୍ରହ୍ଲାଦ ଖିଲ ଧନ୍ୟବାଦ ଦେଇଥିଲେ।

# ଚାଷଜମିକୁ ପାର୍ଟ ପ୍ଲଟ୍ କରି ବିକ୍ରି

## କେନ୍ଦୁଝର ମାଷ୍ଟରପ୍ଲାନ୍ ଅଞ୍ଚଳରେ ନିୟମ ଉଲ୍ଲଂଘନ

କେନ୍ଦୁଝର,୨୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ମାଷ୍ଟରପ୍ଲାନ୍ ଅଞ୍ଚଳରେ ନିୟମ ଉଲ୍ଲଂଘନ ହୋଇ ବେଆଇନ ଭାବେ ପାର୍ଟପ୍ଲଟ୍ କରାଯାଇ ଚାଷଜମି ବିକ୍ରି ହେଉଛି। ମାଷ୍ଟରପ୍ଲାନ ଅଞ୍ଚଳରେ ବାଇ-ପ୍ଲଟ୍ ବା ପାର୍ଟ ପ୍ଲଟ୍ ବିକ୍ରି ବନ୍ଦ ଥିଲେ ମଧ୍ୟ ଚାଷଜମିକୁ ପାର୍ଟ ପ୍ଲଟ୍ କରି ରିଅଲ ଇଷ୍ଟେଟ୍ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ଟାଉନ ପ୍ଲାନିଂ ଏବଂ ପୌରପାଳିକା ନିକଟରୁ ଲେ ଆଉଟ ଆପ୍ରୁଭାଲ ନ ଆଣି ପ୍ଲଟିଂ କରି ଜମି କିଣାବିକା ପଞ୍ଜୀକରଣ କରାଯାଉଥିବା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି।

କେନ୍ଦୁଝର ମାଷ୍ଟରପ୍ଲାନ୍ ଅଞ୍ଚଳରେ ଗତ ୫ ବର୍ଷରେ ୬୮ଟି ମୌଜାରେ ପ୍ରାୟ ୩୦୦ ଏକରରୁ ଊର୍ଦ୍ଧ୍ୱ ଜମି ପ୍ଲଟିଂ ହୋଇ ବିକ୍ରି ହୋଇଛି। କୌଣସି ପ୍ଲଟେଡ୍ ସ୍କିମ୍ ୫୦୦ବର୍ଗ ମିଟରରୁ ଅଧିକ ହୋଇଥିଲେ ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟେଟ୍ ଅଥରିଟି (ଓରେରା) ଅଧୀନରେ ପଞ୍ଜୀକୃତ ହେବା ବିଧେୟ। ମାତ୍ର ଓରେରାଠାରୁ ପଞ୍ଜୀକରଣ ନ କରାଯାଇ ପ୍ଲଟିଂକରି ଜମି ବିକ୍ରି ହେଉଛି। ନିୟମ ଅନୁସାରେ, ଯେଉଁ ପାର୍ଟ ପ୍ଲଟ୍ ପଞ୍ଜୀକରଣ ହେବ ତା'ର ଚାରିପାର୍ଶ୍ୱରେ କେଉଁ ଜମି ଅଛି ଦର୍ଶାଯିବ। ଚାଷ ଜମି ପାର୍ଟ ପ୍ଲଟ୍ କରାଯାଇ ବିକ୍ରି ପରେ କ୍ରେତା ଓ ବିକ୍ରେତା ଉଭୟ ରିଅଲ ଇଷ୍ଟେଟ୍ ପ୍ରକଳ୍ପ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ ବୋଲି ଘୋଷଣାନାମା ଦେବେ। ଘୋଷଣାନାମା ସେଲ୍ ଡିଡ୍‌ରେ ଯୋଡ଼ାଯିବ। ଏହାର ଏକ ନକଲ ମଧ୍ୟ ଅଫିସ କପି ହିସାବରେ ରଖାଯିବ। ମାତ୍ର ପଞ୍ଜୀକରଣ ସମୟରେ ତାହା ଦର୍ଶାଯାଉନାହିଁ। ଚାଷ ମାତ୍ର ଅନେକ କ୍ଷେତ୍ରରେ ତାହା ସେଲ୍‌ଡିଡ୍ ସମୟରେ ଠିକ୍ ଭାବେ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ଜମି ପଞ୍ଜୀକରଣ କରୁଥିବା ଅଧିକାରୀ ପଞ୍ଜୀକରଣ ସମୟରେ ଜମିର ମ୍ୟାପ୍, ପରିସୀମା, ପୋଷଣାନାମାକୁ ଯାଞ୍ଚ କରିବେ। ପଟ୍ଟାଭୁକ୍ତ ଜମି ବିନା ଅନୁମତିରେ ପ୍ଲଟିଂକରି ବିକ୍ରି ହୋଇପାରିବ ନାହିଁ। ମାତ୍ର ନିୟମ ପାଳନ ହେଉ ନ ଥିବାରୁ ସହରବାସୀ, କ୍ରେତାମାନେ ନାନା ସମସ୍ୟାରେ ପଡୁଛନ୍ତି। ଜମି ବିକ୍ରି ସମୟରେ କବଲାରେ ରାସ୍ତା ନ ଦର୍ଶାଇ କେବଳ ପାର୍ଟ ପ୍ଲଟ୍ ହେଉଛି। କେଉଁଠାରେ ୨୫ରୁ ୩୦ ଫୁଟ୍ ରାସ୍ତା ଥିବା କହି ଜମି ବିକ୍ରି ହେଉଛି। କିନ୍ତୁ ପରେ



କାରଖାନା ବର୍ଜ୍ୟବସ୍ତୁ ପକାଯାଇ ପ୍ଲଟ୍‌କୁ ରାସ୍ତା କରାଯାଇଛି।

୧୦ ରୁ ୧୫ଫୁଟ ରାସ୍ତା ଦିଆଯାଉଛି। କବଲାରେ ରାସ୍ତା ଦର୍ଶାଯାଉ ନ ଥିବାରୁ କ୍ରେତା ମଧ୍ୟ ଏ ନେଇ ଆଇନଗତ ପଦକ୍ଷେପ ନେବାରେ ସମସ୍ୟା ହେଉଛି। ଗ୍ରୀନ୍ ଜୋନ୍ ଏବଂ ରେଡ୍ ଜୋନ୍‌ରେ ଥିବା ଜମିକୁ ପ୍ଲଟିଂକରି କାରଖାନା ବର୍ଜ୍ୟବସ୍ତୁ ପକାଇ ରାସ୍ତା କରାଯାଉଛି। କେନ୍ଦୁଝର ସଦର ତହସିଲର ନିଜଗଡ଼, କିମିରିଡୋଲି, ରାଙ୍କି, ଗୁମୁରା, ମୁକୁନ୍ଦପୁର, ବ୍ରହ୍ମଣୀଗାଁ, ବାଁପାର, ବଣିଆପାଟ-ଖୁଣ୍ଟାପଡ଼ା, ନୂଆଗାଁ, ମାଳିଗାଁ, ଧୂର୍ପଦା, କାଶୀପୁର-ବଳରାମପୁର, ବୋଦାପଳସା, ଗୋବିନ୍ଦପୁର, ଯମୁନାପଶି, ଘୁଟୁକେଶ୍ୱରୀ, ମଣ୍ଡୁଆ, ନରଣପୁର ଆଦି ମୌଜାରେ ପାର୍ଟ ପ୍ଲଟ୍ ବେଧଡ଼କ ଭାବେ ଚାଲିଥିବା ଅଭିଯୋଗ ହେଉଛି। ମାଷ୍ଟରପ୍ଲାନ୍ ଅଞ୍ଚଳରେ ବହୁ ବିଲ୍‌ଡର, ରିଏଲ ଇଷ୍ଟେଟ ଡେଭେଲେପରମାନେ ଚାଷଜମି କିଣି ତାକୁ ପରେ ପ୍ଲଟିଂକରି ବିକ୍ରି କରୁଛନ୍ତି। ନୂଆ ଏସ୍‌ଓପି ଅନୁସାରେ ଚାଷଜମିକୁ ପାର୍ଟ ପ୍ଲଟ୍ କରି ବା ଭାଗ ଭାଗ କରି ବିକ୍ରି କଲେ ଏହାର କିସମ ପରିବର୍ତ୍ତନ ହେବ ନାହିଁ। ଜାଲିଆତିକରି ଚାଷଜମିକୁ ଘରବାଡ଼ି କିସମରେ ପରିବର୍ତ୍ତନ କରାଯାଉଥିବା ଅଭିଯୋଗ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏହାର ତଦନ୍ତକରି ପଦକ୍ଷେପ ନେବାକୁ ଦାବି ହୋଇଛି।

ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି, ଚାଷଜମିକୁ ପ୍ଲଟିଂକରି ବିକ୍ରି ଫଳରେ ପାଖ ଜମିରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏ ନେଇ ରାଜସ୍ୱ ବିଭାଗ ଓ ପୌର ପ୍ରଶାସନଙ୍କୁ ବାରମ୍ବାର ସେ ଅବଗତ କରିଛନ୍ତି। ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି, ମାଷ୍ଟର ପ୍ଲାନ୍ ଅନୁସାରେ ଜମି କିଣାବିକା ପାଇଁ ୟେଲୋ ଜୋନ୍, ଗ୍ରୀନ୍ ଜୋନ୍ ଓ ରେଡ୍ ଜୋନ୍ ନିର୍ଦ୍ଧାରଣ କରାଯାଇଛି। ମାତ୍ର ଗ୍ରୀନ୍ ଜୋନ୍ ଓ ରେଡ୍ ଜୋନ୍‌ରେ ବେଆଇନ ଭାବେ ପାର୍ଟ ପ୍ଲଟ୍ କରାଯାଇ ଜମି ବିକ୍ରି ହେଉଛି। ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ମୋହନ ନାୟକ କହିଛନ୍ତି, ରେରା ଆଇନର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘର ନିର୍ମାଣ ଅନୁମତି ମିଳିବ ନାହିଁ।

# ରୋଗ ଯନ୍ତ୍ରଣାରେ ଛଟପଟ ଗଣେଶ୍ୱର

## ସହାୟତା ପାଇଁ ବାପାଙ୍କ ଆକୁଳ ନିବେଦନ

କେନ୍ଦୁଝର,୨୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ବରହାଗଡ଼ ପଞ୍ଚାୟତ ଅନ୍ତର୍ଗତ ଜୁଆଙ୍ଗ ଅଧ୍ୟୁଷିତ ନଡ଼ାମ ଗ୍ରାମର ୧୬ ବର୍ଷର ନାବାଳକ ଗଣେଶ୍ୱର ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ପିଲା ବେଳେ ପୋଲିଓରେ ଆକ୍ରାନ୍ତ ହୋଇଥିବା



ବେଳେ ବେକ ମୋଡ଼ିହୋଇ ମୁଣ୍ଡ ଅସ୍ୱାଭାବିକ ଭାବେ ଫୁଲିଛି। ଚିକିତ୍ସା ଅଭାବରୁ କଷ୍ଟ ଯନ୍ତ୍ରଣାରେ କାଳାତିପାତ କରୁଛନ୍ତି। ଅର୍ଥ ଅଭାବରୁ ପୁଅର ଚିକିତ୍ସା କରିପାରୁ ନ ଥିବା ବାପା ବୃକ୍ଷ ଜୁଆଙ୍ଗ କହିଛନ୍ତି। ସହୃଦୟ ବ୍ୟକ୍ତିଙ୍କ ସାହାଯ୍ୟ ଓ ସରକାରୀ ସହାୟତା ମିଳିଲେ ପୁଅର ଚିକିତ୍ସା କରିପାରନ୍ତେ ବୋଲି କହିଛନ୍ତି।

ପ୍ରକାଶ ଯେ, ବଣପାହାଡ଼ ଘେରା ଦୁର୍ଗମ ନଡ଼ାମ ଗ୍ରାମରେ ସ୍ତ୍ରୀ ଓ ପୁଅଙ୍କୁ ନେଇ ବୃକ୍ଷଙ୍କ ପରିବାର। ପୁଅ ଛୋଟବେଳୁ ପୋଲିଓରେ ଆକ୍ରାନ୍ତ। ତା' ସହ ମୁଣ୍ଡରେ ମଧ୍ୟ ସମସ୍ୟା ରହିଛି। ବେକ ବୁଲି ରହିଥିବା ବେଳେ ମୁଣ୍ଡ ଅସ୍ୱାଭାବିକ ଭାବେ ବୁଲିଛି। ଚଲାବୁଲା କରିପାରୁନାହାନ୍ତି। ବୟସ ଅନୁସାରେ ଶରୀରର ବୃଦ୍ଧି ହୋଇପାରିନାହିଁ। ବୃକ୍ଷ ନିଜ ଚେଷ୍ଟାରେ ପୁଅର କିଛି ମାତ୍ରାରେ ଚିକିତ୍ସା କରାଇଛନ୍ତି। ସେ ଦିନମଜୁରିଆ ଭାବେ କାମ କରୁଥିବାରୁ ପୁଅର ଅଧିକ ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ତାଙ୍କ ପକ୍ଷରେ ଅସମ୍ଭବ ବୋଲି କହିଛନ୍ତି। କୌଣସି ସରକାରୀ ସହାୟତା ନ ପାଇବାରୁ ନିରାଶହୋଇ ଭାଗ୍ୟକୁ ଆଦରି ପଡ଼ି ରହିଥିବା କହିଛନ୍ତି। ସ୍ଥାନୀୟ ବିଧାୟକ ପିଲାଟିର ଚିକିତ୍ସା ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଜୁଙ୍ଗା ପଞ୍ଚାୟତ ଅଧୀନ ନିତ୍ୟାନନ୍ଦପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ପକ୍ଷରୁ ସହାୟତା କରାଯାଇଛି। ପିଲାଟିର ଭିନ୍ନକ୍ଷମତା ପରୀକ୍ଷା ସହ ଭତ୍ତା ମଞ୍ଜୁର ପାଇଁ ଚେଷ୍ଟା କରାଯାଉଥିବା ସଂସ୍ଥାର ସଦସ୍ୟ ଉମ୍ବରୁଧର ଘଣା ସୂଚନା ଦେଇଛନ୍ତି। ଏଥିସହ ପିଲାଟିର ଚିକିତ୍ସା ନିତାନ୍ତ ଆବଶ୍ୟକ ଥିବାରୁ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜିଲାପାଳଙ୍କୁ ଏଥିନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।

# କଲେଜ ବସ୍-ହାଇୱା ମୁହାଁମୁହିଁ ଧକ୍କା, ୨ ଗୁରୁତର

କେନ୍ଦୁଝର/ଚମ୍ପୁଆ,୨୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ ମହେଶ୍ୱର ଦାସ)

କେନ୍ଦୁଝର ଜିଲା ସୀମାନ୍ତ ଚମ୍ପୁଆ ନିକଟ ଝାଡ଼ଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ମାଣିକପୁର ଗ୍ରାମ ଜୟନ୍ତୀ ଗଡ଼-ନୂଆମୁଣ୍ଡି ରାସ୍ତାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଘନ କୁହୁଡି ଯୋଗୁ କଲେଜ ବସ୍ ଓ ଚିପ୍ସ ବୋଝେଇ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୨ ଗାଡ଼ିର ଚାଳକ ଗୁରୁତର ହୋଇଥିବା ବେଳେ ବସ୍‌ରେ ଥିବା ୧୫ ଛାତ୍ର ଆହତ ହୋଇଛନ୍ତି। ସମସ୍ତଙ୍କୁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସକାଳ ୬ ଟାରେ ନୂଆମୁଣ୍ଡି କଲେଜର ଏକ ବସ ୨୧ ଜଣ ଛାତ୍ରଙ୍କୁ ନେଇ ଯାଉଥିଲା। ଅପରପାର୍ଶ୍ୱରୁ ଆସୁଥିବା ଏକ ହାଇୱା ସହ ଜୟନ୍ତୀ ଗଡ଼-ନୂଆମୁଣ୍ଡି ରାସ୍ତାରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ପୋଲିସ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାକୁ ପଠାଇଥିଲେ। ଗୁରୁତର ହାଇୱା ଚାଳକଙ୍କୁ ଟାଟା ଓ ବସ୍ ଚାଳକଙ୍କୁ ନୂଆମୁଣ୍ଡି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜଗନ୍ନାଥପୁର ଥାନା ଅଧିକାରୀ ଅଭିନାଶ ହେମ୍ବ୍ରମ କହିଛନ୍ତି, ସମସ୍ତ ଆହତ ସୁରକ୍ଷିତ ଅଛନ୍ତି। ଅଦ୍ୟାବଧି କୌଣସି ରିପୋର୍ଟ ହୋଇନାହିଁ।

# ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଉତ୍ସବରେ ଯୋଗଦେଇଥିବା ଅତିଥି, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

କେନ୍ଦୁଝର,୨୨।୧୧(ଦୀପକ ମିଶ୍ର)

କେନ୍ଦୁଝର ଜିଲା ମୋଚିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର କେନ୍ଦୁଝର ଷ୍ଟାଡ଼ିୟମ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବରେ ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମବେତ କ୍ରୀଡ଼ାବିତ୍‌ଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ମାନସିକ ଶିକ୍ଷା ସହ ଶାରୀରିକ ଶିକ୍ଷାର ଅଭିବୃଦ୍ଧି ନ ଘଟିଲେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରାପ୍ତି ହୋଇ ନ ଥାଏ। ଛାତ୍ରୀଛାତ୍ରଙ୍କୁ ବ୍ୟକ୍ତିଗତଭାବେ ଶୃଙ୍ଖଳିତ ହୋଇ ଖେଳ ପ୍ରଦର୍ଶନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତେଜସ୍ୱିନୀ ପାତ୍ର ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ବିନା ସ୍ୱାସ୍ଥ୍ୟ ଅସମ୍ଭବ ବୋଲି ମତବ୍ୟକ୍ତ କରିବା ସହ ଉତ୍ତମ ଖେଳ ପ୍ରଦର୍ଶନ କରି ଜିଲା ତଥା ରାଜ୍ୟର ଟେକ ରଖିବାକୁ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଫକୀର ମୋହନ ମହନ୍ତଙ୍କ ନେତୃତ୍ୱରେ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ ସଫଳ କରିବାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଶାନ୍ତନୁ କୁମାର ମହାପାତ୍ର ଜିଲା କ୍ରୀଡ଼ା ସଂସ୍ଥା ଏବଂ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ମଞ୍ଚାସୀନ ଅତିଥିମାନେ।

ଯୋଡ଼ା,୨୨।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା କାଟେସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଉତ୍ସବରେ ମୁଖ୍ୟ ଅତିଥିଭାବେ କେଜେଏସଏ ଗ୍ରୁପର ପର୍ସନାଲ ମ୍ୟାନେଜର ଅବନୀ ବାରିକ, ପରିଚାଳନା ସମିତି ସମ୍ପାଦକ ଧବଳେଶ୍ୱର ନାଏକ, କୋଷାଧ୍ୟକ୍ଷ ମହେଶ୍ୱର ଘଣା, ଆଦିବାସୀ ନେତା ଜାମାଦାର ମୁଣ୍ଡା, ସାମାଜିକକର୍ମୀ ଭାସ୍କର ନାଏକ ପ୍ରମୁଖ ଉପସ୍ଥିତଥିଲେ। ଉଦ୍‌ଯାପନୀ ଦିବସରେ କେଜେଏସ୍‌ଏ ଗ୍ରୁପ, ଏଚ୍‌ପି ଗ୍ରୁପର ଇଡି ବିନୟ ବାବରୱାଲ, ପରିଚାଳନା ସମିତିର ପୂର୍ବତନ ସଭାପତି ଦଶରଥ ବାରିକ, ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଡବର ମୁଣ୍ଡା ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେଶଚନ୍ଦ୍ର ମହାନ୍ତଙ୍କ ତତ୍ତ୍ୱାବଧାନରେ ଶାରୀରିକ ଆଚାର୍ଯ୍ୟ ଦୀନବନ୍ଧୁ ମହାନ୍ତ ଏବଂ ଗୁରୁମା, ଗୁରୁଜୀ ସହାୟତା କରିଥିଲେ।

# ଜିଲା ଛତୁ ଉଦ୍ୟୋଗୀ ସମ୍ମିଳନୀ



ବୈଠକରେ ଉପସ୍ଥିତି ଛତୁ ଉଦ୍ୟୋଗୀମାନେ।

ବଉଳା,୨୨।୧୧(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ମରିଗାଁ ପଞ୍ଚାୟତ କାର୍ଯ୍ୟାଳୟର ବୈଠକ ଗୃହରେ ଛତୁ ଉଦ୍ୟୋଗୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଟଡ଼ିହୀ, ଆନନ୍ଦପୁର ଓ ପଡ଼ୋଶୀ ଜିଲା ଚାଷୀ ଯୋଗଦେଇଥିଲେ। ବୈଠକରେ ଓଡ଼ିଶା ଛତୁ ଉତ୍ପାଦନ ମହାସଂଘର ପ୍ରଫେସର ଡ. ଆଦିତ୍ର ପାତ୍ର, ବ୍ଲକ୍‌ସଂଘର ସଭାପତି ହରିହର ଆୟଚ, ଭିପି ଓମକାର ମହାନ୍ତି, ଚନ୍ଦ୍ର ଶେଖର ଜେନା, ଜୟନ୍ତ ବାରିକ୍ ଯୋଗଦେଇ ଚାଷୀମାନେ କିଭଳି ସରକାରଙ୍କ ଯୋଜନାର ସୁଫଳ ପାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଛତୁ ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ବିଭିନ୍ନ ସରକାରୀ ଯୋଜନା ସଫଳ ପାଇ ପାରୁ ନ ଥିବାରୁ ତାହା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମହାସଂଘର ଡ. ଆଦିତ୍ୟ ପାତ୍ର କହିଥିଲେ। ଏହି ସମୟରେ ଶିବ ବାରିକ, ଡମ୍ବରୁ ଧର ଜେନା, କାମଦେବ ସାହୁ, ସୁର୍ଯ୍ୟମଣୀ ରାଉତ, ପ୍ରଶାନ୍ତ ରାଉତ, ବାସୁଦେବ ନାୟକ, ସଞ୍ଜୀୟ ବିଶ୍ୱାଳ, ନିର୍ମଳ ବେହେରା, ବିନୋଦ ବିହାରୀ ପୁହାଣ ପ୍ରମୁଖ ବହୁ ଚାଷୀ ଉପସ୍ଥିତ ଥିଲେ।

# ଗୋନାସିକା ମହୋତ୍ସବରେ କେନ୍ଦ୍ରମନ୍ତ୍ରୀଙ୍କୁ ଅତିଥି କରିବାକୁ ଦାବି

କେନ୍ଦୁଝର,୨୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ବିବିଧ ସାଂସ୍କୃତିକ ଐତିହ୍ୟ, ଆଦିବାସୀ ପରମ୍ପରା ଏବଂ ସ୍ଥାନୀୟ କଳାକାରଙ୍କୁ ପ୍ରୋତ୍ସାହିତ କରିବାରେ ଗୋନାସିକା କେନ୍ଦୁଝର ମହୋତ୍ସବର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚଳିତବର୍ଷ ବଲିଉଡ ଓ ଓଲିଉଡ଼ର ପ୍ରତିଷ୍ଠିତ କଳାକାର ଯୋଗଦେବାର ବ୍ୟବସ୍ଥା କରାଯାଉଛି। କେନ୍ଦୁଝରର ଆଦିବାସୀ ଏବଂ ସ୍ଥାନୀୟ କଳାକାରଙ୍କୁ ମଧ୍ୟ ନିମନ୍ତ୍ରଣ କରାଯିବାର ବ୍ୟବସ୍ଥା ସହିତ କେନ୍ଦୁଝରର ବିଭିନ୍ନ ସଂସ୍କୃତି ସମ୍ପୂର୍ଣ୍ଣ କଳା ପ୍ରଦର୍ଶିତ ହେବାକୁ ଯାଉଛି। ରାଜ୍ୟରୁ ୩ ଜଣ କେନ୍ଦ୍ରମନ୍ତ୍ରୀ ଥିଲେ ମଧ୍ୟ ପୂର୍ବରୁ କେବେ ଏହି ଉତ୍ସବରେ ଯୋଗଦେଇନାହାନ୍ତି। ଚଳିତବର୍ଷ ଏହି ବର୍ଣ୍ଣାଢ୍ୟ ଉତ୍ସବରେ କେନ୍ଦ୍ର ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅତିଥି ରୂପେ ନିମନ୍ତ୍ରଣ କରାଗଲେ କାର୍ଯ୍ୟକ୍ରମ ଅଧିକ ଆକର୍ଷଣୀୟ ହୋଇପାରିବ ବୋଲି ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ା କହିଛନ୍ତି। ଏନେଇ ଜିଲାପାଳ, ଜିଲା ଲୋକ ସମ୍ପର୍କ ଅଧିକାରୀ ଓ କେନ୍ଦୁଝର ଏମ୍‌ପିଙ୍କୁ ଶୁକ୍ରବାର ଚିଠି ଲେଖି ଅବଗତ କରିଛନ୍ତି।

# ୬୪ତମ ଜାତୀୟ ଫାର୍ମାସି ସପ୍ତାହ

କେନ୍ଦୁଝର,୨୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଡିମ୍ବୋସ୍ଥିତ କିମଏସଆର୍ କଲେଜ ଇଷ୍ଟଚ୍ୟୁଟ ଅଫ ମେଡିକାଲ କଲେଜ ସାଇନ୍ସ ଆଣ୍ଡ ରିସର୍ଚ୍ଚ କିମଏସ ଆର୍ ଆନୁକୂଲରେ ୬୪ତମ ଜାତୀୟ ଫାର୍ମାସି ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଫାର୍ମାସିଷ୍ଟ ସୁବାଶ ଚନ୍ଦ୍ର ନାୟକ ଓ ଶିଳାସିସ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ତରଣୀସେନ ସ୍ୱାଇଁ, ନିର୍ଦ୍ଦେଶକ ଚେଉଗଙ୍ଗ ଦେଓ ଦାନୀ, ଅଧ୍ୟାପିକା ମନିଷା ସେଠୀ, ମନ୍ଦାକିନୀ ମହାନ୍ତ, ଜ୍ୟୋତିପ୍ରଭା ଦାନୀ, ଅଞ୍ଜିତା ଦତ୍ତ, ଅଧ୍ୟାପକ ରୋହନ ବେହେରା, ମିନକେତନ ନାୟକ, ଅମନ ସାହୁ, ବିଭୂତିଭୁଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରା କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏଥିରେ ଅନୁଷ୍ଠାନର ବିଫାର୍ମା ଓ ଡିଫାର୍ମା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜନସାଧାରଣଙ୍କୁ ଛାତ୍ରୀଛତ୍ର ଫାର୍ମାସିଷ୍ଟଙ୍କ ଉପରେ ବିଶ୍ୱାସ, ଟୀକା ନେଇ ସୁରକ୍ଷିତ ରୁହନ୍ତୁ ବୋଲି ପରାମର୍ଶ ଦେଇଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶୋଭାଯାତ୍ରାରେ ଛାତ୍ରୀଛାତ୍ର।

# ଜାତୀୟ ପାରା ସନ୍ତରଣ କ୍ରୀଡ଼ାରେ ଭାନୁମତୀଙ୍କୁ ୨ ପଦକ

## ୫୦ମିଟରରେ ସିଲଭର, ୧୦୦ ମିଟରରେ ବ୍ରୋଞ୍ଜ

କେନ୍ଦୁଝର,୨୨।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ମହାଦେଇଯୋଡ଼ା ପଞ୍ଚାୟତ ଟିକରପଡ଼ା ଗ୍ରାମର ଦିବ୍ୟାଙ୍ଗ ଯୁବତୀ ଭାନୁମତୀ ବେହେରା ଜାତୀୟ ପାରା ସନ୍ତରଣ କ୍ରୀଡ଼ା ୨୦୨୫ -୨୬ରେ ୨ ପଦକ ହାସଲ କରିଛି। ୫୦ ମିଟରରେ ସିଲଭର, ୧୦୦ ମିଟରରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ସେ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଥିବା ବେଳେ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟୁଛି।

ପ୍ରକାଶ ଯେ, ଗତ ୧୫ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦଠାରେ ଜାତୀୟସ୍ତର ପାରା ସନ୍ତରଣ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଠାରେ ରାଜ୍ୟର ୩୧ଜଣଙ୍କ ମଧ୍ୟରେ କେନ୍ଦୁଝରର ଏକମାତ୍ର ଖେଳାଳି ଭାବେ ଭାନୁମତୀ ଅଂଶଗ୍ରହଣ କରି ୫୦ ମିଟରରେ ବ୍ୟାକ ଷ୍ଟ୍ରୋକ୍ ସନ୍ତରଣରେ ରୌପ୍ୟ, ୧୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତା ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ କୋଚ ସୁନିତା ବହିଦାରଙ୍କଠାରୁ ତାଲିମ




ଭାନୁମତୀ ବେହେରା।

ନେଉଥିଲେ। ଏହି ସଫଳତା ପାଇଁ ଜିଲା ପ୍ରଶାସନ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ତାଙ୍କୁ ରାଇସୁଆଁ ଓଭରବ୍ରିଜରୁ ନିଜ ଗ୍ରାମ ଟିକରପଡ଼ାକୁ ସ୍ଥାନୀୟ ମହିଳା ଓ ପୁରୁଷମାନେ ନାଚଗୀତ କରି ପାଛୋଟି ନେଇଥିଲେ। ଜିଲାରେ ସନ୍ତରଣ ଅଭ୍ୟାସ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏହା ସତ୍ତ୍ୱେ ନିଜ ଇଚ୍ଛା ଶକ୍ତି ଓ ଉଦ୍ୟମ ଯୋଗୁ ସଫଳତା ମିଳିଥିବାରୁ କ୍ରୀଡ଼ା ପ୍ରେମୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜିଲାରେ ସନ୍ତରଣାଗାର ପ୍ରତିଷ୍ଠା ହେଲେ ଅନେକ ଉତ୍ସାହୀ କ୍ରୀଡ଼ାବିତ ଅଭ୍ୟାସ କରି ଲାଭବାନ ହୋଇ ପାରିବେ ବୋଲି କହିଛନ୍ତି। ଦୁଇ ମାସ ପରେ ଦିଲ୍ଲୀରେ ହେବାକୁ ଥିବା ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ଭାଗ ନେବାକୁ ଭାନୁମତୀ ଆଗ୍ରହ ପ୍ରକାଶ କରିଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ସହାୟତା ମିଳିଲେ ସେ ଭଲ ପ୍ରଦର୍ଶନ କରି ରାଜ୍ୟ ଓ ଜିଲା ପାଇଁ ଗୌରବ ଆଣିପାରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଭାନୁମତୀ ପୂର୍ବରୁ ରାଜ୍ୟସ୍ତରରେ ବହୁ ମେଡାଲ ଆଣିଥିଲେ ହେଁ, ପ୍ରଶାସନ ପକ୍ଷରୁ ସେଭଳି ସୁବିଧା ସୁଯୋଗ ଯୋଗାଇ ଦିଆଯାଇନାହିଁ। ଏ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ସହାୟତା ଦେବାକୁ ସରକାରଙ୍କୁ ନିବେଦନ କରିଛନ୍ତି।

# ଶ୍ରମିକ ନେତାଙ୍କ ଶ୍ରାଦ୍ଧବାର୍ଷିକୀ




ସମାରୋହରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୨୨।୧୧ (କିଶୋର ପାତ୍ର/ ଅଶୋକ ପଣ୍ଡା)

ଚାନ୍ଦବାଲି ବିଜୁ ସ୍ମୃତି ଭବନ ପରିସରରେ ଶନିବାର ଓଡ଼ିଶାର ବିଶିଷ୍ଟ ଶ୍ରମିକ ନେତା ଏବଂ ରାଉରକେଲା ଧାମରା ସଂଘର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାଉତଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ନାରାୟଣ ଚନ୍ଦ୍ର ରାଉତ ସ୍ମୃତି ସଂସଦ ଓ ଚାନ୍ଦବାଲି ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗବେଷକ ବଂଶୀଧର ଭୋଇ ଉଦ୍ଘାଟିତ କରିଥିଲେ। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟାମକେଶ ରାୟ, ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ପଞ୍ଚାନନ ପଲାଇ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ଧଳ, ଓକିଲ ସଂଘ ସଭାପତି ଉପେନ୍ଦ୍ର କୁମାର ରାଉଳ, ଅଭୟ ସୂତାର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ସଂଘର୍ଷମୟ ଜୀବନ ଓ ସମାଜସେବା ଉପରେ କହିଥିଲେ। ଏହି ଅବସରରେ ସ୍ମରଣିକା 'ସ୍ମୃତି ବିଭାବନା' ଉନ୍ମୋଚନ କରାଯାଇଛି। ୨ୟ ପର୍ଯ୍ୟାୟରେ ବିଶିଷ୍ଟ କବି ସୁଶାନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ କବି ସମାବେଶରେ ସବିତା ବେହେରା, ମନୋଜ ଭଳ, ଚିତ୍ତରଞ୍ଜନ କବି, ପ୍ରଫୁଲ୍ଲ ଦାସ, ନିରୁପମା ପାଣିଙ୍କ ସମେତ ପ୍ରାୟ ୨୫ଜଣ କବିତା ପାଠ କରିଥିଲେ। ସମସ୍ତ କବିଙ୍କୁ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଚାନ୍ଦବାଲି ବିକାଶ ପରିଷଦର ସଭାପତି ଓ ସ୍ୱର୍ଗତ ରାଉତଙ୍କ ପୁଅ ନିରୋଦ କୁମାର ରାଉତ, ସମ୍ପାଦକ ମହେଶ୍ୱର ବଳ, ଗୌରହରି ନାୟକ, ଅକ୍ଷୟ ଦାସ, ଦେବେନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ କାହ୍ନୁଚରଣ ବେହେରା, ବୈଲୋଚନ ଜେନା ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ଘର ନ କରି ଟଙ୍କା ଉଠାଇଛନ୍ତି ହିତାଧିକାରୀ

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୈଫିୟତ ତଲବ

ତିହିଡ଼ି,୨୨।୧୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ମହରମପୁର ପଞ୍ଚାୟତର ୧୧ ନଂ. ୱାର୍ଡରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ଅନିୟମିତତା ହୋଇଛି। ୱାର୍ଡର ୩ଜଣ ହିତାଧିକାରୀ ଘର ନ କରି ସମ୍ପୂର୍ଣ୍ଣ ଟଙ୍କା ଉଠାଇ ନେଇଛନ୍ତି। ଗତ ଅଗଷ୍ଟ ୨୫ରେ କେତେଜଣ ୱାର୍ଡବାସୀ ଏନେଇ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରି ଏହାର ନିରପେକ୍ଷ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିଲେ। ଅଭିଯୋଗର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳ ଦିଲୀପ ରାଉତରାଏ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ନିରଞ୍ଜନ ବାରିକ ଏହାର ତଦନ୍ତ କରି ଗତ ୧୧ ତାରିଖ ଚିଠି ନଂ. ୪୭୭୭ରେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ବିଡିଓ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ୱାର୍ଡର ଜଣେ ମହିଳା ହିତାଧିକାରୀ ପକ୍କା କାନ୍ଥ ଥିବା ଆଇବେଷ୍ଟସ୍ ଘରେ ରହୁଥିବା ବେଳେ ନୂତନ ଭାବେ ତିଆରି ପ୍ରଧାନମନ୍ତ୍ରୀ ଆବାସ ଦେଖାଇବାରେ ବିଫଳ ହୋଇଥିଲେ। ତେବେ ସେହି ହିତାଧିକାରୀଙ୍କୁ ୨ୟ କିସ୍ତି ଟଙ୍କା ମିଳିଛି। ଏହି ଅବହେଳା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୈଫିୟତ ତଲବ କରାଯାଇଥିବା ବେଳେ କିସ୍ତି ଟଙ୍କା ଆଦାୟ କାର୍ଯ୍ୟ ଚାଲୁ ରହିଛି। ସେହିପରି ଅନ୍ୟ ଜଣେ ହିତାଧିକାରୀ ଘର ତିଆରି କରିଥିବା ଦର୍ଶାଇଥିବାରୁ ତାଙ୍କୁ ତିଆରି ହୋଇଥିବା ଗୃହର ପ୍ଲଟ୍ ନଂ. ଓ ଜମିଜମା ରେକର୍ଡ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରେକର୍ଡ ମିଳିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ଦର୍ଶାଇଛନ୍ତି। ତେବେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଥିବା ନେଇ ଅଭିଯୋଗକାରୀ ଅସନ୍ତୋଷ ପ୍ରକାଶ କରିବା ସହ ଆସନ୍ତା ୨୪ ତାରିଖରେ ଜିଲାରେ ଥିବା ମିଳିତ ଅଭିଯୋଗ ଶୁଣାଣି ଶିବିରରେ ପୁଣିଥରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଶୁକ୍ରବାର ଏକ ପ୍ରେସ୍ ବିବୃତିରେ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୧-୨୨ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ମହରମପୁର ପଞ୍ଚାୟତ ଅଧୀନ ୧୧ ନଂ. ୱାର୍ଡରେ ୩ଜଣ ହିତାଧିକାରୀ ଘର ନ କରି ଟଙ୍କା ଉଠାଇଥିବା ନେଇ କେତେଜଣ ୱାର୍ଡବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ହିତାଧିକାରୀମାନେ ଅନ୍ୟମାନଙ୍କ ଘର ଦେଖାଇ ଟଙ୍କା ଉଠାଇଥିବା ଦର୍ଶାଯାଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଶଶାଙ୍କ ଶେଖର ରାଉଳ, ସୁବାସ ଚନ୍ଦ୍ର ଦାସ, ଅପୂର୍ବ ରଞ୍ଜନ ବଳ, ସୁବାସ ଚନ୍ଦ୍ର ବଳ, ସୁଲୋଚନା ଦାଶ, ପୁରଲୋଧର ବଳ, କମଳାକାନ୍ତ ବଳ, ଅଲେଖ ଚରଣ ବେହେରା, ଶରତ ବଳ ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

# ଭଦ୍ରକରେ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୨୨।୧୧(ସନାତନ ରାଉତ)

ଭଦ୍ରକ ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ଧାମନଗରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ପାଇଁ କେନ୍ଦ୍ରମନ୍ତ୍ରୀ ଆସିଥିବା ବେଳେ ଶୁକ୍ରବାର ରାତି ୧୨ଟାରେ ଭଦ୍ରକ ସହର ଆଡ଼ିଚ୍ଛକସ୍ଥିତ ନୂଆ ସର୍କିଟ୍ ହାଉସରେ ପହଞ୍ଚିବା ପରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲା ଭାଜପା ସଭାପତି ଭଗବାନ ପ୍ରଧାନ, ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ବାଣୀକଲ୍ୟାଣ ମହାନ୍ତି, ଦୀନବନ୍ଧୁ ପତିଙ୍କ ସମେତ ବହୁ ନେତା ଓ କର୍ମୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଭଦ୍ରକ ଜିଲାର ବିଭିନ୍ନ ସମସ୍ୟା ବିଷୟରେ ନେତାମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲା ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବେସରକାରୀ ମହାବିଦ୍ୟାଳୟରେ ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଅନୁଦାନ ପାଇଁ ଦାବି ବିଷୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଜିଲା ସଂଯୋଜକ ସୌମେନ୍ଦ୍ର ମିର୍ଦ୍ଧା, ଅଧ୍ୟାପକ ପ୍ରକାଶ ଦେବତା, କମଳାକାନ୍ତ ଓଝା, ଅଧ୍ୟାପିକା ଲିପିପୁଷ୍ପା ନାୟକଙ୍କ ସମେତ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କବୟିତ୍ରୀ ଯୋଗ୍ୟଶ୍ରୀଙ୍କୁ ଜମ୍ବୁବତୀ-ରତ୍ନଶ୍ରୀ ସମ୍ମାନ

ଭଣ୍ଡାରିପୋଖରୀ,୨୨।୧୧(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ବ୍ଲକର ପ୍ରତିଷ୍ଠିତ କବି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଚ୍ୟୁତାନନ୍ଦ ସାମଲଙ୍କ ବଡ଼ଝିଅ କବୟିତ୍ରୀ ଯୋଗ୍ୟଶ୍ରୀ ସାମଲଙ୍କୁ ଜମ୍ବୁବତୀ-ରତ୍ନଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଶୁକ୍ରବାର ବାଲେଶ୍ୱର ଜିଲା ମାର୍କୋଣାରେ ମହତାବ ଜୟନ୍ତୀ ପାଳନ ଅବସରରେ ଉତ୍ସବର ମୁଖପତ୍ର 'ନମସ୍ୟ' ଉନ୍ମୋଚନ କରି ବିଧାୟକ ପଦ୍ମଲୋଚନ ପଣ୍ଡା କବୟିତ୍ରୀ ଯୋଗ୍ୟଶ୍ରୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ସାମାଜିକ କର୍ମୀ ବିଶ୍ୱରଞ୍ଜନ ଦାସ ଓ କବି ହୃଦାନନ୍ଦ ପାଣିଗ୍ରାହୀ ମଞ୍ଚରେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, କବୟିତ୍ରୀ ସାମଲଙ୍କ କବିତା ସଙ୍କଳନ 'ସ୍ୱପ୍ନଅଛିବୋଲି' ଓ 'ଆଲୁଅକୁମୁହଁକରି' ପ୍ରକାଶିତ ହୋଇଛି।



ମାର୍କୋଣାଠାରେ କବୟିତ୍ରୀ ଯୋଗ୍ୟଶ୍ରୀ ସାମଲଙ୍କୁ ସମ୍ମାନିତ କରାଯାଉଛି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୨୦୧ **ବିଜ୍ଞାପନ** ତା.୦୧.୧୧.୨୫

**No.CAD-2402**:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଛେଣ୍ଡ କଲୋନୀ, ତୃତୀୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ.ଏମ୍.ଆଇ.ଜି.-୨-୨୦୨, (MIG-II-202) କୁ ମିସ୍ ବାସନ୍ତୀ ମଞ୍ଜରୀ ନନ୍ଦ, ପି-୯ବାଞ୍ଛାନିଧି ନନ୍ଦ, ଗ୍ରା/ପୋ-ସାହାଜବାହାଲ, ଥା-ବାରଗାଁ, ଜି-ସୁନ୍ଦରଗଡଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ମିସ୍ ବାସନ୍ତୀ ମଞ୍ଜରୀ ନନ୍ଦ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ସରୋଜ ରଂଜନ ନନ୍ଦ, ପି-୯ବାଞ୍ଛାନିଧି ନନ୍ଦ, ଗ୍ରା/ପୋ-ସାହାଜବାହାଲ, ଥା-ବାରଗାଁ, ଜି-ସୁନ୍ଦରଗଡଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୨୪୧ **ବିଜ୍ଞାପନ** ତା.୬.୧୧.୨୫

**No.CAD-2407**:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭୁବନେଶ୍ୱର ବରମୁଣ୍ଡା ହାଉସିଂ ପ୍ରକଳ୍ପରେ ଗୃହ ନଂ ଏଚ.ଆଇ.ଜି-ଡି-ସି-୬୨ (HIG-D-C-62) ଟିକୁ ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ସ୍ୱାମୀ ଶିବ ପ୍ରସାଦ ମିଶ୍ର, ସା-ଦମକଟା, ପୋ-ନିମସାହି, ଥାନା-ନରସିଂହପୁର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଡଲି ବିଶ୍ୱାଳ, ସ୍ୱାମୀ-ବ୍ରହ୍ମାନନ୍ଦ ବିଶ୍ୱାଳ, ସା-ପ୍ଲଟ ନଂ-୯୨, ଏ, ଲେନ-୩, ରୋଡ-୧, ଜଗନ୍ନାଥ ବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-

## OFFICE OF THE MUNICIPAL COUNCIL, DEOGARH

Phone No.06641-295020, E-mail: eo-deogarhmncp@gov.in
No.2670/ DMC Dt.19.11.2025

**"e" Procurement Notice**
**Bid Identification No.EO/DM/02/2025-26**

**No.C-1540:** Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. www.tendersodisha.gov.in

1. Nature of Work : Civil Work
2. No. of Works : 19 No.
3. Estimated Cost : As per NIT
4. Period of Completion : As per NIT
5. Date and Time of availability of the Documents in the Portal : From 11 hours of 21.11.2025 to 17 hours of 2.12.2025
6. Last date/time for receipt of Bids in the portal : Dt.02.12.2025 at 17 hours.
7. Original Document Submit : Dt.03.12.2025 at 17 hours
8. Bids received online shall be opened on : Dt.04.12.2025, at 17 hours
9. Name and address of the Officer Inviting Bid : Executive Officer Deogarh Municipality

Further the details can be seen from the procurement Portal www.tendersodisha.gov.in.

OIPR- **Sd./- Executive Officer Deogarh Municipality**

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ No.CAD-2414

obcc
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

No. 9876 Date:20.11.2025
File: SMT-2087 **NOTICE INVITING TENDER**

| | | |
|---|---|---|
| 1. | Name of Work | Detailed Engineering Design, Supply, Installation, Testing & Commissioning of a Water treatment system with provision of dual media filter, activated carbon filter, water softner, RO system and other units as may be required for treatment of water of Capacity-10000 LPH, and AMC of the water treatment plant for a period of 5 years for water supply to Odia University at Satyabadi in Puri District. |
| 2. | Bid Identification No. | 27/Tender/OBCC/2025-26 |
| 3. | Class of Contractor | Manufacturer/ Authorized dealer/ reputed agency of water treatment units/equipment |
| 4. | Approx. Value of Material (indicative) | Rs.35,69,000.00 |
| 5. | Bid Security Fee/ EMD (In online mode only) | Rs.71,380.00/- |
| 6. | Bid Processing Fee (Online mode only) | Rs.11,800/- (Including GST) |
| 7. | Date of availability of bid document in e-procurement portal | From Dt.24.11.2025 upto 5.00 P.M. of Dt.10.12.2025 |
| 8 | Last Date & Time of receipt of online bid | Upto 5.00 P.M. on Dt.10.12.2025 |
| 9 | Date of Opening of Tender | At 11.30 AM on Dt.11.12.2025 |
| 10 | Time for Completion | 3 (Three) Calendar Months |

11. Further details can be seen from the e-Procurement portal https://www.tendersodisha.gov.in.
12. OBCC has the right to accept or reject the Notice/RFP without assigning any reasons thereof.

OIPR- **Sd./- Chief General Manager-I**

## ODISHA PUBLIC SERVICE COMMISSION, CUTTACK

**NOTICE**

No.8103/PSC, Dt.21.11.25
(1R-16-24/25) (DR-V)

**Assistant Professor (Stage-I) in Political Science**
**(Advertisement No.27 of 2023-24)**

**No.D-264:**It is for information of all concerned that, document verification of **232 (Two hundred thirty two)** candidates, having **PPSAN** mentioned below for the post of **Assistant Professor (Stage-I) in "Political Science"**, pursuant to Advertisement No.27 of 2023-24 shall be held from **28.11.2025 to 08.12.2025** (except Govt. Holidays) as per the following programme in the Office of the Commission at 19, Dr. P.K. Parija Road, Cuttack- 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 28.11.2025 | 10.30 AM | P230157792, P240302847, P230148413, P220052590, P240302107, P240307278, P240306430, P220067836, P230162818, P220066504, P240308553, P240309511, P230110610, P230119853, P240306076, P240310538 & P220072327 = **17 Candidates** |
| | 2.30 PM | P240307104, P240311593, P240302993, P230161127, P240303011, P240299208, P220042200, P240304194, P240301717, P240298496, P240297853 & P240299859 **= 12 Candidates** |
| 29.11.2025 | 10.30 AM | P240303694, P240286918, P240302109, P230123064, P240309539, P230110938, P240301956, P240281819, P240302494, P240303605, P240307516, P240302917, P230123069, P240304170, P220050832, P240308375 & P240307638 **=17 Candidates** |
| | 2.30 PM | P230138012, P240304542, P230119850, P230161988, P240308497, P240301958, P240312912, P240298616, P240306142, P240310026, P240270021 & P230162992 **= 12 Candidates** |
| 01.12.2025 | 10.30 AM | P240306821, P230105137, P240313342, P230169134, P220065064, P240310126, P240286459, P240311489, P230160585, P240305224, P240307299, P240296849, P240305842, P240302651, P240309606, P240309839 & P240295718 **= 17 Candidates** |
| | 2.30 PM | P240298053, P240307906, P220037239, P230155489, P240307562, P240283114, P240307499, P240304492, P240303682, P240303353, P240302251 & P240297672 **=12 Candidates** |
| 02.12.2025 | 10.30 AM | P240302214, P240310094, P240309973, P240308400, P230149683, P230143298, P240311410, P240252436, P240311774, P230129288, P240304084, P240307617, P240304962, P230122945, P240311398, P220036739 & P230157920 **= 17 Candidates** |
| | 2.30 PM | P230114062, P240305163, P240289178, P240307529, P240309496, P240312025, P240308040, P240296159, P240307975, P240311084, P230124978 & P240307690 **=12 Candidates** |
| 03.12.2025 | 10.30 AM | P240304413, P220052421, P230130229, P230123326, P240309203, P240299372, P240294105, P240307743, P240307821, P230139802, P230135946, P240259242, P240298159, P230122583, P240311540, P240309100 & P240304990 **=17 Candidates** |
| | 2.30 PM | P220012529, P240306274, P230103103, P240305305, P240268828, P240309713, P230121119, P230139308, P230130100, P240305596, P240304316 & P240306581 **= 12 Candidates** |
| 05.12.2025 | 10.30 AM | P230109110, P240298635, P230123929, P240305261, P240306256, P220056976, P230125261, P240306294, P240307834, P240307954, P230217808, P240305965, P230156015, P240309282, P240301351, P240303306 & P240303902 **=17 Candidates** |
| | 2.30 PM | P230120030, P240306806, P230157004, P240304590, P230164579, P240277168, P240292366, P230117282, P230116200, P220017928, P240301911 & P240309416 **=12 Candidates** |
| 06.12.2025 | 10.30 AM | P230102285, P230131562, P230127153, P230144638, P240294106, P240307474, P220077871, P240302595, P240306477, P240303366, P230136260, P230119142, P240311707, P240302906, P230100680, P220029569 & P240303147 **=17 Candidates** |
| | 2.30 PM | P240251327, P240307685, P230194400, P230154931, P240303580, P240300285, P240301688, P230145121, P230130600, P230150063, P240296806 & P230138282 **=12 Candidates** |
| 08.12.2025 | 10.30 AM | P240311295, P240307780, P230114537, P230132715, P240308052, P230097263, P240307184, P240296549, P230097741, P230137829, P240306473, P230096402, P240301700, P230144608, P230162681, P230096924 & P240307348 **=17 Candidates** |
| | 2.30 PM | P230160918, P240302047, P240303374, P230100796, P230160546, P230141411, P240313090, P230120212, P240270318, P240278450, P240310758 & P240260401 **=12 Candidates** |

The candidates are required to submit the documents as per this Office **Notice No. 4271/PSC, dt. 21.06.2025** which is available on the Website of the Commission i.e. **www.opsc.gov.in.**

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the 'document verification' does not reserve any right for selection.

OIPR- **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

No. 8113/ PSC Dt.21.11.2025
1E-19-2025/26 (DR - III)

**Recruitment to the Post of Post Graduate Teacher in Discipline - HISTORY**
**(Advertisement No. 25 of 2023-24)**

No. D-266: In continuation to this Office Notice No. 5781/PSC, Dtd.11.08.2025, it is for information of all shortlisted candidates that the **Document Verification and Interview/personality Test** for recruitment to the post of **Post Graduate Teacher in History Discipline**, pursuant to Advertisement No. 25 of 2023-24 will be held from **05.12.2025 to 10.12.2025 (Except 07.12.2025)** in the office of OPSC 19, Dr. P.K. Parija Road, Cuttack - 753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | Roll No. of Candidates |
|---|---|---|---|
| 05.12.2025 | 08.30 A.M. | 10.30 A.M. | 102150, 102156, 102158, 102160, 102164, 102169, 102178, 102194, 102207, 102216, 102217, 102219, 102223, 102232, 102240, 102250, 102262, 102277, 102278, 102283, 102284, 102288, 102296, 102306, 102311, 102326, 102332, 102334, 102343, 102350, 102351, 102357, 102360, 102373, 201453, 201455, 201457, 201462, 201465, 201474, 201479, 201493, 201497 & 201503 **= 44 Candidates** |
| | 12.30 P.M. | 02.30 P.M. | 201513, 201514, 201529, 201536, 201544, 201550, 201552, 201560, 201561, 201562, 201574, 201576, 201580, 201582, 201590, 201592, 201600, 201614, 201620, 201622, 201636, 290017, 305060, 305067, 305071, 305074, 305088 & 305092 **= 28 Candidates** |
| 06.12.2025 | 08.30 A.M. | 10.30 A.M. | 305095, 305097, 305098, 305104, 305108, 305120, 305121, 305124, 305126, 305132, 305133, 305149, 305178, 305181, 305182, 305185, 305189, 305199, 305205, 305211, 305213, 305226, 305233, 305242, 305263, 305273, 305274, 305282, 305288, 305298, 305300, 305302, 305304, 305307, 305308, 305310, 305318, 305319, 305333, 305346, 305351, 305358, 305363 & 305365 **= 44 Candidates** |
| | 12.30 P.M. | 02.30 P.M. | 305375, 305376, 305383, 305384, 305385, 305391, 305393, 305395, 305409, 305410, 305411, 305415, 305416, 305426, 305427, 305429, 305435, 305438, 305442, 305443, 305452, 305458, 305472, 305473, 305474,305476, 305478 & 305480 **= 28 Candidates** |
| 08.12.2025 | 08.30 A.M. | 10.30 A.M. | 305486, 305493, 305495, 305500, 305507, 305522, 305525, 305534, 390106, 402183, 402185, 402186, 402187, 402195, 402196, 402203, 402204, 402206, 402208, 402217, 402222, 402226, 402230, 402237, 402238, 402247, 402249, 402250, 402254, 402259, 402263, 402266, 402281, 402282, 402286, 402291, 402294, 402300, 402301, 402308, 402318, 402321, 402324 & 402325 **= 44 Candidates** |
| | 12.30 P.M. | 02.30 P.M. | 402328, 402330, 402343, 402349, 402355, 402365, 402368, 402372, 402404, 402408, 402410, 402412, 490025, 503019, 503021, 503023, 503026, 503027, 503030, 503036, 503038, 503039, 503042, 503043, 503055, 503058, 503059 & 503061 **= 28 Candidates** |
| 09.12.2025 | 08.30 A.M. | 10.30 A.M. | 503064, 503065, 503073, 503075, 503078, 503079, 503080, 503094, 503099, 503105, 503106, 503112, 503113, 503115, 503121, 503126, 503130, 503134, 503135, 503136, 503137, 503138, 503139, 503150, 503154, 503155, 503156, 503157, 503164, 503165, 503169, 503184, 503194, 503195, 503198, 503199, 503200, 503205, 503211, 503221, 503224, 503236, 503239 & 503241 **= 44 Candidates** |
| | 12.30 P.M. | 02.30 P.M. | 503263, 503268;503270, 503276, 503277, 503280, 503284, 503285, 503288, 503297, 503302, 503305, 503310, 503317, 503319, 503322, 503328, 503348, 503350, 503358, 503360, 503366, 503369, 503370, 503378, 503379, 503381 & 503389 **= 28 Candidates** |
| 10.12.2025 | 08.30 A.M. | 10.30 A.M. | 503391, 503407, 503409, 503415, 503420, 503423, 503425, 503426, 503428, 503440, 503445, 503452, 503453, 503454, 503455, 503456, 503459, 503462, 503463, 503473, 503476, 503482, 503483, 503488, 503497, 503506, 503513, 503515, 503516, 503520, 503526, 503532 & 590023 **= 33 Candidates** |

**N.B.:** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'scheduled programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc. through OPSC e-Chayan Portal via **www.opscechayan.in**)
2. Four **(04)** passport size photographs (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelor's Degree Certificate .
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Odia Test Pass Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**); wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., Dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for Sports Persons issued by the Director of Sports Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR- **Sd./ - Secretary**

# ଡାହାଣୀ ଶିକାର ପରମ୍ପରା ଉଚ୍ଛେଦ ସଚେତନତା

ବାରିପଦା,୨୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂରବର୍ତ୍ତୀ ଏବଂ ଅନ୍‌ଲାଇନ ଶିକ୍ଷା କେନ୍ଦ୍ର (ସିଡିଓଇ) ପକ୍ଷରୁ ଶନିବାର ଆଇନଗତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପିଏମ ଉଷା ଦ୍ୱାରା ପ୍ରାୟୋଜିତ 'ଓଡ଼ିଶାରେ ଡାହାଣୀ ଶିକାର ପରମ୍ପରାର ଉଚ୍ଛେଦ ଜନିତ ଆଇନଗତ ସଚେତନତା' ଶୀର୍ଷକ କର୍ମଶାଳାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଉଦ୍‌ଘାଟନ କରିଥିଲେ।

ମୁଖ୍ୟ ଅତିଥିଭାବେ ପୂର୍ବତନ ରାଜ୍ୟ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣୀ, ମୁଖ୍ୟ ବକ୍ତାଭାବେ ମୟୂରଭଞ୍ଜ ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦିକା ରାଜଶ୍ରୀ ପଟ୍ଟନାୟକ ଯୋଗଦେଇ ଡାହାଣୀ ଶିକାର ମାମଲାରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବାକୁ ହେବ ଏବଂ ଏହି ଅପରାଧ ପାଇଁ ଏକରୁ ସାତବର୍ଷ ପର୍ଯ୍ୟନ୍ତ କାରାଦଣ୍ଡର ପ୍ରାବଧାନ ରହିଥିବା କହିଥିଲେ। ସମ୍ମାନିତ ଅତିଥିଭାବେ ବାରିପଦା ସଦର ଉପ ଜିଲାପାଳ ଡ. ଦୟାସିନ୍ଧୁ ପରି, ମୟୂରଭଞ୍ଜ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଚ୍ଛାୟତ ଯୋଗଦେଇଥିଲେ। ପୃଷ୍ଠପୋଷକ ଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ପିଏମ ଉଷା କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ଏଭଳି କାର୍ଯ୍ୟକ୍ରମ ସାମାଜିକ ନ୍ୟାୟ ଓ ଲିଙ୍ଗ ସମାନତାକୁ ପ୍ରୋତ୍ସାହିତ କରିବ କରିବ ବୋଲି କହିଥିଲେ। କାର୍ଯ୍ୟକାରୀ ସମ୍ପାଦକ ପ୍ରଫେସର ଡ. ସୁଜୟ କୁଣ୍ଡୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆବାହକ ପ୍ରଫେସର ସୁକାନ୍ତ ନାୟକ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଉପନିର୍ଦ୍ଦେଶକ ତଥା ସହ-ଆବାହକ ଡ. ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଅଭିପ୍ସା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିହାରର ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଜିତ ଚୌଧୁରୀ, ଉତ୍ତରାଖଣ୍ଡର ହେମବତୀ ନନ୍ଦନ ବହୁଗୁଣା ଗରହୱାଲ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡ. ଲାମୁ ସେରିଙ୍ଗ ଭୁଟ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ ମୟୂରଭଞ୍ଜର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତିନିଧିଗଣ ଯୋଗଦାନ କରିଥିଲେ।

# ନାଟକ 'ନିସ୍ତବ୍ଧ ସାହାନାଇ' ମଞ୍ଚସ୍ଥ

## ଜାତୀୟ ବହୁଭାଷୀ ନାଟକ ମହୋତ୍ସବ

ବାରିପଦା,୨୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହିଦ ସ୍ମୃତି ଭବନରେ ରୂପାନ୍ତର ଅନୁଷ୍ଠାନ ଆନୁକୂଲ୍ୟରେ ୬ ଦିନିଆ ଜାତୀୟ ବହୁଭାଷୀ ନାଟକ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସଂସ୍ଥାର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବିଶିଷ୍ଟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଉପସ୍ଥିତ ରହି ନାଟକ ମହୋତ୍ସବର ସଫଳତା କାମନା କରିଥିଲେ।

ପ୍ରଥମ ସନ୍ଧ୍ୟାରେ ବାରିପଦାର ଅଗ୍ରଣୀ ନାଟ୍ୟସଂସ୍ଥା ରୂପାନ୍ତର ପ୍ରଯୋଜିତ ଓଡ଼ିଆ ନାଟକ 'ନିସ୍ତବ୍ଧ ସାହାନାଇ' ମଞ୍ଚସ୍ଥ ହୋଇଯାଇଛି। ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ତଥା ପରେଶ ସାହୁଙ୍କ ନିର୍ଦ୍ଦେଶିତ ନାଟକରେ ଅନୁପ ସାହା, ସତ୍ୟନାରାୟଣ ଦାସ, ସପନ ପଣ୍ଡା, ମଦନ ଜେନା, ରବୀନ୍ଦ୍ର ବେହେରା, ଦିନେଶ ସାହୁ, ନାରାୟଣ ମଣ୍ଡଳ, ଆଲୋକ ଦାସ, ପ୍ରଦୀପ ଚୌଧୁରୀ ଓ ପଦ୍ମିନୀ ପାଢ଼ୀ ଅଭିନୟ କରିଥିବା ବେଳେ ଆଲୋକରେ କୁମାର ଲାଇଟ, କଟକ, ସଙ୍ଗୀତରେ ଗୁରୁ ନନ୍ଦ କିଶୋର ଦାସ, ଗୀତ ରଚନାରେ ରାଜଶ୍ରୀ ସାହୁ, ଶବ୍ଦ ସଂଯୋଜନାରେ ଶୁଭେନ୍ଦୁ ସାହୁ, ମଞ୍ଚ ପରିକଳ୍ପନାରେ ଅପୂର୍ବ ସାହୁ, ମଞ୍ଚସଜ୍ଜାରେ ସୁମନ୍ତ ଆର୍ଟ ଓ ସହ ନିର୍ଦ୍ଦେଶନାରେ ସତ୍ୟନାରାୟଣ ଦାସ ସହଯୋଗ କରିଥିଲେ । ପ୍ରଥମ ସନ୍ଧ୍ୟାରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ରାମଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସକାଳେ ପ୍ରଥମେ ଯୋଗାସନ, ପରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସଂସ୍ଥାର ନିର୍ଦ୍ଦେଶକ ପରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମଞ୍ଚସ୍ଥ ନାଟକ 'ନିସ୍ତବ୍ଧ ସାହାନାଇ'ର ଏକ ଦୃଶ୍ୟ।

# ଖଟିଆରେ ପ୍ରସବକଲେ ଗର୍ଭବତୀ




## ଜନନୀ ଯନ୍ତ୍ରଣା

ଉଦଳା,୨୨।୧୧(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ପଦ୍ମପୋଖରୀ ଗ୍ରାମରୁ ପୁଣି ଜନନୀ ଯନ୍ତ୍ରଣା ଖବର ସାମ୍ନାକୁ ଆସିଛି। ଜଣେ ଗର୍ଭବତୀ ପ୍ରସବ ଯନ୍ତ୍ରଣା ପାଉଥିବା ବେଳେ ଗାଁକୁ ଆମ୍ବୁଲାନ୍ସ ନ ଆସିବାରୁ ଖଟିଆରେ ବୁହା ହୋଇଥିଲେ। ବୁହା ହୋଇ ଗାଡ଼ି ପାଖୁ ଯିବା ସମୟରେ ଖଟିଆରେ ପ୍ରସବ କରିଥିବା ଦେଖାଯାଇଛି।

ସୂଚନା ଅନୁଯାୟୀ, ପଦ୍ମପୋଖରୀ ପଞ୍ଚାୟତ ଧନାସାହିର ସମା ମହାକୁଡ଼ଙ୍କ ସ୍ତ୍ରୀ ନାନ୍ଦୀ ମହାକୁଡ଼ଙ୍କର ଶନିବାର ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ନାଳ ପାର ହୋଇ ନ ପାରି ଗ୍ରାମଠାରୁ ୨ କି.ମି. ଦୂରରେ ଅଟକି ରହିଥିଲା। ପରିବାର ଓ ଗ୍ରାମବାସୀ ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ଖଟିଆରେ ବୋହି ଆଣିବା ସମୟରେ ଆମ୍ବୁଲାନ୍ସ ପାଖରେ ପହଞ୍ଚିବା ପୂର୍ବରୁ ନବଜାତକଙ୍କୁ ଜନ୍ମ ଦେଇଥିଲା। ପରେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ଶାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟ ମା', ଶିଶୁ ସୁସ୍ଥଥିବା ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି। ତେବେ ଗ୍ରାମ ରାସ୍ତା ନେଇ ପୂର୍ବରୁ ଅନେକ ବାର ଅଭିଯୋଗ ହୋଇଛି। ଆଜି ପର୍ଯ୍ୟନ୍ତ ରାସ୍ତା ହୋଇ ନ ଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ଗ୍ରାମବାସୀ କହିଛନ୍ତି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୨୦୧ **ବିଜ୍ଞାପନ** ତା.୦୧.୧୧.୨୫

**No.CAD-2402**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଛେଣ୍ଡ କଲୋନୀ, ତୃତୀୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ.ଏମ୍.ଆଇ.ଜି.-୨-୨୦୨, (MIG-II-202) କୁ ମିସ୍ ବାସନ୍ତୀ ମଞ୍ଜରୀ ନନ୍ଦ, ପି-ଂବାଞ୍ଛାନିଧି ନନ୍ଦ, ଗ୍ରା/ପୋ-ସାହାଜବାହାଲ, ଥା-ବାରଗାଁ, ଜି-ସୁନ୍ଦରଗଡଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ମିସ୍ ବାସନ୍ତୀ ମଞ୍ଜରୀ ନନ୍ଦ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ସରୋଜ ରଂଜନ ନନ୍ଦ, ପି-ଂବାଞ୍ଛାନିଧି ନନ୍ଦ, ଗ୍ରା/ପୋ-ସାହାଜବାହାଲ, ଥା-ବାରଗାଁ, ଜି-ସୁନ୍ଦରଗଡଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୨୪୧ **ବିଜ୍ଞାପନ** ତା.୬.୧୧.୨୫

**No.CAD-2407**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭୁବନେଶ୍ୱର ବରମୁଣ୍ଡା ହାଉସିଂ ପ୍ରକଳ୍ପରେ ଗୃହ ନଂ ଏଚ.ଆଇ.ଜି-ଡି-ସି-୬୨ (HIG-D-C-62) ଟିକୁ ଶ୍ରୀମତୀ ସ୍ୱିଗ୍ଧା ମିଶ୍ର, ସ୍ୱାମୀ ଶିବ ପ୍ରସାଦ ମିଶ୍ର, ସା-ଦମକଟା, ପୋ-ନିମସାହି, ଥାନା-ନରସିଂହପୁର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଡଲି ବିଶ୍ୱାଳ, ସ୍ୱାମୀ-ବ୍ରହ୍ମାନନ୍ଦ ବିଶ୍ୱାଳ, ସା-ପ୍ଲଟ ନଂ-୯୨, ଏ, ଲେନ-୩, ରୋଡ-୧, ଜଗନ୍ନାଥ ବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-

## OFFICE OF THE MUNICIPAL COUNCIL, DEOGARH

Phone No.06641-295020, E-mail: eo-deogarhmncp@gov.in
No.2670/ DMC Dt.19.11.2025

### "e" Procurement Notice
### Bid Identification No.EO/DM/02/2025-26

**No.C-1540:** Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. www.tendersodisha.gov.in

1. Nature of Work : Civil Work
2. No. of Works : 19 No.
3. Estimated Cost : As per NIT
4. Period of Completion : As per NIT
5. Date and Time of availability of the Documents in the Portal : From 11 hours of 21.11.2025 to 17 hours of 2.12.2025
6. Last date/time for receipt of Bids in the portal : Dt.02.12.2025 at 17 hours.
7. Original Document Submit : Dt.03.12.2025 at 17 hours
8. Bids received online shall be opened on : Dt.04.12.2025, at 17 hours
9. Name and address of the Officer Inviting Bid : Executive Officer Deogarh Municipality

Further the details can be seen from the procurement Portal **www.tendersodisha.gov.in.**

**Sd./- Executive Officer**
**Deogarh Municipality**

OIPR-

## obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ No.CAD-2414

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

## ODISHA BRIDGE & CONSTRUCTION CORPORATION LIMITED

**(A Government of Odisha Undertaking under Works Department)**

**No. 9876** **Date:20.11.2025**

**File: SMT-2087** **NOTICE INVITING TENDER**

| | | |
|---|---|---|
| 1. | Name of Work | Detailed Engineering Design, Supply, Installation, Testing & Commissioning of a Water treatment system with provision of dual media filter, activated carbon filter, water softner, RO system and other units as may be required for treatment of water of Capacity-10000 LPH, and AMC of the water treatment plant for a period of 5 years for water supply to Odia University at Satyabadi in Puri District. |
| 2. | Bid Identification No. | 27/Tender/OBCC/2025-26 |
| 3. | Class of Contractor | Manufacturer/ Authorized dealer/ reputed agency of water treatment units/equipment |
| 4. | Approx. Value of Material (indicative) | Rs.35,69,000.00 |
| 5. | Bid Security Fee/ EMD (In online mode only) | Rs.71,380.00/- |
| 6. | Bid Processing Fee (Online mode only) | Rs.11,800/- (Including GST) |
| 7. | Date of availability of bid document in e-procurement portal | From Dt.24.11.2025 upto 5.00 P.M. of Dt.10.12.2025 |
| 8 | Last Date & Time of receipt of online bid | Upto 5.00 P.M. on Dt.10.12.2025 |
| 9 | Date of Opening of Tender | At 11.30 AM on Dt.11.12.2025 |
| 10 | Time for Completion | 3 (Three) Calendar Months |

11. Further details can be seen from the e-Procurement portal https://www.tendersodisha.gov.in.
12. OBCC has the right to accept or reject the Notice/RFP without assigning any reasons thereof.

OIPR- **Sd./- Chief General Manager-I**

## ODISHA PUBLIC SERVICE COMMISSION, CUTTACK

**NOTICE**

**No.8103/PSC, Dt.21.11.25**
**(1R-16-24/25) (DR-V)**

### Assistant Professor (Stage-I) in Political Science
### (Advertisement No.27 of 2023-24)

**No.D-264:**It is for information of all concerned that, document verification of **232 (Two hundred thirty two)** candidates, having **PPSAN** mentioned below for the post of **Assistant Professor (Stage-I) in "Political Science"**, pursuant to Advertisement No.27 of 2023-24 shall be held from **28.11.2025 to 08.12.2025** (except Govt. Holidays) as per the following programme in the Office of the Commission at 19, Dr. P.K. Parija Road, Cuttack- 753001.

### PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 28.11.2025 | 10.30 AM | P230157792, P240302847, P230148413, P220052590, P240302107, P240307278, P240306430, P220067836, P230162818, P220066504, P240308553, P240309511, P230110610, P230119853, P240306076, P240310538 & P220072327 = **17 Candidates** |
| | 2.30 PM | P240307104, P240311593, P240302993, P230161127, P240303011, P240299208, P220042200, P240304194, P240301717, P240298496, P240297853 & P240299859 **= 12 Candidates** |
| Providing watch and ward services at HHEP, Burla and GSPCL site office, Rourkela for two years. | Rs.11800/- (Rs.10000/-+ GST 18%) | 4,83,400/- |

- Sale of tender paper : **24.11.2025 (10.00 AM) to 16.12.2025 upto 05.30 PM**
- Receipt of tender paper: **17.12.2025 upto 03.30 PM**
- Date & Time of opening of tender: **17.12.2025 at 04.00 PM**
- Further details of tender documents, terms & conditions, corrigendum etc to the tender call notice, please visit our website: **www.ohpcltd.com.**

OIPR- Sd./- Unit Head, HHEP, Burla

OFFICE OF THE DIVISIONAL FOREST OFFICER, KALAHANDI NORTH DIVISION
NEAR OLD GOVT. BUS STAND, BHAWANIPATNA, KALAHANDI, ODISHA-766001
E-mail ID: dfo.kalahandinorth@odisha.gov.in, Phone No. 06670-230526
CORRIGENDUM
No. MM- : With reference to the Tender Bid identification No. BC-DFOKLDN-01/2025-26 Dt.10.10.2025, it is hereby informed to all concerned that due to some technical snag the dates of the following events is changed as mentioned below.

| Sl. No. | Name of the work | Building Works as per DTCN available in the website www.tenderodisha.gov.in |
|---|---|---|
| 1 | Estimated Cost | Rs.17,17,324/- |
| 2 | No.of Works | 1 no. of Forest Guard Quarter |
| 3 | Period & time of completion | 3 (Three) calendar months |
| 4 | Date & time of availability of bid document in the portal | 22.11.2025 to 07.12.2025 (Upto 5.00 PM) online bidding |
| 5 | Last Date/Time for receipt of bids in the portal | Upto 5.00 PM of 07.12.2025 |
| 6 | Date & Time of bid opening | 11.00 AM on 08.12.2025 |
| 7 | Name & Address of the officer inviting Bid | Divisional Forest Officer, Kalahandi North Division, At- Bhawanipatna, Dist.- Kalahandi, PIN-766001 |

All other terms and conditions of the Tender will remain unaltered.
OIPR- Sd./- Divisional Forest Officer, Kalahandi North Division

See Career Appointment on every Wednesday & Saturday

OFFICE OF THE SUPERINTENDENT, MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,
BRAHMAPUR-760004, GANJAM, ODISHA
Tel.0680-2292624, FAX.:0680-2292752
E.mail: supdtmkcg@gmail.com, mkcgmchberhampur@gmail.com
Website: www.mkcgmch.org
No. 21389/MCH/XX/MS/2025 D/Berhampur the 18.11.25
QUOTATION CALL NOTICE
No. E-528:- Sealed quotations/tenders are on letter pads are invited from interested travel agencies /tour operator or private individuals for providing **01 number of AC Petrol/EV** driven vehicles, it is preferable to hire BS-VI complaint petrol vehicles/EV of any make and model having sitting capacity not more than 5 including driver for monthly basis minimum average receipt of (exclusive of applicable taxes) including driver for monthly basis minimum average **milage 17 K.M per ltr.** and within the ceiling of monthly Hiring charges of Rs. 24000/- In MKCG Medical College Hospital, Berhampur. The last date of receipt of quotation through Regd. Post/Speed Post/Courier is 08.12.2025 at 5.00 P.M. and opened on 09.12.2025. The quotation received after closing date and time will not be considered. The application form of quotation containing general bid information and the detail term and conditions for hiring of vehicles may be obtained at the Ganjam district website - www.ganjam.odisha.gov.in. The Superintendent, M.K.C.G Medical College Hospital, Berhampur reserves the right to accept/ reject/ cancel any or all the quotation in full or part at any stage of the process without assigning any reason there. All legal disputes if any relating to this tender are subject to jurisdiction in the courts of law situated at Berhampur, Ganjam, Odisha only.
OIPR- Sd./- Superintendent, M.K.C.G. Medical College Hospital, Berhampur

GOVERNMENT OF ODISHA
A-953
OFFICE OF THE SUPERINTENDING ENGINEER MINOR IRRIGATION DIVISION, KHORDHA
Tel. No. (06755) 221502, E-mail: eemidkhurda@yahoo.co.in
Letter No. 5260 Dt. 20.11.2025
Invitation for Bids
Bid Identification No. SEMIDKHD 13/2025-26

| | | | |
|---|---|---|---|
| 1 | The Superintending Engineer, Minor Irrigation Division, Khordha on behalf of the Governor of Odisha, invites Percentage Rate Bids in Single and double Cover system in Online Mode only for civil works in MIPs under CAPEX Scheme and Check Dams under MATY Scheme as detailed in the table below from the eligible Class of Contractors. | | |
| 2 | Nature of Work | : | **Civil works in MIPs under CAPEX Scheme and MATY Scheme in differrent Blocks of Khordha District.** |
| 3 | No. of Works | : | 12 (Twelve) Nos. Only |
| 4 | Cost of Bid Document | : | Rs. 10,000/- & 6000/- (through online) only |
| 5 | Tender Value | : | Rs.43.48 to 99.99 lakhs |
| 6 | Class of Contractor | : | "B" Class as applicable |
| 7 | Availability of Bid Documents Online | : | 10.30 A.M. of Dt.25.11.2025 to 5.30 P.M. of Dt.04.12.2025 |
| 8 | Last Date and Time for receipt of Bids in the Portal | : | 5.30 P.M. of Dt. 04.12.2025 |
| 9 | Date of Opening of Bids | : | 11.30 A.M. of Dt.05.12.2025 |
| 10 | The Bidders shall have to participate in online bidding only. Further details can be seen from the website https://tenders.odisha.gov.in. Any addendum/Corrigendum/Cancellation of Bid can also be seen in the said website. The Authority reserves the right to defer/reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same. | | |

OIPR- Sd./- Superintending Engineer, Minor Irrigation Division, Khordha

OFFICE OF THE SUPERINTENDING ENGINEER
P.H. DIVISION,BHUBANESWAR, SAHID NAGAR, ODISHA
Phone/Fax: 0674-2540578 (O)/ e-Mail:eephiiibbsr@gmail.com
No.C-1549 Office Order No. 8548/ Dt.20.11.2025
Bid Identification No.EEPHBBSR-47/2025-26, Dt.12.11.2025
**1) The Tender ID: 2025_PHEO_121307_1** for the work "Laying of 200mm dia D.I.K-9 pipe for RWRM pipe line of Khandapada NAC for widening and strengthening of Khandapada-Fathegarh PWD road from 0/00 to 18/030 km. (Trinath Chhak to Forest Office RWRM Right side)".
**2) The Tender ID: 2025_PHEO_121308_1** for the work "Laying of 200mm dia D.I.K-9 pipe for distribution pipe line of Khandapada NAC for widening and strengthening of Khandapada-Fathegarh PWD road from 0/00 to 18/030 km. (Trinath Chhak to Bhbutubhuti distribution line left side & Trinath Chhak to SCS School Distribution line Right side)".
**3) The Tender ID: 2025_PHEO_121311_1** for the work "Laying of 200mm dia D.I.K-9 pipe for CWRM pipe line and 100mm dia D.I.K-7 pipe for distribution pipe line of Khandapada NAC for widening and strengthening of Khandapada-Fathegarh PWD road from 0/00 to 18/030 km. (Chadeibasa to Bhutubhuti CWRM left side. Trinath Chhak to Chadeibasa CWRM right side and Bhutubuti to Kusumi Bridge distribution left side with Trinath Chhak to SCS School Distribution right side.)"
**4) The Tender ID: 2025_PHEO_121315_1** for the work "Laying of 200mm dia M.S. Pipe for CWRM & RWRM pipe line and 100mm dia M.S. pipe for distribution pipe line including fitting & fixing of valves of Khandapada NAC for widening and strengthening of Khandapada-Fathegarh PWD road from 0/00 to 18/030 Km."
**5) The Tender ID: 2025_PHEO_121320_1** for the work "Construction of sluice valve chamber & revival of old house service connections of Khandapada NAC for widening and strengthening of Khandapada-Fathegarh PWD road from 0/00 to 18/030 Km."
**6) The Tender ID: 2025_PHEO_121325_1** for the work "Dismantling and removing of 200mm dia D.I./M.S. pipe for CWRM & RWRM pipe line and 100mm dia D.I./ M.S. pipe for distribution pipe line of Khandapada NAC for widening and strengthening of Khandapada-Fathegarh PWD road from 0/00 to 18/030 Km."
**All the above tender IDs are hereby cancelled due to technical issue.**
OIPR: Sd./- Superintending Engineer, PH Division, Bhubaneswar

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI
Letter No: 4860/25 Date: 20/11/2025
CORRIGENDUM
**Name- Corrigendum to the Tender for Outsourcing of Diet Services for indoor Patients of DHH, Malkangiri**
**Tender Ref No-12691/25-Diet/DHH (38-B) Malkangiri**
No.E-520:- It is to inform to all prospective bidders that, to note the following changes and modifications based on pre-bid discussion which was held on dated 19/11/2025 at 11 AM at office chamber of DMO (MS) Cum SPtd, DHH, Malkangiri.
**Changes and ammendment:**
1- In page no 06, Bid document cost which was mentioned Rs 5000/- in RFP now revised to Rs 500/-.
2- In page no 36 , Section 5-Criteria for evaluation,Total mark was 10 which was revised to 100 (90+10) marks, including 10 Marks for PPT Presentation and for work experience there was 30 marks which was revised to 20 marks.
3- In existing clause there is no provision for PPT presentation which was revised into a PPT presentation having 10 marks is added into evaluation criteria.
**Additional Clarification:**
The above modification shall be considered during bid submission and evaluation. All bidders must ensure that they comply with the revised evaluation criteria and fee structure.
**Important Notice**
All other terms and condition of the original tender document remain unchanged. This Corrigendum shall form an Integral part of the Tender document. Bidders are advised to consider these changes while submitting their bids. The last date for submission of Bid opening of technical bid shall remain unchanged.
The bidder or their authorised representative should attend at the time of opening of technical bid with PPT presentation with both soft and hard copy on approach and methodology regarding, how the bidder proposes to implement the Diet services based on the TOR of the RFP (for max 15 mnt only), failing which their bid shall be rejected instantly without any further notice or communication.
OIPR- Sd./- Dolamani Pradhan, Chief District Medical & Public Health Officer, Malkangiri

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................


ହରି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟାଇବ୍ରେକରରେ କେରଳ ପୋଲିସ ବିଜୟୀ

## ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ

**ଢେଙ୍କାନାଳ,୨୨।୧୧(ରତନ ନାୟାର)**

ଢେଙ୍କାନାଳ କ୍ରୀଡା ସଂଘ ପକ୍ଷରୁ ଓଡିଶା ସରକାରଙ୍କର କ୍ରୀଡା ଓ ଯୁବ ବ୍ୟାପାର ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତାର ଶନିବାର ମ୍ୟାଚରେ କେରଳ ପୋଲିସ ଟାଇବ୍ରେକର ଜରିଆରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୬-୫ ଗୋଲରେ ପରାସ୍ତ କରି କ୍ୱାଟର ଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍-ବିର ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ ପ୍ରଦାନ କରିଥିଲେ। ମ୍ୟାଚ ଅମିମାଂସିତ ହେବାରୁ ପେନାଲଟିକ୍ ଶୁଟ୍ ଆଉଟ୍ ତଥା ଟାଇବ୍ରେକର ମାଧ୍ୟମରେ କେରଳ ପୋଲିସ, ରିଜର୍ଭ ବ୍ୟାଙ୍କ ଇଣ୍ଡିଆକୁ ୬-୫ ଗୋଲରେ ପରାସ୍ତ କରିଥିଲେ। ଏହି ମ୍ୟାଚରେ କେରଳ ପୋଲିସ ପକ୍ଷରୁ ମହମ୍ମଦ ରଫିକ୍ ଓ ରିଜର୍ଭ ବ୍ୟାଙ୍କ ଇଣ୍ଡିଆ ପକ୍ଷରୁ ଖେଳୁଥିବା ଆସିକ୍ କୁରୁନିଆ ଭାରତୀୟ ଫୁଟବଲ ଦଳରେ ଖେଳୁଥିବାରୁ ଉଭୟଙ୍କୁ ଓଡିଶା ଅଲିମ୍ପିକ ଆସୋସିଏସନର ସମ୍ପାଦକ ତଥା ଏଆଇଏଫ୍ଏଫ୍ ଉପସଭାପତି ଅଭିଜିତ ପାଲ ଓ ନୟାଗଡ ଜିଲା କ୍ରୀଡା ସଂଘ ସମ୍ପାଦକ ହଜରତ ଅଲ୍ଲୀ ଖାଁ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ମ୍ୟାଚରେ କେରଳ ପୋଲିସର ଗୋଲକିପର ଅଜୟ ମ୍ୟାନ୍ ଅଫ୍ ମ୍ୟାଚ ବିବେଚିତ ହୋଇ ଦୁଇ ହଜାର ଟଙ୍କା ନଗଦ ଅର୍ଥ ପୁରସ୍କାର ପାଇଥିଲେ। ଏହି ମ୍ୟାଚକୁ ରେଫରି ଜ୍ୟୋତି ରଞ୍ଜନ ସ୍ୱାଇଁ, ସୁବ୍ରତ ପୁରୋହିତ, ଦେବରାଜ ସ୍ୱାଇଁ, ପ୍ରଦୀପ୍ତ ନାୟକ ଓ ବୋନସନ ବରାଳ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଥିଲେ। ଅତିଥି ଭାବେ ଯୋଗଦେଇ ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବିଶତପଥୀ ମ୍ୟାଚର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବରେ ରିଲାଏନ୍ସ ଟ୍ରେଣ୍ଡ ପରଫରମାନ୍ସ ମାର୍କେଟିଙ୍ଗ ମ୍ୟାନେଜର ଓଡିଶା ଶଶାଙ୍କ କୁମାର ଓ କ୍ଲଷ୍ଟର ଅପରେସନ ମ୍ୟାନେଜର ଓଡିଶା ରାଜେଶ କୁମାର ଏବଂ ମାର୍କେଟିଙ୍ଗ୍ ହେଡ ଓଡିଶା ସଚ୍ଚିଦାନନ୍ଦ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ରବିବାର ପ୍ରଥମ ସେମି ଫାଇନାଲରେ ସନରାଇଜ୍ କ୍ଲବ କଟକ, ଇନକମଟାକ୍ସ ଚେନ୍ନାଇକୁ ଭେଟିବ।




ଧ-୨୬୫୯


# ଭାରତ ଫାଇନାଲରେ

## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍



ପ୍ଲେୟର ଅଫ୍ ଦି ମ୍ୟାଚ୍ ବାସନ୍ତୀ ହାଁସଦା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**କଲମ୍ବୋ, ୨୨।୧୧**

ସ୍ଥାନୀୟ ପି. ସାରାଭାନାମୁତ୍ତୁ ଷ୍ଟାଡିୟମରେ ଅଷ୍ଟ୍ରେଲିଆକୁ ୯ ଉଇକେଟରେ ପରାସ୍ତ କରି ଭାରତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ରବିବାର ଫାଇନାଲରେ ଦଳ ନେପାଳକୁ ଭେଟିବ। ନେପାଳ ଅନ୍ୟ ସେମିଫାଇନାଲରେ ପାକିସ୍ତାନକୁ ୭ଉଇକେଟରେ ହରାଇ ଦେଇଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୦୯ ରନ କରିଥିଲା। ଦଳର ଟପ୍ ସ୍କୋରର ଜାନାକାନ ବୁଆଖାଓ ୩୪ ରନ କରିଥିଲେ। ଅଷ୍ଟ୍ରେଲିଆର ୬ଜଣ ବ୍ୟାଟର ରନଆଉଟ ହୋଇଥିଲେ। ଭାରତର ସିମରନଜିତ୍ କୌର ତାଙ୍କ ୨ ଓଭର ବୋଲିଂରେ ମାତ୍ର ୬ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୧୧.୫ ଓଭରରେ ୧ ଉଇକେଟ ବିନିମୟରେ ୧୧୨ ରନ କରିଥିଲା। ଦଳର ଟପ୍ ସ୍କୋରର ତଥା ପ୍ଲେୟର ଅଫ୍ ଦି ମ୍ୟାଚ୍ ବାସନ୍ତୀ ହାଁସଦା ୪୫ରନ କରିଥିବା ବେଳେ ଗଙ୍ଗା କଦମ ଓ କେ. କରୁଣା ଯଥାକ୍ରମେ ୪୧ ଓ ୧୬ ରନ କରି ଅପରାଜିତ ରହିଥିଲେ।

# ସିଦ୍ଧାନ୍ତ-ପ୍ରଜ୍ୱଲଙ୍କୁ ଡବଲ୍ସ ଟାଇଟଲ

## ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍

## ସିଙ୍ଗଲ୍ସ ସେମିରେ କବିର ପରାସ୍ତ

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ପୁରୁଷ ୱାର୍ଲ୍ଡ ଟେନିସ ଟୁର୍ (ଏମ୧୫ ଭୁବନେଶ୍ୱର) ପ୍ରତିଯୋଗିତାର ଡବଲ୍ସ ଟାଇଟଲ ଜିତିଛନ୍ତି ସିଦ୍ଧାନ୍ତ ବନ୍ଥିଆ ଓ ଏସ.ଡି. ପ୍ରଜ୍ୱଲ ଦେବ। ଏହି ଭାରତୀୟ ଯୋଡ଼ି ଶନିବାର ଅନୁଷ୍ଠିତ ଫାଇନାଲରେ ମାଧ୍ୱିନ କାମାଥ ଓ ରୋହନ ମେହରାଙ୍କୁ ୭-୬ (୫), ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଓଡ଼ିଶାର ପ୍ରଥମ ଖେଳାଳିଭାବେ ଏପରି ଏକ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଥିବା କବିର ହଂସଙ୍କ ଅଭିଯାନ ଶେଷ ହୋଇଛି। ସେମିଫାଇନାଲରେ ସେ ଦିଗ୍‌ବିଜୟ ପ୍ରତାପ ସିଂଙ୍କଠାରୁ ୩-୬, ୨-୬ରେ ହାରି ଯାଇଛନ୍ତି। ଅନ୍ୟ ସେମିଫାଇନାଲରେ ପ୍ରଜ୍ୱଲ ଦେବ ୭-୬(୪), ୬-୦ରେ ମନୀଷ ସୁରେଶ କୁମାରଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଦିଗ୍‌ବିଜୟ ଓ ପ୍ରଜ୍ୱଲଙ୍କ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଆଇଟିଏଫ୍ ରେଫରି ପ୍ରବୀଣ କୁମାର ନାୟକଙ୍କ ଉପସ୍ଥିତିରେ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ତଥା ଓଡ଼ିଶା ଟେନିସ ଆସୋସିଏଶନ ଯୁଗ୍ମ ସମ୍ପାଦକ ସମିତ ପଟ୍ଟନାୟକ ଡବଲ୍ସରେ ବିଜେତା ଓ ରନରଅପ୍‌ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଆଶୁତୋଷ-ସୁବ୍ରତ ଫାଇନାଲ

## ଅଲ୍ ଓଡ଼ିଶା ସ୍ନୁକର

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

ପଟିଆସ୍ଥିତ ୬ପକେଟ୍ସ କ୍ଲବରେ ଚାଲିଥିବା ୩୧ତମ ଅଲ୍ ଓଡ଼ିଶା ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ସେମିଫାଇନାଲ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଆଶୁତୋଷ ପାଢ଼ୀ ଓ ସୁବ୍ରତ ଦାସ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଆଶୁତୋଷ ୫-୦ (୮୫-୪୦, ୯୧-୦, ୮୯-୪୫, ୪୫-୧୬, ୮୯-୦) ଫ୍ରେମ୍‌ରେ ରୁମିତ ଗୁପ୍ତାଙ୍କୁ ପରାସ୍ତ କରିଛନ୍ତି। ସେହିପରି ଦ୍ୱିତୀୟ ସେମିଫାଇନାଲରେ ସୁବ୍ରତ ୫-୧ (୬୮-୧୦, ୧୪-୬୨, ୭୨-୨୧, ୮୦-୨୯, ୫୭-୪୯, ୫୪-୩୬) ଫ୍ରେମ୍‌ରେ ସିଦ୍ଧାର୍ଥ ସେନ୍‌ଙ୍କୁ ହରାଇ ଦେଇଛନ୍ତି। ଆଶୁତୋଷ ଓ ସୁବ୍ରତ ପ୍ରଭାବୀ ପ୍ରଦର୍ଶନ କରିବାରୁ ୨ଟି ଯାକ ସେମିଫାଇନାଲ ଏକପାଖିଆ ହୋଇଯାଇଥିଲା। ସିନିୟର ସ୍ନୁକରରେ ଏହା ପୂର୍ବରୁ ସୁବ୍ରତ ୫ଥର ଏବଂ ଆଶୁତୋଷ ୪ ଥର ଟାଇଟଲ ଜିତି ସାରିଛନ୍ତି।

# ଗ୍ଲୋବାଲ ଫିଜିଓ, ଓଡିଏମ୍ ଗ୍ଲୋବାଲ ବିଜୟୀ

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**


ବିଶ୍ୱ ନାୟକ (ଡାହାଣ) ପୁରସ୍କୃତ ହେଉଛନ୍ତି।

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ଶନିବାର ଅନୁଷ୍ଠିତ ୨ଟି ମ୍ୟାଚରେ ଗ୍ଲୋବାଲ ଫିଜିଓ ସେଲ୍ ଏବଂ ଓଡିଏମ୍ ଗ୍ଲୋବାଲ ଏଫ୍‌ସି ବିଜୟ ହାସଲ କରିଛି। ଅପରାହ୍ନ ୨ଟାରେ ଅନୁଷ୍ଠିତ ମ୍ୟାଚରେ ଗ୍ଲୋବାଲ ଫିଜିଓ ୮-୧ ଗୋଲରେ ସିଟି କ୍ଲବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ବିଶୁ ନାୟକ ୨୩, ୪୫, ୫୦ ଓ ୫୫ତମ ମିନିଟରେ ୪ଟି ଗୋଲ ଦେଇଥିଲେ। ମୁସ୍ତାକିନ୍ ଖାଁ ୨ଟି ଏବଂ ସନ୍ତୋଷ ବେହେରା ଓ ରୁଦ୍ର ପ୍ରସାଦ ନାୟକ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସିଟି କ୍ଲବ ପକ୍ଷରୁ ପ୍ରବୀଣ ମଲିକ ଗୋଟିଏ ଗୋଲ ପରିଶୋଧ କରିଥିଲେ। ହ୍ୟାଟ୍ରିକ ସହ ୪ ଗୋଲ ଦେଇଥିବା ବିଶୁ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆୟୋଜକ ଆସୋସିଏଶନର ସିନିୟର ସଦସ୍ୟ ଗୌରବ ପ୍ରସାଦ ନନ୍ଦ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦିବସର ଦ୍ୱିତୀୟ ମ୍ୟାଚରେ ଓଡିଏମ୍ ଗ୍ଲୋବାଲ ୫-୩ ଗୋଲରେ ମା' ମଙ୍ଗଳା ଏଫ୍‌ସିକୁ ହରାଇ ଦେଇଛି। ବିଜୟୀ ଦଳର ଗୁଲସନ ଡିଗଲ ୨ଟି ଏବଂ ରିଙ୍କୁ କଅଁର, ପ୍ରୀତମ ଟୁଡୁ ଓ ଶମ୍ଭୁନାଥ ମୁର୍ମୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମା' ମଙ୍ଗଳା ଦଳର ବରିସ ହେମ୍ବ୍ରମ ୨ଟି ଓ ଆଶୀର୍ବାଦ ବେହେରା ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫୁଟବଲ କୋଚ୍ ଶଙ୍କର୍ଷଣ ଜେନା ଅତିଥିଭାବେ ଯୋଗଦେଇଥିଲେ।


# Classified Everyday
0674-2580101, 9692975378


MATRIMONIAL

BRIDE WANTED

Wanted beautiful, educated tall girl (Age-26-30 years) for BTECH +MBA (from KIIT, Bhubaneswar) qualified boy, working as Manager, Talent Acquisition in a Bangalore based IT-AI company, presently working from home (Dhenkanal Town). Bride from Karana/ Kshatriya/ Khandayat family is preferred. Contact- Father (Call -9937717427, Whatsapp -9438772415). D-2651


REAL ESTATE

SALE

LIG House (136, 137, 138, 139) for sale at Sector- 3, Niladri Vihar, Near Pani Tanki, Bhubaneswar. Contact- 9437229575. D-2649

Email ମାଧ୍ୟମରେ କ୍ଲାସିଫାଏଡ୍‌ରେ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଟଙ୍କପାଣି ସାଇମନ୍ଦିରଠାରୁ 6 କିଲୋମିଟର ଦୂର BJEM-2 ପଛଭାଗ ଚିଙ୍ଗୁଡ଼ିଆ ଛକ ପାଖରେ 1900Sq.ft. ପାଚେରୀ ହୋଇଥିବା ଘରବାଡ଼ି ପ୍ଲଟ୍ ବିକ୍ରୟହେବ। ମୂଲ୍ୟ 28.5ଲକ୍ଷ। ଯୋଗାଯାଗ- 9438220432/ 8144658008. D-2642

Construct Your Home With Tata Rod, Ultratech Cement, Colour Electrical, PHD, Door Complete 1350/-. 9827152441. D-2650

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରେ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- **9438362273.** D-12

ONE COMMERCIAL cm, RESIDENTIAL PLOT 2400 Sqft., NH-316 ROAD SIDE, 10 km from Phulanakhara, 15 km from Bhubaneswar, COST 55 LAKHS, in place of 65 lakhs. Pl contact me immediately who can purchase within 15 days. 7809525452. D-215

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

2 Gharabari, Boundarywall and Electricity facility plot sale (each plot measuring 2600sqft 40×65) near Gudiapokhari Bhubaneswar, cost@2200 per sqft fix price. Mobile-9938867397. D-2643


FOR RENT

Newly made 2BHK flat in Shreeram Residency Apartment near Ram Mandir, Uttara Chhak, Bhubaneswar for domestic purpose in urgent basis. Contact- 9861074590. D-2652

1000sq.ft. open area with surrounding boundary wall. Available for rent at Mancheswar Industrial Estate. Water & electricity available. Contact- 8637280147. D-2656


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Healthcare

All type of physiotherapy, contact Number- 9556924059/ 765696134, Jharapada. D-1603

AFFIDAVIT

I, Sanjaya Kumar Padhiali, formerly called as Sanjaya Ku Padhiali, S/o.- Dandapani Padhiali, permanent resident of At/P.O.- Konkorada, P.S.- Pattapur, Dist.- Ganjam, Odisha, PIN- 761144, currently residing P.O.- Konkorada, P.S.- Pattapur, Dist.- Ganjam, Odisha, PIN- 761144 do hereby Solemnly affirm and state that formerly I was known as Sanjaya Ku Padhiali. Now onwards I will be known with my new name as Sanjaya Kumar Padhiali for all purposes. Hence I filed an affidavit before THE NOTARY PUBLIC, BERHAMPUR, GANJAM on 22.11.2022 bearing No. A-795. Sd/- Sanjaya Kumar Padhiali D-2655

I, Susama Sahoo, W/o.- Surendra Sahoo, Vill./P.O.-Goradia, P.S.- Kamakhyanagar, Dist.- Dhenkanal, Odisha-759023 have changed my name from SUSILA SAHOO to SUSAMA SAHOO, Dtd.- 21.11.2025 before Executive Magistrate, Dhenkanal. D-2653

I, FAKIR CHARAN MALLIK, S/o.- Late Achuta Mallick, Resident of At- Budhapada, P.O.- Anakhia, P.S.- Biridi, Dist.- Jagatsinghpur, PIN- 754102, Odisha declare by this affidavit No.- 12066, Dated- 20.11.2025, that I have changed my name from FAKIR CHARAN MALLIK to FAKIR CHARAN MALLICK. Henceforth, I Shall be known as FAKIR CHARAN MALLICK for all purposes. D-2654

LOST

ମୁଁ, ରଶ୍ମୀ ରାଉତରାୟ, ବାସିନ୍ଦା ପ୍ଲଟ୍ ନଂ.୧୫୭, ୟୁନିଟ- ୪, ମଧୁସୂଦନ ନଗର, ଭୁବନେଶ୍ୱର ୭୫୧୦୦୧, ଖୋର୍ଦ୍ଧା, ଓଡ଼ିଶା, ଏତଦ୍ୱାରା ଘୋଷଣା କରୁଅଛି ଯେ, ପ୍ଲଟ୍ ନଂ.୧୫୭, ଡ୍ରଇଂ ନଂ. ୭୮୮, ଖାତା ନଂ. ୧୬୯ ସମ୍ବନ୍ଧିତ ହସ୍ତାନ୍ତରଣ ଦଲିଲ ସମ୍ବଳିତ ମୂଳ ଆର୍‌ଓଆର୍ ଏବଂ ଜିଏ ବିଭାଗର ଚୂଡ଼ାନ୍ତ ଆଦେଶ ତା.୨୬।୧୦।୨୦୨୫ରିଖରେ କେଉଁଠି ହଜିଯାଇଛି । ଯଦି କେହି ତାହାର ସନ୍ଧାନ ପାଆନ୍ତି ଦୟାକରି କରି ମୋ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ । ଧ-୨୬୫୮

ମୁଁ ଶ୍ରୀକାନ୍ତ କୁମାର ସାହୁ, ପି.- ଗଙ୍ଗାଧର ସାହୁ, ଗ୍ରାମ- ହାଟୁଆରୀ, ପୋ.- ବଡ଼ସୁଆଳ, ଥାନା- କାମାକ୍ଷାନଗର, ଜିଲ୍ଲା- ଢେଙ୍କାନାଳ, ଘୋଷଣା କରୁଅଛି, ମୋ ନାମରେ ଥିବା ପଟ୍ଟା ଖାତା ନଂ.- ୩୦୬/୩୯, ପ୍ଲଟ୍ ନଂ.- ୩୩୨୦, ଶାରଦ ତିନି ଘୁଷୁରୀପଦା, ବଡ଼ସୁଆଳ, କେଉଁଠାରେ ତା.୧୩।୧୧।୨୦୨୫ ରିଖ ଦିନ ହଜିଯାଇଛି। ଯଦି କେହି ଏହାକୁ ପାଇଥାନ୍ତି, ୯୪୩୭୩୦୪୪୪୫ କିମ୍ବା ୮୮୯୫୦୮୬୧୩୬ (ଆଇନଜୀବୀ) ନମ୍ବରରେ ଜଣାଇବାକୁ ଅନୁରୋଧ। ଶ୍ରୀକାନ୍ତ କୁମାର ସାହୁ ଦୂରଭାଷ ନଂ.- ୯୪୩୭୩୦୪୪୪୫. ଧ-୨୬୫୭

# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତ ସୁରେଶ କୁମାର ସାହୁ
(ଶଙ୍କର ମହାଜନ)
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ
ହା. ସା- ଟଙ୍କପାଣି ରୋଡ, ଭୁବନେଶ୍ୱର
ଆବିର୍ଭାବ- ୧୪.୦୪.୧୯୫୧
ତିରୋଧାନ- ୧୩.୧୧.୨୦୨୫
ତୁମ ସ୍ନେହ ଶ୍ରଦ୍ଧା ଆଶିଷ ଆଉ କରୁଣା ବାରି, ବରଷୁଥାଉ ଏମିତି ତୁମ ସ୍ମୃତିରୁ ଝରି।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ-
ଝରଣା ସାହୁ, ପୁତ୍ର- ବ୍ରି ପ୍ରସାଦ, ବନ୍ଧୁ ଓ ପରିବାରବର୍ଗ

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତା ଦମୟନ୍ତୀ ଦେଈ
ଆବିର୍ଭାବ- ୧୫.୧୧.୧୯୪୮
ତିରୋଧାନ- ରମ୍ଭା ତୃତୀୟା ୦୧.୧୧.୨୦୦୨
ଦେଈ ତୁ ଆଜକୁ ଦୀର୍ଘ ୨୩ ବର୍ଷ ହେଲା ଏ ସଂସାର ଛାଡି ଚାଲି ଗଲୁଣି, କିନ୍ତୁ ତୋ ସ୍ମୃତି ଆଜି ବି ତୋତେ ମୋ ମନ ଭିତରେ ଜୀବିତ ରଖିଅଛି। ତୁ ଯେଉଁ ଜଗତର ନାଥ ଜଗନ୍ନାଥଙ୍କୁ ସବୁବେଳେ ପୂଜା କରୁଥିଲୁ, ମୋର ତାଙ୍କ ପାଖରେ ଏତିକି ଗୁହାରୀ ସେ ତାଙ୍କ ପାଦ ପଦ୍ମରେ ତୋତେ ରଖିଥାଆନ୍ତୁ।
ଇତି
ତୋର ହତଭାଗିନୀ ଝିଅ
ପିଙ୍କୁ

## ୧୩ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତ ଶ୍ୟାମ ସୁନ୍ଦର ସାହୁ
ଲିଙ୍ଗିପୁର, ଭୁବନେଶ୍ୱର
ତିରୋଧାନ- ୧୫.୧୨.୨୦୧୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ସ୍ତ୍ରୀ- ଶକୁନ୍ତଳା, ପୁଅ- ଅମୂଲ୍ୟ, ଗଣେଶ, ଝିଅ- ସବିତା, ନାତି- ଆଦିତ୍ୟ,ଆର୍ଯ୍ୟ, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।


IN FOND MEMORY
BINOYA KUMAR DASH
(BUTU) OPS-1
Retd. Superitendent of Police.
Passed Away: 13th November 2025
The 11th Day Ritual will be held on 23rd November 2025 at Ghodabazar, Puri.
Those we love don't go away, they walk beside us every day.

# ଅଫିସ ଏଟିକେଟ୍ସ



ନିଜକୁ ଅଫିସ୍‌ରେ ଜଣେ ଭଲ କର୍ମଚାରୀର ପରିଚୟ ଦେବାକୁ ସମସ୍ତେ ଚାହାନ୍ତି, ଯାହାକି ଦକ୍ଷତା ବୃଦ୍ଧି ସହ ଜଣେ ଉତ୍ତମ କର୍ମଚାରୀ ଭାବେ ଭବିଷ୍ୟତରେ ପଦୋନ୍ନତିରେ ମଧ୍ୟ ସହଯୋଗ କରିଥାଏ। ହେଲେ କେବେକେବେ ନିଜର କେତେକ ଭୁଲ୍ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିଥାଏ। ତେଣୁ ଅଫିସ୍‌ରେ କ'ଣ କରିବା ଭଲ ଏବଂ କେଉଁସବୁ କାର୍ଯ୍ୟଠାରୁ ଦୂରେଇ ରହିବା ଆବଶ୍ୟକ ଜାଣିରଖନ୍ତୁ ଏଭଳି ଅଫିସ୍ ଏଟିକେଟ୍ସ ସମ୍ପର୍କରେ...

**ହୁଅନ୍ତୁ ସମୟାନୁବର୍ତ୍ତୀ:** ଜଣେ କର୍ମଚାରୀଙ୍କ ପାଇଁ ସବୁଠାରୁ ବଡ଼ ଅଫିସ୍ ଏଟିକେଟ୍ସ ହେଉଛି ସମୟାନୁବର୍ତ୍ତୀ। ତେଣୁ ସମୟର ମୂଲ୍ୟକୁ ବୁଝିବା ସହ ଠିକ୍ ଟାଇମ୍‌ରେ ଅଫିସ୍‌ରେ ପହଞ୍ଚନ୍ତୁ। କାରଣ ବିଳମ୍ବରେ ଅଫିସ୍‌ରେ ପହଞ୍ଚିବାର ଖରାପ ଅଭ୍ୟାସ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିଥାଏ। ତେଣୁ ଯଦି କେବେ ଡେରି ହୋଇଯାଉଛି ତେବେ ନିଜ ସିନିୟର୍‌ଙ୍କୁ ଏହି ବିଷୟରେ ଅବଗତ କରନ୍ତୁ।

**କାମରେ ଅବହେଳା କରନ୍ତୁ ନାହିଁ:** ଅଫିସ୍‌ରେ ନିଜ କାମକୁ ଯଥାସମୟରେ ଶେଷ କରିବାକୁ ଚେଷ୍ଟା କରନ୍ତୁ। ଅଫିସ୍ କାମ ସମୟରେ ଫୋନ୍‌ରେ ଗପିବା କିମ୍ବା ସୋସିଆଲ ମିଡିଆ ବ୍ୟବହାର କରିବାରେ ସମୟ ନଷ୍ଟ କରନ୍ତୁ ନାହିଁ। ଏଭଳି ଅଭ୍ୟାସ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ସବୁବେଳେ କର୍ମକ୍ଷେତ୍ରରେ ନିଜର ବେଷ୍ଟ ଫରଫର୍ମାନ୍ସ ଦେବାକୁ ଚେଷ୍ଟା କରନ୍ତୁ।

**ରଖନ୍ତୁନି ପ୍ରଶଂସା ଲୋଭ:** ଅନେକ କର୍ମଜୀବୀ ଏଭଳି ବି ଅଛନ୍ତି, ଯେଉଁମାନେ ନିଜର ପ୍ରତ୍ୟେକ କାର୍ଯ୍ୟକୁ କେହି ପ୍ରଶଂସା କରନ୍ତୁ ବୋଲି ଚାହାନ୍ତି। ଆଉ କେହି କେହି ପ୍ରଶଂସା ପାଇବା ଲୋଭରେ ଲୋକଦେଖାଣିଆ ଅଧିକ ଅଧିକ କାର୍ଯ୍ୟ କରନ୍ତି। ହେଲେ ସବୁବେଳେ ପ୍ରଶଂସା ପାଇବା ଆଶାରେ କାର୍ଯ୍ୟ କରିବା ଠିକ୍ ନୁହେଁ। ନଚେତ୍ ଏହା ଏକ ନିଶାରେ ପରିଣତ ହୋଇଯିବ ଏବଂ ଅନ୍ୟ କେହି ଭଲ କାମ ପାଇଁ ପ୍ରଶଂସା ପାଇଲେ ମନରେ ଈର୍ଷା, କ୍ରୋଧ ଭାବନା ସୃଷ୍ଟି ହେବ, ଯାହାକି ଆପଣଙ୍କ କାର୍ଯ୍ୟରେ ପ୍ରତିଫଳିତ ହେବ ଏବଂ ସଭିଙ୍କ ମନରେ ଆପଣଙ୍କ ପ୍ରତି ନକାରାତ୍ମକ ଭାବନା ସୃଷ୍ଟହେବ।

**ଭୁଲ୍ ଥିଲେ ମାନନ୍ତୁ ଏବଂ ସୁଧାରନ୍ତୁ:** ସମସ୍ତେ ସବୁ କାମରେ ପର୍‌ଫେକ୍ଟ ହୋଇ ନ ଥାନ୍ତି। ତେଣୁ ଧୀରେ ଧୀରେ କାମ ଶିଖି ନିଜ ଦକ୍ଷତା ବୃଦ୍ଧି ହୋଇଥାଏ। ତେଣୁ ଯଦି ଆପଣଙ୍କ ଦ୍ୱାରା କିଛି ଭୁଲ୍ ହୋଇଯାଇଛି, ତେବେ ଏହାକୁ ସ୍ୱୀକାର କରନ୍ତୁ। ଅନ୍ୟ କାହାକୁ ଦୋଷ ଦେବା କିମ୍ବା ଅନ୍ୟ କାହାର ଭୁଲ୍ ବାହାର କରିବା ପରିବର୍ତ୍ତେ ନିଜ ଭୁଲ ମାନି ନିଅନ୍ତୁ। ଏହାକୁ ଏକ ଶିକ୍ଷା ଭାବେ ଗ୍ରହଣ କରି ନିଜକୁ ସୁଧାରିବାକୁ ଚେଷ୍ଟା କରନ୍ତୁ।





**ଅଫିସ୍ ଗସିପ୍‌ଠୁ ଦୂରେଇ ରହନ୍ତୁ:** ଅନେକେ ଫାଙ୍କା ସମୟ ପାଇଲେ ଅଫିସ୍‌ରେ ଗସିପ୍ କରିବାରେ ଲାଗିପଡ଼ନ୍ତି। ହେଲେ ଏହାଦ୍ୱାରା ନା କେବଳ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ, ବରଂ ଏଥିପାଇଁ କେବେକେବେ ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସହ ଝଗଡ଼ା ହେବା ଭଳି ଅପ୍ରୀତିକର ପରିସ୍ଥିତି ବି ଉପୁଜିଥାଏ। ତେଣୁ ଯେତେସମ୍ଭବ ଗସିପ୍‌ରୁ ଦୂରେଇ ରୁହନ୍ତୁ। ଅଫିସ୍‌କୁ ନେଇ ନିଜର ବ୍ୟକ୍ତିଗତ ମତାମତ କିମ୍ବା ଅନ୍ୟ କୌଣସି କର୍ମଚାରୀଙ୍କ କଥା ଅନ୍ୟ କର୍ମଚାରୀଙ୍କ ସହ ଶେୟାର୍ କରନ୍ତୁ ନାହିଁ। ଅନେକ ଅଫିସ୍‌ରେ ଏକାଠି କେତେଜଣ ସାଙ୍ଗଙ୍କୁ ଜବ୍ କରିବାର ସୁଯୋଗ ମିଳିଥାଏ। ଯଦିଓ ସାଙ୍ଗମାନେ ଅଫିସ୍‌ରେ ଏକାଠି କାମ କରିବା ଦ୍ୱାରା ଆପଣଙ୍କୁ ଫ୍ରେଶ୍ ଲାଗିଥାଏ, ହେଲେ ମନେରଖନ୍ତୁ ସେ ବି ଅଫିସ୍‌ରେ ଆପଣଙ୍କ ପ୍ରତିଦ୍ୱନ୍ଦ୍ୱୀ। ତେଣୁ ଯଥାସମ୍ଭବ ସେମାନଙ୍କ ସହ ଗସିପଠାରୁ ମଧ୍ୟ ଦୂରେଇ ରହିବା ଭଲ।

**ନିନ୍ଦା ଅଭ୍ୟାସ ବଦଳାନ୍ତୁ:** ଅନେକ କର୍ମଚାରୀଙ୍କୁ ଅଫିସ୍‌ର ୱାର୍କ କଲ୍‌ଚର, ସହକର୍ମୀମାନଙ୍କ ବ୍ୟବହାର କିମ୍ବା ଏହାର ପରିବେଶ ଭଲ ଲାଗି ନ ଥାଏ। ଏଭଳି କ୍ଷେତ୍ରରେ ଅଫିସ୍ ପରିବର୍ତ୍ତନ କରିଦେବା ଏକ ଭଲ ନିଷ୍ପତ୍ତି। ହେଲେ ଅନେକେ ଏପରି ନ କରି ଅଫିସ୍, ଜବ୍ ଏବଂ ଏମ୍ପ୍ଲୟୀମାନଙ୍କ ବିରୋଧରେ ଏଣୁତେଣୁ ଗପିଥା'ନ୍ତି ବା ଏହାର ନିନ୍ଦା କରିଥା'ନ୍ତି। ହେଲେ ମନେରଖନ୍ତୁ ଅଫିସ୍‌କୁ ନିଜର ଭାବିବା ଏବଂ ସମ୍ପୂର୍ଣ୍ଣ ନିଷ୍ଠାର ସହ କାମ କରିବା ହିଁ ଜଣେ ଭଲ କର୍ମଜୀବୀର ପରିଚୟ। ତେଣୁ ସହକର୍ମୀ କିମ୍ବା ସିନିୟରଙ୍କ ଆଗରେ କଥା କଥାରେ ଅଫିସ୍‌କୁ ବଦନାମ କିମ୍ବା ନିନ୍ଦା କରିବା ଠିକ୍ ନୁହେଁ।

**ଅଫିସ୍ ପ୍ରତ୍ୟେକଙ୍କ ପାଇଁ ଦ୍ୱିତୀୟ ଘର ସଦୃଶ। କାରଣ ଏହା ହେଉଛି କର୍ମଭୂମି। ତେଣୁ ପ୍ରତ୍ୟେକ କର୍ମଜୀବୀ, ବିଶେଷକରି ନୂଆ ନୂଆ ଜବ୍ ଆରମ୍ଭ କରିଥିବା ଯୁବପିଢିଙ୍କ ଲାଗି କର୍ମକ୍ଷେତ୍ରରେ ନିଜକୁ ଜଣେ ଦକ୍ଷ ତଥା ସଚ୍ଚୋଟ କର୍ମଚାରୀର ପରିଚୟ ଦେବାକୁ ହେଲେ କେତେକ ଅଫିସ୍ ଏଟିକେଟ୍ସ ପାଳନ କରିବା ନିହାତି ଆବଶ୍ୟକ...**

**ବିଶ୍ୱସ୍ତ ହୁଅନ୍ତୁ:** ସଚ୍ଚୋଟପଣିଆ ମଣିଷର ଏକ ବଡ଼ ଗୁଣ। ଅଫିସରେ ଯଦି କେହି ଆପଣଙ୍କୁ ବିଶ୍ୱାସରେ କିଛି କୁହନ୍ତି, ତେବେ ତାହାକୁ ଗୋପନ ରଖନ୍ତୁ। ଜଣଙ୍କ କଥା ଅନ୍ୟ ଆଗରେ କୁହନ୍ତୁ ନାହିଁ କିମ୍ବା ଅଫିସ ରାଜନୀତିରେ ମୁଣ୍ଡ ଖେଳାନ୍ତୁ ନାହିଁ। ସେହିପରି ନିଜକୁ ବିଶ୍ୱସ୍ତ କର୍ମଚାରୀର ପରିଚୟ ଦେବା ଲାଗି ଅନ୍ୟ କର୍ମଚାରୀଙ୍କ ଭୁଲ୍ ସମ୍ପର୍କରେ ବସ୍‌ଙ୍କ ଆଗରେ ଆଦୌ କୁହନ୍ତୁ ନାହିଁ। କାରଣ ଏପରି କରିବା ଦ୍ୱାରା ନା କେବଳ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିବ, ବରଂ ଆପଣଙ୍କ ପ୍ରତି ଅନ୍ୟମାନେ ବିଶ୍ୱାସ ହରାଇପାରନ୍ତି।

**ଆଉଟ୍‌ଫିଟ୍ ଓ ବଡିଲାଙ୍ଗୁଏଜ୍ ପ୍ରତି ଯତ୍ନଶୀଳ ହୁଅନ୍ତୁ:** ଅଫିସ୍‌ରେ ସିନିୟର୍ ଜୁନିଅର ସମସ୍ତଙ୍କ ପ୍ରତି ବ୍ୟବହାର ଠିକ୍ ରଖନ୍ତୁ। ଆଉଟ୍‌ଫିଟ୍‌କୁ ଫର୍ମାଲ୍ ରଖନ୍ତୁ ଏବଂ ନିଜର ବସିବା, ଚାଲିବା, କଥା କହିବା ଶୈଳୀକୁ ମଧ୍ୟ ମାର୍ଜିତ ରଖନ୍ତୁ। କାରଣ ଆଉଟ୍‌ଫିଟ୍ ଏବଂ ବଡିଲାଙ୍ଗୁଏଜ୍ ମଧ୍ୟ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଇଥାଏ।





## ଏ ସପ୍ତାହର ପ୍ରଶ୍ନ ?

୧– ଏନ୍‌ସିଡିସିର ଫୁଲ୍‌ଫର୍ମ .......... ?
୨– ଖ୍ରୀଷ୍ଟମାସ ଆଇଲାଣ୍ଡ ........ ମହାସାଗରରେ ଅବସ୍ଥିତ ?
୩– ............ ଦେଶର ନୌସେନା ଦ୍ୱାରା ନିକଟରେ ଦି ଫୁଜିଆନ୍ ଏୟାରକ୍ରାଫ୍ଟ କ୍ୟାରିୟର ଆରମ୍ଭ କରାଯାଇଛି ?
୪– ସୈଦ୍ ମୁସ୍ତାକ୍ ଅଲ୍ଲୀ ଟ୍ରଫି ............. ଖେଳରେ ପ୍ରଦାନ କରାଯାଏ ?
୫– ଡଲ୍‌ଫିନ୍ ଆମ୍ବୁଲାନ୍ସ ଇନିସିଏଟିଭ୍ ............. ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି ?

## ଗତ ଥରର ଉତ୍ତର

୧ ଉତ୍ତରପ୍ରଦେଶ
୨ ପଞ୍ଚାୟତିରାଜ, ଶିକ୍ଷା ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ
୩ ଗଭର୍ନମେଣ୍ଟ ଇ–ମାର୍କେଟ୍‌ପ୍ଲେସ୍ ପୋର୍ଟାଲ୍
୪ ଓରିଏଣ୍ଟିଆ ସୁସୁଗାମୁଣି
୫ ଯମୁନା ନଦୀ

## ଉତ୍ତରଦାତା


ପ୍ରଦୀପ କୁମାର ନାଏକ, ବଲାଙ୍ଗୀର


ନରେଶ ଚନ୍ଦ୍ର ପ୍ରଧାନ, ସୁକିନ୍ଦା


ଶେଖ୍ ୟାକୁବ୍ ଗୋପ

## ଟପ୍ ଟେନ୍ ୧୦

**ସର୍ବାଧିକ ବ୍ୟବହୃତ ସର୍ଚ୍ଚ ଇଞ୍ଜିନ୍–୨୦୨୫**

୧ ........ ଗୁଗଲ୍
୨ ........ ମାଇକ୍ରୋସଫ୍ଟ ବିଙ୍ଗ୍
୩ ........ ୟାହୁ
୪ ........ ବାଇଡୁ
୫ ........ ୟାଣ୍ଡେକ୍ସ
୬ ........ ଡକ୍‌ଡକ୍‌ଗୋ
୭ ........ ଆସ୍କ.କମ୍
୮ ........ ଇକୋସିଆ
୯ ........ ଏଓଏଲ୍. କମ୍
୧୦ ........ ଇଣ୍ଟରନେଟ୍ ଆର୍କାଇଭ୍

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। ଇ–ମେଲ୍ ଠିକଣା: dharitriagamiasha@gmail.com

## ୟୁଥ୍ ଆଲର୍ଟ

# ପାଚନ ସମସ୍ୟା ଦୂରକରେ ମୁଦ୍ରା ଥେରାପି

**କୁହାଯାଏ ସୁସ୍ଥ ପେଟ, ସୁସ୍ଥ ସ୍ୱାସ୍ଥ୍ୟ। ତେଣୁ ଯେଉଁମାନଙ୍କ ଠାରେ ହଜମକ୍ରିୟା ବାଧାପ୍ରାପ୍ତ ହୁଏ ସେମାନଙ୍କଠାରେ ଗ୍ୟାସ୍, ଏସିଡିଟିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ପେଟଜନିତ ସମସ୍ୟା ଉପୁଜିଥାଏ। ବର୍ତ୍ତମାନ ଅନେକଙ୍କଠାରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ତେବେ ଏହାକୁ ଦୂର କରିବା ଲାଗି ସନ୍ତୁଳିତ ଖାଦ୍ୟାଭ୍ୟାସ ସହ ପ୍ରତିଦିନ କେତୋଟି ମୁଦ୍ରା ଅଭ୍ୟାସ କଲେ ପାଚନ ସମସ୍ୟା ଦୂର ହୋଇଥାଏ...**

**ବାୟୁ ମୁଦ୍ରା:** ଏହି ମୁଦ୍ରା ଶରୀରରେ ଥିବା ଅତିରିକ୍ତ ବାୟୁ ବାହାର କରି ଗ୍ୟାସ୍, ହାକୁଟି, ପେଟ ଫୁଲିବା ଭଳି ସମସ୍ୟା ଦୂର କରିବାରେ ବେଶ୍ ସାହାଯ୍ୟ କରିଥାଏ। ଏଥିପାଇଁ ଏକ କମ୍ଫର୍ଟେବଲ୍ ପୋଜିଶନ୍‌ରେ ବସିଯାଆନ୍ତୁ ଏବଂ ପିଠିକୁ ସିଧା ରଖନ୍ତୁ। ହାତର ବୁଢ଼ା ଆଙ୍ଗୁଠି ମୂଳରେ ତର୍ଜନୀ ଆଙ୍ଗୁଠିକୁ ମୋଡ଼ି ଲଗାଇ ୧୦–୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଠିଆ ହୋଇ ମଧ୍ୟ ଏହି ମୁଦ୍ରା କରିପାରିବେ। ଖାଇବାର ଏକ ଘଣ୍ଟା ପରେ ଏହି ମୁଦ୍ରା କରିବା ଭଲ।

**ଅପାନ ମୁଦ୍ରା:** ଏହି ମୁଦ୍ରା ଶରୀରକୁ ଶୁଦ୍ଧ ବା ଡିଟକ୍ସ କରିବା, ହଜମ କ୍ରିୟାକୁ ଭଲ ରଖିବା, କୋଷ୍ଠକାଠିନ୍ୟ ଦୂର କରିବା ସହ ଅବସାଦମୁକ୍ତ ରଖିବା ଲାଗି ବେଶ୍ ଉପକାରୀ। ଏହାକୁ କରିବା ଲାଗି ସିଧା ହୋଇ ଚକାମାଡ଼ି ବସନ୍ତୁ ଏବଂ ମେରୁଦଣ୍ଡ ସିଧା ରଖନ୍ତୁ। ହାତର ତର୍ଜନୀ, ମଧ୍ୟମା ଏବଂ ଅନାମିକା ଆଙ୍ଗୁଠିର ଅଗ୍ର ଭାଗକୁ ଯୋଡ଼ି ଆଣ୍ଠୁ ଉପରେ ରଖନ୍ତୁ ଏବଂ ଅନ୍ୟ ଦୁଇ ଆଙ୍ଗୁଠି ସିଧା ରଖନ୍ତୁ। ସକାଳେ କିମ୍ବା ସନ୍ଧ୍ୟାରେ ଖାଲି ପେଟରେ ୧୦–୧୫ ମିନିଟ୍ ଏହି ମୁଦ୍ରା କରନ୍ତୁ, ଉପକୃତ ହେବେ।

**ପୁଷଣ ମୁଦ୍ରା:** ବଦହଜମି, ଭୋକ ନ ଲାଗିବା ଭଳି ବିଭିନ୍ନ ପେଟ ସମସ୍ୟା ଦୂର କରିବା ଲାଗି ଏହି ମୁଦ୍ରା କରିବା ଭଲ। ଏଥିରେ ଦୁଇ ହାତର ମୁଦ୍ରା ଅଲଗା ହୋଇଥାଏ। ଏହାକୁ କରିବା ପାଇଁ ସିଧା ହୋଇ ବସିପଡ଼ନ୍ତୁ। ଡାହାଣ ହାତର ତର୍ଜନୀ ଓ ମଝି ଆଙ୍ଗୁଠି ସହ ବୁଢ଼ା ଆଙ୍ଗୁଠିର ଆଗକୁ ଯୋଡ଼ି ଆଣ୍ଠୁ ଉପରେ ରଖନ୍ତୁ। ସେହିପରି ବାମହାତର ବୁଢ଼ା ଆଙ୍ଗୁଠି ସହ ମଝି ଏବଂ ଅନାମିକା ଆଙ୍ଗୁଠିର ଆଗକୁ ଯୋଡ଼ି ଆଣ୍ଠୁ ଉପରେ ରଖନ୍ତୁ। ଏହି ସ୍ଥିତିରେ ୧୦–୩୫ ମିନିଟ୍ ରଖନ୍ତୁ।



## ଜାଣନ୍ତୁ ଦୁନିଆ

# ବ୍ଲାକ୍ ସ୍ୟାଣ୍ଡ ବିଚ୍

**ପୃଥିବୀରେ ଅନେକ ସମୁଦ୍ରକୂଳ ରହିଛି, ଯାହାକି ଏହାର ସୌନ୍ଦର୍ଯ୍ୟ କିମ୍ବା ନିଆରା ବେଳାଭୂମିକୁ ନେଇ ପୃଥିବୀ ପ୍ରସିଦ୍ଧ। ସେହିଭଳି କେତେକ ବେଳାଭୂମି ଏହାର କଳା ବାଲିକୁ ନେଇ ଚର୍ଚ୍ଚିତ, ଯିଏକି ବ୍ଲାକ୍ ସ୍ୟାଣ୍ଡ ବିଚ୍ ଭାବେ ପରିଚିତ। ତେବେ ଏହି ବେଳାଭୂମି ବାଲିର ରଙ୍ଗ କଳା ହେବାର ମୁଖ୍ୟ କାରଣ ହେଉଛି, ସେଠାରେ ହୋଇଥିବା ଆଗ୍ନେୟ ଉଦ୍‌ଗିରଣ। ଜାଣନ୍ତୁ ଏଭଳି କେତୋଟି ବେଳାଭୂମି ସମ୍ପର୍କରେ...**



**ରେନିସ୍ଫଜାରା ବିଚ୍, ଆଇସ୍‌ଲାଣ୍ଡ:** ଏହି ବେଳାଭୂମି ବ୍ଲାକ୍ ସ୍ୟାଣ୍ଡ ବିଚ୍ ଭାବେ ପୃଥିବୀ ପ୍ରସିଦ୍ଧ, ଯେଉଁଥିପାଇଁ ଏଠାରେ ବହୁସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ତେବେ ଏହାର କଳା ବାଲି ପର୍ଯ୍ୟଟକଙ୍କୁ ଯେତିକି ଆକୃଷ୍ଟ କରିଥାଏ, ଏଠାରେ ସୃଷ୍ଟି ହେଉଥିବା ଶକ୍ତିଶାଳୀ ଜୁଆର ବା ସ୍ନିକର ୱେଭ୍ ସେତିକି ଭୟଙ୍କର ମଧ୍ୟ। କାରଣ ଏହା ଖୁବ୍ ଜୋର୍‌ରେ ଏବଂ ବହୁତ ଆଗକୁ ମାଡ଼ିଆସିଥାଏ, ଯଦ୍ଦ୍ୱାରା ଅଧିକାଂଶ ପର୍ଯ୍ୟଟକ ଏଥିରେ ଭାସିଯାଆନ୍ତି। ଏମିତିକି ଏହା ଯୋଗୁ ଅନେକ ପର୍ଯ୍ୟଟକଙ୍କର ସେଠାରେ ପ୍ରାଣହାନି ମଧ୍ୟ ଘଟିଛି। ତା'ଛଡ଼ା ଏଠାରେ ପାଣିର ତାପମାତ୍ରା ମଧ୍ୟ ବହୁତ କମ୍, ଯେଉଁଥିପାଇଁ ଏହି ପାଣି ସଂସ୍ପର୍ଶରେ ଆସୁଥିବା ପର୍ଯ୍ୟଟକଙ୍କୁ ଅଧିକ ଥଣ୍ଡା ଯୋଗୁ ହାଇପୋଥର୍ମିଆ ହୋଇଥାଏ ଏବଂ ମୃତ୍ୟୁର ଆଶଙ୍କା ବି ବୃଦ୍ଧି ପାଇଥାଏ। ତେଣୁ ସେହି ବେଳାଭୂମିରେ ପର୍ଯ୍ୟଟକଙ୍କ ନିମନ୍ତେ ସତର୍କ ସୂଚନା ଲେଖାଥିବା ବୋର୍ଡ ଲଗାଯାଇଛି।

**ପାନୁଲୁ ବିଚ୍, ହାୱାଇ, ଗ୍ରୀସ୍:** ଏହି ବିଚ୍‌ରେ ଥିବା ବାଲି ମଧ୍ୟ କଳା। କାରଣ ହାୱାଇ ଭଲ୍କାନୋଜ୍ ନ୍ୟାଶନାଲ୍ ପାର୍କରେ ମଝିରେ ମଝିରେ ହେଉଥିବା ଆଗ୍ନେୟ ଉଦ୍‌ଗିରଣ ସମୟରେ ଏହି ବିଚ୍ ଦେଇ ଲାଭା ସମୁଦ୍ର ପାଣିରେ ପ୍ରବେଶ କରିଥାଏ। ଏଥିଯୋଗୁ ବହୁ ପାରିମାଣରେ ବାସଲ୍ଟ ଜମା ହୋଇ ଏହାର ରଙ୍ଗ କଳାରେ ପରିଣତ ହୋଇଯାଇଛି। ଏଠାରେ ମଝିରେ ମଝିରେ ବିଲୁପ୍ତପ୍ରାୟ ହକ୍ସବିଲ୍ ଏବଂ ଗ୍ରୀନ୍ ଟର୍ଟଲ୍ ଦେଖାଯାଆନ୍ତି, ଯାହାକି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଏହି ବିଚ୍‌ରେ ବଡ଼ ବଡ଼ ପଥର ଥିବାରୁ ପହଁରିବା ବିପଦପୂର୍ଣ୍ଣ।

**ମିହୋ ବିଚ୍, ଶିମିଜୁ, ଜାପାନ:** ଏହା ହେଉଛି ଜାପାନର ସବୁଠୁ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଗୋଟିଏ। ଏଠାରେ ଥିବା କଳା ରଙ୍ଗର ଛୋଟ ଛୋଟ ପଥରର ବେଳାଭୂମିକୁ ଚତୁଃପାର୍ଶ୍ୱରୁ ଘେରି ରହିଥିବା ଘଞ୍ଚ ପାଇନ୍ ଗଛଗୁଡ଼ିକ ଏହାର ସୌନ୍ଦର୍ଯ୍ୟକୁ ଅଧିକ ଆକର୍ଷଣୀୟ କରିଥାଏ। ତେବେ ଖରାଦିନେ ଏଠାରେ ଆୟୋଜିତ ହେଉଥିବା ବିଭିନ୍ନ ପ୍ରକାରର ୱାଟର ସ୍ପୋର୍ଟ୍ସ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ।

**ତିଲ୍‌ମାତି ବିଚ୍, କରୱାର୍, କର୍ଣ୍ଣାଟକ:** ଆମ ଦେଶରେ ମଧ୍ୟ କେତୋଟି ବେଳାଭୂମିରେ କଳା ବାଲି ଦେଖିବାକୁ ମିଳେ, ଯାହା ମଧ୍ୟରୁ ତିଲ୍‌ମାତି ବିଚ୍ ଅନ୍ୟତମ। ଏଠାରେ ଥିବା ବାଲି କଳା ରାଶି ବା ତିଳ ଭଳି ଦେଖାଯାଉଥିବାରୁ ଏହାର ନାମ ଏପରି ରଖାଯାଇଛି। ଏହାର ଚତୁଃପାର୍ଶ୍ୱରେ ବାସାଲ୍ଟିକ୍ ପଥର ଏବଂ ସୁନ୍ଦର ଗଛଲତା ଭରି ରହିଛି, ଯାହାକି ଏହାର ଦୃଶ୍ୟକୁ ଅତ୍ୟନ୍ତ ସୁନ୍ଦର କରିଥାଏ। କୁହାଯାଏ ବାସାଲ୍ଟିକ୍ ପଥର ଥିବାରୁ ଏଠାରେ ଥିବା ବାଲି ପ୍ରାକୃତିକ ରୂପେ କଳା। ତେବେ ଏହି ବିଚ୍‌ରେ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟର ଦୃଶ୍ୟ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଥାଏ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୨୩ ନଭେମ୍ବର, ୨୦୨୫ Bhubaneswar, Sunday, 23 November, 2025

# ଆଶେସ ଇତିହାସରେ ୧୦୦ ବର୍ଷରେ ପ୍ରଥମ

## ଦୁଇ ଦିନରେ ଖେଳ ଶେଷ

## ହେଡ୍‌ଙ୍କ ଶତକ; ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟୀ

**ପର୍ଥ, ୨୨।୧୧**

ଅଷ୍ଟ୍ରେଲିଆ-ଇଂଲଣ୍ଡ ପ୍ରଥମ ଆଶେସ କ୍ରିକେଟ ଟେଷ୍ଟ ଦୁଇ ଦିନରେ ଶେଷ ହୋଇଛି। ଫାଷ୍ଟ ବୋଲରଙ୍କ ପ୍ରାଧାନ୍ୟ ବିଶିଷ୍ଟ ଏହି ଟେଷ୍ଟରେ ଟ୍ରାଭିସ୍ ହେଡ୍ ବିସ୍ଫୋରକ ବ୍ୟାଟିଂ କରି ଶତକ ହାସଲ କରିବା ସହ ଅଷ୍ଟ୍ରେଲିଆକୁ ୮ ଉଇକେଟରେ ବିଜୟୀ କରିଛନ୍ତି। ପ୍ରଥମ ଇନିଂସରେ ଇଂଲଣ୍ଡ ୧୭୨ ଓ ଅଷ୍ଟ୍ରେଲିଆ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା। ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୩୪ ରନରେ ଅଲ୍‌ଆଉଟ ହେବାରୁ ଅଷ୍ଟ୍ରେଲିଆ ସମ୍ମୁଖରେ ୨୦୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଇନିଂସ ଓପନ କରିଥିବା ଟ୍ରାଭିସ ହେଡ୍ ମାତ୍ର ୬୯ ବଲ୍‌ରୁ ଶତକ ପୂରଣ କରିବା ସହ ୮୩ ବଲ୍‌ରୁ ୧୨୩ ରନ ସ୍କୋର କରି ଅଷ୍ଟ୍ରେଲିଆ ବିଜୟକୁ ସହଜ କରି ଦେଇଥିଲେ। ଜ୍ୟାକ ୱେଦରାଲ୍ଡ ୨୩ ରନ କରି ଆଉଟ ହୋଇଥିବାବେଳେ ମାର୍ନସ ଲାବୁସେନ ୫୧ ଓ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ୨ ରନରେ ଅପରାଜିତ ରହି ମାତ୍ର ୨୮.୨ ଓଭରରେ ଖେଳ ଶେଷ କରିଥିଲେ। କୌଣସି ଆଶେସ ଟେଷ୍ଟ ୨ ଦିନରେ ଶେଷ ହେବା ଗତ ୧୦୦ ବର୍ଷର ଇତିହାସରେ ଏହା ପ୍ରଥମ। ଶେଷଥର ପାଇଁ ୧୯୨୧ରେ ନଟିଂହାମଠାରେ ମ୍ୟାଚ ଦୁଇ ଦିନରେ ସମାପ୍ତ ହୋଇଥିଲା। ଏହା ବ୍ୟତୀତ ୧୮୮୮ରେ ଲର୍ଡ୍ସ, ଓଭାଲ, ମାଞ୍ଚେଷ୍ଟର ଏବଂ ୧୮୯୦ରେ ଓଭାଲଠାରେ ମଧ୍ୟ ଆଶେସ ଟେଷ୍ଟ ୨ ଦିନରେ ଶେଷ ହୋଇଥିଲା।

ଏଥର ପର୍ଥରେ ମୋଟ ୮୪୭ଟି ବଲ୍ ବୋଲିଂ ମଧ୍ୟରେ ଖେଳ ଶେଷ ହୋଇଥିଲା। ବଲ୍ ବୋଲିଂ ଦୃଷ୍ଟିରୁ ବିଂଶ ଶତାବ୍ଦୀର ଆରମ୍ଭରୁ ଏପର୍ଯ୍ୟନ୍ତ ଏହା ସବୁଠାରୁ ସର୍ଟେଷ୍ଟ ଆଶେସ ଟେଷ୍ଟ। ଏହି ଟେଷ୍ଟର ପ୍ରଥମ ଇନିଂସରେ ୭ ଓ ଦ୍ୱିତୀୟ ଇନିଂସରେ ୩ ଉଇକେଟ ସହ ମ୍ୟାଚରେ ୧୦ ଉଇକେଟ ସଫଳତା ପାଇଛନ୍ତି ମିଚେଲ ଷ୍ଟାର୍କ। ୧୯୯୧ରେ କ୍ରେଗ୍ ମ୍ୟାକ୍‌ଡର୍ମଟଙ୍କ ପରେ ଏହି ସଫଳତା ପାଇବାରେ ଷ୍ଟାର୍କ ହେଉଛନ୍ତି ପ୍ରଥମ ଖେଳାଳି। ଏଥିପାଇଁ ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ନିଜ ଶତକୀୟ ଇନିଂସ ମଧ୍ୟରେ ୧୬ ଚୌକା ଓ ୪ ଛକା ମାରିଥିବା ହେଡ୍ ୬୯ ବଲ୍‌ରୁ ଶତକ ପୂରଣ କରି ଦ୍ୱିତୀୟ ଦ୍ରୁତତମ ଅଷ୍ଟ୍ରେଲୀୟ ଖେଳାଳି ହୋଇଛନ୍ତି। ପୂର୍ବରୁ ଆଡାମ ଗିଲକ୍ରିଷ୍ଟ ୨୦୦୬ରେ ପର୍ଥଠାରେ ୫୭ ବଲ୍‌ରୁ ଶତକ ପୂରଣ କରି ରେକର୍ଡର ଅଧିକାରୀ ଅଛନ୍ତି।


ଶତକ ହାସଲ ପରେ ଟ୍ରାଭିସ ହେଡ୍।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୧୭୨। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୧୩୨। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୬୪/ଅଲଆଉଟ (ଗସ ଆଟକିନସନ-୩୭, ଓଲି ପୋପ୍-୩୩, ସ୍କଟ ବୋଲାଣ୍ଡ-୪/୩୩, ମିଚେଲ ଷ୍ଟାର୍କ-୩/୫୫, ବ୍ରେଣ୍ଡନ ଡଗେଟ-୩/୫୧)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୦୫/୨ (ଟ୍ରାଭିସ ହେଡ୍-୧୨୩, ମାର୍ନସ ଲାବୁସେନ-୫୧*, ବ୍ରେଡନ କାର୍ସ-୨/୪୪)।

# ଦ୍ୱିତୀୟ ଟେଷ୍ଟ: ଦକ୍ଷିଣ ଆଫ୍ରିକା ୨୪୭/୬

**ଗୁଆହାଟୀ, ୨୨।୧୧**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ବର୍ସାପାରା ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଛି। ବର୍ସାପାରା ଦେଶର ୩୦ତମ ଟେଷ୍ଟ ଭେନ୍ୟୁ ଭାବେ ପଦାର୍ପଣ କରିଛି। ପ୍ରଥମ ଦିବସରେ ଆଲୋକ ଅଭାବ ଯୋଗୁ ୮୧.୫ ଓଭରରେ ଖେଳ ବନ୍ଦ ରହିବା ବେଳକୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬ ଉଇକେଟ ହରାଇ ୨୪୭ ରନ ସଂଗ୍ରହ କରିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଦକ୍ଷିଣ ଆଫ୍ରିକା ଅଧିନାୟକ ଟେମ୍ବା ବଭୁମା। ଟପ୍ ଅର୍ଡରର ୪ ବ୍ୟାଟର ଏଡେନ ମାରକ୍ରମ (୩୮), ର୍ୟାନ ରିକେଲଟନ (୩୫), ଟ୍ରିଷ୍ଟନ ଷ୍ଟବ୍ସ (୪୯) ଓ ଅଧିନାୟକ ବଭୁମା (୪୧) ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଟେଷ୍ଟ କ୍ରିକେଟ ଇତିହାସରେ ପ୍ରଥମଥର ପାଇଁ କୌଣସି ଦଳର ଟପ୍ ଅର୍ଡରର ୪ ବ୍ୟାଟର ୩୫ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ ମଧ୍ୟ ଜଣେ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ମିଡିଲ ଅର୍ଡରର ଦୁଇ ବ୍ୟାଟର ଟୋନି ଡି ଜର୍ଜି ୨୮ ଓ ୱିଆନ ମୁଲ୍ଡର ୧୩ ରନ କରିବାକୁ ସକ୍ଷମ ହୋଇଥିଲେ। ଷ୍ଟମ୍ପ ବେଳକୁ ସେନୁରାନ ମୁଥୁସାମି ୨୫ ଓ କାଏଲ ଭେରେନ ୧ ରନରେ ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୩ ଉଇକେଟ ହାସଲ କରିଥିଲେ। ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଏହି ମ୍ୟାଚରେ ଆହତ ଶୁବମନ ଗିଲ୍‌ଙ୍କ ସ୍ଥାନରେ ସାଇ ସୁଦର୍ଶନ ଏବଂ ଅକ୍ଷର ପଟେଲଙ୍କ ସ୍ଥାନରେ ନୀତୀଶ କୁମାର ରେଡ୍ଡୀଙ୍କୁ ସ୍ଥାନ ମିଳିଛି। ମହେନ୍ଦ୍ର ସିଂ ଧୋନୀଙ୍କ ପରେ ରିଷଭ ପନ୍ତ ଦ୍ୱିତୀୟ ଉଇକେଟ କିପର ଭାବେ ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେଉଛନ୍ତି। ଧୋନୀ ୨୦୦୮ରୁ ୨୦୧୪ ମଧ୍ୟରେ ୬୦ ମ୍ୟାଚରେ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ।


କୁଲଦୀପ ଯାଦବ

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୪୭/୬ (ଏଡେନ ମାରକ୍ରମ-୩୮, ର୍ୟାନ ରିକେଲଟନ-୩୫, ଟ୍ରିଷ୍ଟନ ଷ୍ଟବ୍ସ-୪୯, ଟେମ୍ବା ବଭୁମା-୪୧, କୁଲଦୀପ ଯାଦବ-୩/୪୮, ଯଶପ୍ରୀତ୍ ବୁମ୍‌ରା-୧/୩୮, ମହମ୍ମଦ ସିରାଜ-୧/୫୯, ରବୀନ୍ଦ୍ର ଜାଡେଜା-୧/୩୦)।

## ଜାତୀୟ ଫୁଟବଲରେ ଏସ୍ଓବି-ଓଡ଼ିଶାର ସଫଳତା

# ମହିଳାଙ୍କୁ ସ୍ୱର୍ଣ୍ଣ, ପୁରୁଷ ଦଳକୁ ବ୍ରୋଞ୍ଜ


ସ୍ପେଶାଲ ଅଲିମ୍ପିକ୍ସ ଭାରତ ଜାତୀୟ ଫୁଟବଲ୍ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶାର ମହିଳା ଓ ପୁରୁଷ ଦଳ।

**ଭୁବନେଶ୍ୱର, ୨୨।୧୧ (ତପନ ସ୍ୱାଇଁ)**

କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ନଭେମ୍ବର ୧୭ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ଭାରତ (ଏସ୍ଓବି) ଜାତୀୟ ଫୁଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ସଫଳତା ଅର୍ଜନ କରିଛି। ଏଥିରେ ଓଡ଼ିଶା ମହିଳା ଦଳକୁ ସ୍ୱର୍ଣ୍ଣ ଏବଂ ପୁରୁଷ ଦଳକୁ ବ୍ରୋଞ୍ଜ ପଦକ ମିଳିଛି। ମହିଳା ଦଳ ପ୍ରତିଯୋଗିତାରେ ରାଜସ୍ଥାନକୁ ୪-୦, ଗୋଆକୁ ୫-୨ ଓ ମହାରାଷ୍ଟ୍ରକୁ ୬-୧ ଗୋଲ୍‌ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛି। ପୁରୁଷ ଦଳ ହରିୟାଣା, ଛତିଶଗଡ଼ ଓ ଉତ୍ତରାଖଣ୍ଡ ବିରୋଧରେ ଖେଳି ବ୍ରୋଞ୍ଜ୍ ପଦକ ହାସଲ କରିଥିଲା। ମହିଳା ଫୁଟବଲ ଦଳରେ ଅରିଦିତା ଚକ୍ରବର୍ତ୍ତୀ, ଦୁର୍ଗା ସିଂ, ଝରଣା ଦାସ, ରଶ୍ମିତା ଲାଗୁରି, ବର୍ଷା ମହାକୁଡ, ରାମେଶ୍ୱରୀ ବେହେରା ଓ ସୁପ୍ରିୟା ଭୋଇନା ସାମିଲ ଥିଲେ। ମମତା ମହାନ୍ତି ଓ ଆନନ୍ଦ ମୟୀ ବେଉରା ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ପୁରୁଷ ଦଳରେ ରାମ ବରିହା, ଦେବାଶିଷ, ନାରାୟଣ ମହାକୁଡ, ରଞ୍ଜିତ ଖୁଣ୍ଟିଆ, କୃଷ୍ଣା ଛତର, ସଞ୍ଜୀବ ବଞ୍ଜୋର୍ ଖେଳାଳି ଭାବେ ପ୍ରତିନିଧିତ୍ୱ କରିଥିଲେ। ବାଦଲ ମହାକୁଡ, ନନ୍ଦିକିଶୋର ବାଗ ଓ ସଞ୍ଜୟ ରଣା ପ୍ରଶିକ୍ଷକ ଥିଲେ। ଏସ୍ଓବି ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧକ୍ଷା ସୁନିତା ମୁଣ୍ଡ, ଉପାଧ୍ୟକ୍ଷ ଉମାକାନ୍ତ ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଓ ଅନ୍ୟ ସଦସ୍ୟ ଉଭୟ ଦଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଲକ୍ଷ୍ୟ ସେନ୍ ଫାଇନାଲରେ

**ସିଡ୍‌ନୀ, ୨୨।୧୧ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଅଷ୍ଟ୍ରେଲିଆନ ଓପନ ସୁପର ୫୦୦ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଏକ ୩ ଗେମ୍ ବିଶିଷ୍ଟ ସେମିଫାଇନାଲରେ ସେ ବିଶ୍ୱର ୬ନମ୍ବର ଖେଳାଳି ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କୁ ୧୭-୨୧, ୨୪-୨୨, ୨୧-୧୬ରେ ପରାସ୍ତ କରିଛନ୍ତି।

# ଭାଗନେବେ ଓଡ଼ିଶାର ୯୪ ସ୍କେଟର

## ଜାତୀୟ ରୋଲର ସ୍କେଟିଂ

**ଭୁବନେଶ୍ୱର, ୨୨।୧୧ (ବିଜୟ ରଣା)**

ଚଳିତବର୍ଷ ଶେଷ ଭାଗରେ ଅନୁଷ୍ଠିତ ହେବାକୁଥିବା ୬୩ତମ ଜାତୀୟ ରୋଲର ସ୍କେଟିଂ ପ୍ରତିଯୋଗିତାରେ ଭାଗନେବା ଲାଗି ଓଡ଼ିଶାର ୯୪ ଜଣ ସ୍କେଟର ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳର ନେତୃତ୍ୱ ନେବେ ଅଗ୍ରଣୀ ସ୍କେଟର ଆନାହିତା ମିଶ୍ର। ସେ ବର୍ତ୍ତମାନ ଇନ୍‌ଲାଇନ୍ ଫ୍ରିଷ୍ଟାଇଲ ସ୍ଲିଡ୍ ସାଲୋମ ଜୁନିୟର ମହିଳା କାଟେଗୋରି ବିଶ୍ୱ ର୍ୟାଙ୍କିଂରେ ୬ଷ୍ଠ ସ୍ଥାନରେ ରହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୨୫ ଓ ୨୬ରେ ଅନୁଷ୍ଠିତ ୧୨ତମ ଓଡ଼ିଶା ରାଜ୍ୟ ରୋଲର ସ୍ପୋର୍ଟ୍ସ ଚାମ୍ପିୟନଶିପ୍ ୨୦୨୫ ବେଳେ ଏହି ସ୍କେଟରମାନେ ପ୍ରଦର୍ଶନ ଭିତ୍ତିରେ ମନୋନୀତ ହୋଇଛନ୍ତି। ଏଥିରେ ୧୨ଟି ଜିଲାର ଦଳ ସ୍କେଟିଂର ୧୦ଟି ବିଭାଗ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମନୋନୀତ ସ୍କେଟରମାନଙ୍କ ତାଲିକାର ନକଲ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ନିକଟକୁ ପଠାଇ ଦିଆଯାଇଛି। ମନୋନୀତ ସ୍କେଟରମାନଙ୍କୁ ଜାତୀୟ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତି ଲାଗି ଆସୋଏଶନ ତରଫରୁ ଆବଶ୍ୟକ ସହଯୋଗ ଓ ସହାୟତା ଲୋଡ଼ାଯାଇଥିବା ଓଡ଼ିଶା ସ୍କେଟିଂ ଆସୋସିଏଶନ ସମ୍ପାଦକ ସତ୍ୟଜିତ ମହାନ୍ତିଙ୍କ ସୂତ୍ରରୁ ପ୍ରକାଶ।

## କ୍ରୀଡ଼ାକୁ ପ୍ରୋତ୍ସାହନ

# ରିଲାଏନ୍ସ ଫାଉଣ୍ଡେଶନ୍ ପୁରସ୍କୃତ

**ନୂଆଦିଲ୍ଲୀ:** ଫିକିର ୧୫ତମ ବିଶ୍ୱ କ୍ରୀଡ଼ା ସମ୍ମିଳନୀ (ଗ୍ଲୋବାଲ ସ୍ପୋର୍ଟ୍ସ ସମିଟ) 'ଟର୍ଫ ୨୦୨୫' (ଟିୟୁଆରଏଫ୍ ୨୦୨୫) ଏବଂ 'ଇଣ୍ଡିଆ ସ୍ପୋର୍ଟ୍ସ ଆୱାର୍ଡ୍ସ ୨୦୨୫'ରେ କ୍ରୀଡ଼ା କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ରିଲାଏନ୍ସ ଫାଉଣ୍ଡେଶନକୁ ସମ୍ମାନିତ କରାଯାଇଛ। ନୀତା ଏମ୍. ଅମ୍ବାନୀଙ୍କ ନେତୃତ୍ୱରେ, ରିଲାଏନ୍ସ ଫାଉଣ୍ଡେଶନ୍ ତୃଣମୂଳସ୍ତରରୁ ହାଇ-ପରଫର୍ମାନ୍ସ ସ୍ତର ପର୍ଯ୍ୟନ୍ତ କ୍ରୀଡ଼ାକୁ ସଶକ୍ତ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି। ରିଲାଏନ୍ସ ଫାଉଣ୍ଡେଶନକୁ କ୍ରୀଡ଼ାକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ କର୍ପୋରେଟ - ହାଇ ପରଫର୍ମାନ୍ସ (ବେଷ୍ଟ କର୍ପୋରେଟ୍ ପ୍ରମୋଟିଂ ସ୍ପୋର୍ଟ୍ସ-ହାଇ ପରଫର୍ମାନ୍ସ) ବର୍ଗରେ ପୁରସ୍କାର ମିଳିଛି। ଏହି ପୁରସ୍କାର ରିଲାଏନ୍ସ ଫାଉଣ୍ଡେସନର ଅଧକ୍ଷା ନୀତା ଏମ୍. ଅମ୍ବାନୀ ଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ସଦସ୍ୟ ହୋଇଥିବା ପ୍ରଥମ ଭାରତୀୟ ମହିଳା ଭାବରେ, ନୀତା ଅମ୍ବାନୀ ବିଶ୍ୱବ୍ୟାପୀ ଅଲିମ୍ପିକ୍ ଆନ୍ଦୋଳନକୁ ମଜଭୁତ କରିବା ଏବଂ ଭାରତର କ୍ରୀଡ଼ା ଆକାଂକ୍ଷାକୁ ଉଚ୍ଚ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତ। ନୀତା ଅମ୍ବାନୀ ଏହି ପୁରସ୍କାରକୁ ରିଲାଏନ୍ସ ଫାଉଣ୍ଡେଶନ ପରିବାର ଏବଂ ଦେଶର ଯୁବ କ୍ରୀଡ଼ାବିତଙ୍କୁ ଉତ୍ସର୍ଗ କରିଛନ୍ତି। ସେ କହିଛନ୍ତି, ଭାରତକୁ ଏକ ବିଶ୍ୱସ୍ତରୀୟ ବହୁବିଧ କ୍ରୀଡ଼ା ପାୱାରହାଉସରେ ପରିଣତ କରିବାର ସମୟ ଆସିଛି। ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ରହିଛି ଯେ, ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ